

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୧ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 JUNE 2022

Vol.No. 35 ■ No. 152 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ପେଗମ୍ବର ମହମ୍ମଦଙ୍କ ଉପରେ ବିବାଦୀୟ ବୟାନକୁ ନେଇ ବିବାଦ



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ପେଗମ୍ବର ମହମ୍ମଦଙ୍କ ଉପରେ ବିବାଦୀୟ ବୟାନକୁ ନେଇ ବିବାଦ ପଡିଚାଲିଛି । ପ୍ରୟାଗରାଜ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି ପରେ ବି ବିଭିନ୍ନ ସ୍ଥାନରେ ନମାଜ ପରେ ପ୍ରଦର୍ଶନ ହୋଇଛି । ପ୍ରୟାଗରାଜ, କାନପୁରରେ ଜୁମାରେ ନମାଜ ପରେ ପୋଲିସ ଉପରେ ପଥର ମାଡର ଚିତ୍ର ସାମ୍ନାକୁ ଆସିଛି । ନୂପୁର ଶର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ପୋଲିସ ତମାମ ପ୍ରୟାସ ପରେ ବି ପ୍ରଦର୍ଶନକାରୀ ନାରାଲଗାଇବା ସହିତ ପଥରମାଡ କରିଥିଲେ । ଲୋକେ ଛାତରୁ ପଥରମାଡ କରୁଥିବାର ଚିତ୍ର ମଧ୍ୟ ଦେଖିବାକୁ ମିଳିଛି । ପଥର ମାଡର ଜବାବ ଦେବାକୁ ଯାଇ ଆରଏଏଫ ଏବଂ ପିଏସସି ପକ୍ଷରୁ ଲାଠିଚାର୍ଜ ହୋଇଥିଲା । କରୋଲି ଥାନା ଅଟାଲା ଅଞ୍ଚଳରେ ପରିସ୍ଥିତିକୁ ଆଖିରେ ରଖି ବ୍ୟାପକ ପୋଲିସ ମୁତୟନ ହୋଇଥିଲେ । ତେବେ ପ୍ରଦର୍ଶନକାରୀ ନମାଜ ଶେଷ ହେବା ପରେ ନାରାବାଜି କରିଥିଲେ । ସେମାନଙ୍କ ଦାବି ରହିଥିଲା ଯେ, ନୂପୁର ଶର୍ମାଙ୍କୁ ଫାଶୀ ଦିଆଯାଉ । ସ୍ଥାନୀୟ ଡିଏମ ଏବଂ ଏଏସପି ଘଟଣାସ୍ଥଳରେ ଲୋକଙ୍କୁ ବୁଝାଇବା ପାଇଁ ଉଦ୍ୟମ କରିଥିଲେ କିନ୍ତୁ ଏହା ବିଫଳ ହୋଇଥିଲା । ବର୍ତ୍ତମାନ ସ୍ଥିତିରେ କିଛି ସମୟ ଅନ୍ତରାଳରେ ପଥରମାଡ ହେଉଛି । ପ୍ରଦର୍ଶନକାରୀ ପୋଲିସ ଉପରେ ଭାରିପଡିଛନ୍ତି । ଏହାକୁ ଦେଖି ପୋଲିସବାହିନୀ ପଛକୁ ହଟିଥିଲେ । ପୋଲିସ ଅନ୍ୟବାଟ ନପାଇ ଲୁହବୁହା ଗ୍ୟାସ ମଧ୍ୟ ଲୋକଙ୍କ ଉପରେ ପ୍ରୟୋଗ କରିଛି । ସ୍ଥିତି ଉତ୍ତେଜନା ପୂର୍ଣ୍ଣଥିବା ବେଳେ ଆନ୍ଦୋଳନକାରୀ ଆଗକୁ ବଢିବାରେ ଲାଗିଛନ୍ତି ।

# ଭୁବନେଶ୍ୱରରେ ପହଞ୍ଚିଲେ ଟିମ୍ ଇଣ୍ଡିଆ ଓ ଦକ୍ଷିଣ ଆଫ୍ରିକାର ଖେଳାଳି



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ବାରବାଟୀ ଟି-୨୦ ମ୍ୟାଚକୁ ନେଇ ସାରା ଓଡିଶାରେ ଜମିଲାଣି କ୍ରିକେଟ ମାହୋଲ । ଭୁବନେଶ୍ୱରରେ ଭାରତ ଏବଂ ଦକ୍ଷିଣ ଆଫ୍ରିକାର ଖେଳାଳି ପହଁଚିବା ପରେ ସେମାନଙ୍କୁ ମିଳିଛି ଭବ୍ୟ ସମ୍ବର୍ଦ୍ଧନା । ବିମାନବନ୍ଦର ଠାରୁ ଆରମ୍ଭ କରି ମେ ଫେୟାର ପର୍ଯ୍ୟନ୍ତ କ୍ରୀଡ଼ାପ୍ରେମୀ କ୍ରିକେଟ ହିରୋଙ୍କୁ ସ୍ୱାଗତ କରିଛନ୍ତି । ଭବ୍ୟ, ଦିବ୍ୟ ଓ ଆକର୍ଷଣୀୟ । ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ଭୁବନେଶ୍ୱରରେ ପହଁଚିବା ପରେ ସେମାନଙ୍କୁ ଓଡିଆ ପରମ୍ପରା ଓ ରୀତିନୀତି ଅନୁସାରେ ଭବ୍ୟ ସ୍ୱାଗତ କରାଯାଇଛି । ବାଜା ବଜାଇ , ଶଙ୍ଖ ଫୁଙ୍କି , ନାଚ ଗୀତ ଭିତରେ ଖେଳାଳିମାନଙ୍କୁ ସ୍ୱାଗତ କରାଯାଇଛି । ଫୁଲତୋଡା, ଉତ୍ତରୀୟ ଦେଇ ଖେଳାଳିମାନଙ୍କୁ ହୋଟେଲକୁ ପାଛୋଟି ନେଇଛନ୍ତି ଓସିଏ କର୍ତ୍ତୃପକ୍ଷ ଓ ହୋଟେଲ କର୍ମଚାରୀ । ଆଜି ଖେଳାଳିମାନେ ବିମାନବନ୍ଦରରେ ପହଁଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ତାପରେ ଉଭୟ ଟିମର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ୩ଟି ସ୍ୱତନ୍ତ୍ର ବସ୍ ଯୋଗେ ହୋଟେଲ ମେ ଫେୟାରକୁ ନିଆଯାଇଥିଲା । ଖେଳାଳିଙ୍କ ପାଇଁ ବିମାନବନ୍ଦରଠାରୁ ହୋଟେଲ ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବସ୍ ସମ୍ମୁଖକୁ ଯେମିତି କୌଣସି ଫ୍ୟାନ ନଆସିବେ ତା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲେ ବି ଖେଳାଳିଙ୍କ ଆସିବା ବାଟକୁ ଉତ୍କଣ୍ଠାର ସହ ଅନାଇ ରହିଥିଲେ ଫ୍ୟାନ । ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ହୋଟେଲ ମେ ଫେୟାର ପର୍ଯ୍ୟନ୍ତ ଖେଳାଳିଙ୍କୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଅପେକ୍ଷା କରି ରହିଥିଲେ । ଆଉ ପାଖରେ ଅତି ପ୍ରିୟ ଖେଳାଳିଙ୍କୁ ପାଖରୁ ଦେଖି ଖୁସି ଜାହିର କରିଥିଲେ । ଆସନ୍ତାକାଲି ବାରବାଟୀ ଯାଇ ଅଭ୍ୟାସ କରିବେ ଖେଳାଳି । ଏହାକୁ ନଜରରେ ରଖି ଖେଳାଳିମାନଙ୍କ ସୁରକ୍ଷିତ ଯାତାୟତ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କାରକେଡ ରିହର୍ସାଲ କରାଯାଇଛି ।

## ଭିଜିଲାନ୍ସ ପୋଲିସ ଇନ୍ସପେକ୍ଟର ମାନସୀ ଜେନା ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପୋଲିସ ଇନ୍ସପେକ୍ଟର ମାନସୀ ଜେନାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। ମାନସୀଙ୍କୁ ଚାକିରୀରୁ ପୋଲିସ ଡିଜି ବହିଷ୍କାର କରି ଥିବା ନେଇ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଗତ ମାସ ୧୨ ତାରିଖରେ ଜଣେ ସହଯୋଗୀଙ୍କ ଜରିଆରେ ଲାଂଚ ନେଇ ସେ ମାନସୀ ଧରାପଡିଥିଲେ। ଜଣେ ଅଫିସରଙ୍କ ନାମରେ ଥିବା କେସକୁ ରଫାଦଫା କରିବା ପାଇଁ ସେ ଲାଂଚ ନେଉଥିବା ବିଷୟରେ ଜଣା ପଡିଥିଲା । ବରଗଡର ମୁକେଶ ସାହୁଙ୍କ ମଧ୍ୟସ୍ଥିରେ ଲାଂଚ ନେଉଥିଲେ। ଏହି ସମୟରେ ସେ ଭିଜିଲାନ୍ସ ହାତରେ ଧରାପଡିଥିଲେ । ଲାଂଚ ନେବା ମାମଲାରେ ଗିରଫ ହୋଇ ବର୍ତମାନ ସେ ଜେଲରେ ଅଛନ୍ତି ।

## ଲଗାତାର ବୃଦ୍ଧି ପାଉଛି କରୋନା ସଂକ୍ରମଣ : ୨ୟ ଦିନରେ ଦୈନିକ ସଂକ୍ରମଣ ୭ହଜାର ପାର



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ଦେଶରେ ପୁଣି ଭୟର ବାତାବରଣ ଖେଳାଇଛି । ବିଭିନ୍ନ ରାଜ୍ୟରେ ଦୈନିକ ସଂକ୍ରମଣ ଲଗାତାର ବୃଦ୍ଧି ପାଇବା ଯୋଗୁଁ ଦେଶରେ ବର୍ତ୍ତମାନ ଦୈନିକ ସଂକ୍ରମଣ ୭ହଜାର ଟପିଛି । କ୍ରମାଗତ ୨ୟ ଦିନରେ ଦେଶରେ ୭ହଜାର ଉପରେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗତ ୨୪ ଘଣ୍ଟରେ ୭ହଜାର ୫୮୪ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏହି କ୍ରମରେ ୪୦ପ୍ରତିଶତ ବୃଦ୍ଧି ହୋଇଛି ଦୈନିକ ସଂକ୍ରମଣ । ଦିନକରେ ପଜିଟିଭି ରେଟ ୨.୨୬ ପ୍ରତିଶତ ବଢିଥିବା ବେଳେ ସାପ୍ତାହିକ ପଜିଟିଭି ରେଟ ୧.୫୦ପ୍ରତିଶତ ରହିଛି । ଆସନ୍ତୁ ନଜର ପକାଇବା କିଭଳି ସପ୍ତାହକ ମଧ୍ୟରେ ଦେଶରେ ଦୈନିକ ସଂକ୍ରମଣ କ୍ରମାଗତ ବୃଦ୍ଧି ପାଉଛି । ଦେଶରେ ଚିହ୍ନଟ ହେଉଥିବା ମୋଟ ସଂକ୍ରମିତଙ୍କ ମଧ୍ୟରେ କେବଳ ୫ ରାଜ୍ୟରୁ ୭୦ ପ୍ରତିଶତ ▶▶ପୃଷ୍ଠା ୭

## ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ଏଏସଆଇ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଜଣେ ପୋଲିସ ଏଏସଆଇ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଖୋର୍ଧା ଜିଲ୍ଲାର ବୋଲଗଡ ଥାନା ଏଏସଆଇ ଭଗବାନ ସ୍ୱାଇଁ ଧରାପଡିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଏକ ମାମଲାର ଦଫାକୁ କୋହଳ ସହ ଗିରଫଦାରୀଙ୍କୁ ଏଡାଇବାକୁ ଭଗବାନ ୬ହଜାର ଟଙ୍କା ଲାଂଚ ମାଗିଥିଲେ। ଏ ନେଇ ଉକ୍ତ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସରେ ଜଣାଇଥିଲେ। ଶୁକ୍ରବାର ସୁକାନ୍ତିଙ୍କ ଠାରୁ ୬ ହଜାର ଟଙ୍କା ଭଗବାନ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ। ଭଗବାନଙ୍କୁ ଖୋର୍ଦ୍ଧା ଭିଜିଲ୍ଲାନ୍ସ ଅଟକ ରଖି ପଚରାଉଚରା କରୁଥିବା ଜଣା ପଡିଛି ।

## ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ହରିୟାଣା, ରାଜସ୍ଥାନ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର ରାଜ୍ୟସଭାର ମୋଟ ୧୬ଟି ଆସନ ପାଇଁ ଭୋଟ ଗ୍ରହଣ ଶେଷ ହୋଇଛି । ସକାଳ ୯ଟାରୁ ଅପରାହ୍ଣ ୪ ଟା ମଧ୍ୟରେ ଭୋଟ ଗ୍ରହଣ ହୋଇଛି । ଯେପରି କ୍ରସ ଭୋଟି ନହେବ ସେଥିପ୍ରତି ସବୁ ଦଳ ଗୁରୁତ୍ୱ ଦେଇଥିଲେ ମଧ୍ୟ କ୍ରସ ଭୋଟିଂକୁ ରୋକିପାରିନାହାଁନ୍ତି ଦଳୀୟ ନେତା । କର୍ଣ୍ଣାଟକରେ ୪ଟି ଆସନ ପାଇଁ ଭୋଟିଂ ହୋଇଥିବା ବେଳେ ଜେଡିଏସ୍ ବିଧାୟକ ଶ୍ରୀନିବାସ ଗୌଡା କଂଗ୍ରେସକୁ ଭୋଟ ଦେଇଛନ୍ତି । ଏହାକୁ ନେଇ ଘୋଡାବେପାର ଅଭିଯୋଗ ଆଣିଛନ୍ତି ଜେଡିଏସ୍ ମୁଖ୍ୟ କୁମାରସ୍ୱାମୀ । ଦଳର ୩୨ ବିଧାୟକଙ୍କ ମଧ୍ୟରୁ ଦୁଇ ଜଣ ଘୋଡାବେପାର ସାମିଲ ଥିବା ସେ ଅଭିଯୋଗ ଆଣିବା ସହ କଂଗ୍ରେସ ବିଜେପିର ବି ଟିମ୍ ବୋଲି କହିଛନ୍ତି । ସେହିପରି ରାଜସ୍ଥାନରେ ୪ ଟି ଆସନ ପାଇଁ ଭୋଟ ଗ୍ରହଣ ହୋଇଥିବା ବେଳେ ବିଜେପିର ଦୁଇ ବିଧାୟକ କଂଗ୍ରେସ ସପକ୍ଷରେ ଭୋଟ ଦେଇଥିବା ଦଳ ଦାବି କରିଛି । ହରିଆଣାରେ ୨ଟି ଆସନ ପାଇଁ ନିର୍ବାଚନ ହୋଇଥିବା ବେଳେ କଂଗ୍ରେସ ପଛରେ ପଡିଯାଇଛି । କଂଗ୍ରେସର ଜଣେ ବିଧାୟକଙ୍କ ଭୋଟ ନାକଚ ହୋଇଥିବା ବେଳେ ଅନ୍ୟ ଜଣେ ସ୍ୱାଧୀନ ବିଧାୟକ ବିଜେପିକୁ ଭୋଟ ଦେଇଛନ୍ତି । ମହାରାଷ୍ଟ୍ରରେ ସର୍ବାଧିକ ୬ ଟି ଆସନ ପାଇଁ ଭୋଟିଂ ହୋଇଥିବା ଜେଲରେ ଥିବା ଏନସିପି ନେତା ନୱାବ ମଲ୍ଲିକ ଭୋଟ ଦେବାକୁ ବଞ୍ଚିତ ହୋଇଛନ୍ତି । ସଂଖ୍ୟା ଦୃଷ୍ଟିରୁ ଶିବସେନା ନେତୃତ୍ୱାଧୀନ ଏମ୍ଭିଏ ୩ଟି ଏବଂ ବିଜେପି ଦୁଇଟିରେ ଜିତିବା ସ୍ପଷ୍ଟ ହୋଇଥିଲେ ଗୋଟିଏ ଆସନ ପାଇଁ ସଞ୍ଜୟ ପାୱାର ଓ ବିଜେପିର ଧନଞ୍ଜୟ ମହାଦିକଙ୍କ ମଧ୍ୟରେ ଟକ୍କର ହେବ । କିନ୍ତୁ ଏମଭିଏ ମେଣ୍ଟ ୪ ଟି ଆସନ ଜିତିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଶିବସେନା ନେତା ସଞ୍ଜୟ ରାଉତ । ଆସନ୍ତା ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାରୁ ରାଜ୍ୟସଭା ନିର୍ବାଚନର ଫଳାଫଳର ଗୁରୁତ୍ୱ ରହିଛି । ମୋଟ୍ ୧୫ଟି ରାଜ୍ୟର ମୋଟ ୫୭ ଆସନରୁ ୪୧ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଥିବା ବେଳେ ବାକି ୧୬ ସାଂସଦଙ୍କ ଉପରେ ସମସ୍ତଙ୍କର ନଜର ରହିଛି ।

## ଲଦାଖକୁ ନେଇ ମୁହାଁମୁହିଁ ଆମେରିକା-ଚୀନ

ନୂଆଦିଲ୍ଲୀ, ୧୦/୦୬ : ୟୁଏସ୍ ଜେନେରାଲଙ୍କ ଭାରତ ଗସ୍ତରେ ପୂର୍ବ ଲଦାଖକୁ ନେଇ ଦେଇଥିବା ବୟାନକୁ ନେଇ ମୁହାଁମୁହିଁ ହୋଇଛନ୍ତି ଚୀନ ଓ ଆମେରିକା । ଆମେରିକା ଜେନେରାଲ ପୂର୍ବ ଲଦାଖରେ ଚୀନ ଗତିବିଧି ଆଖି ଖୋଲିଦେବା ଭଳି କହିବା ପରେ ଚୀନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆମେରିକା ନିଆଁକୁ ଇନ୍ଧନ ଯୋଗାଉଛି ବୋଲି କହିଛନ୍ତି ଚୀନର ବୈଦେଶିକ ମୁଖପାତ୍ର ଜାହୋ ଲିଜନ । ଆଲୋଚନା, ପରାମର୍ଶ ମାଧ୍ୟମରେ ଦୁଇ ଦେଶ ନିଜର ସମସ୍ୟା ସମାଧାନ କରିବାରେ ସକ୍ଷମ । ଦୁଇ ଦେଶର ପ୍ରମୁଖ ସେନା ଭାରତ-ଚୀନର ସୀମାର ପଶ୍ଚିମାଞ୍ଚଳରେ ପଛକୁ ହଟିବାକୁ ରାଜି ହୋଇଛନ୍ତି । ଏହା ଦୁଇ ଦେଶର କଥା । ଆମେରିକା ଏଥିରେ ମୁଣ୍ଡ ନ ପୁରାଉ ବୋଲି କହିଛି ଚୀନ । ୪ ଦିନିଆ ଭାରତ ଗସ୍ତରେ ଆମେରିକା ଜେନେରାଲ ସାମ୍ବାଦିକଙ୍କ ସହ ଆଲୋଚନା କରି କହିଥିଲେ ଚୀନ ପୂର୍ବ ଲଦାଖ ସୀମାର ପଶ୍ଚିମ ପାଶ୍ୱରେ ତିଆରି କରୁଥିବା ଭିତିଭୂମି ଉଦବେଗଜନକ । ଭାରତ ସୀମାରେ ଚୀନ ▶▶ପୃଷ୍ଠା ୭

## ୨୪ ଘଂଟା ମଧ୍ୟରେ ରାଜ୍ୟର ୧୨ ଜିଲ୍ଲାରେ କାଳବୈଶାଖୀ



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଆଗାମୀ ୨୪ ଘଂଟା ମଧ୍ୟରେ, ଅର୍ଥାତ୍ ୧୧ ତାରିଖ ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ଓଡ଼ିଶାର ୧୨ଟି ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ସେହିପରି ଏହି ସମୟ ମଧ୍ୟରେ ପଶ୍ଚିମ ଓଡ଼ିଶାର ୨ ଜିଲ୍ଲାରେ ପ୍ରବଳ ଗୀଷ୍ମ ପ୍ରବାହ ଜାରି ରହିବ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ପୂର୍ବାନୁମାନ କରାଯାଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହା ଯାଇଛି ଯେ ରାଜ୍ୟର ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଂଜାମ, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଂଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। କାଳବୈଶାଖୀ ସମୟରେ ବଜ୍ରପାତର ଆଶଙ୍କା ରହୁଥିବାରୁ ଲୋକଙ୍କୁ ଏହି ସମୟରେ ଖୋଲାସ୍ଥାନକୁ ବାହାରିବାକୁ ବାରଣ କରାଯାଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆହୁରି କୁହା ଯାଇଛି ଯେ ବରଗଡ଼ ଓ ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରି ପ୍ରବାହିତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ଲୋକଙ୍କ ପ୍ରତି ବିଶେଷ ଦୃଷ୍ଟି ରଖିବା ସହ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପଦାକୁ ଖରାରେ ନବାହାରିବାକୁ ପରାମର୍ଶ ଦିଆଯାଇଛି।

## ଓଡିଶା ବିଧାନସଭା ବାଚସ୍ପତି ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ବିକ୍ରମ କେଶରୀ ଆରୁଖ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଓଡିଶା ବିଧାନସଭାର ବାଚସ୍ପତି ପଦ ପାଇଁ ବିଜେଡିର ବରିଷ୍ଠ ବିଧାୟକ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଦିନ ନାମଙ୍କନ ପତ୍ର ଦାଖଲ କରିଛନ୍ତି । ବିଧାନସଭା ସଚିବଙ୍କ ନିକଟରେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆସନ୍ତା ୧୩ ତାରିଖ ଦିନ ସେ ବିଧାନସଭାର ନୂଆ ବାଚସ୍ପତି ଭାବେ ନିର୍ବାଚିତ ହେବେ । ଭଂଜନଗରରୁ ବିଧାୟକ ଶ୍ରୀ ଆରୁଖ ବିଧାନସଭାର ଜଣେ ବରିଷ୍ଠ ବିଧାୟକ । ଏହା ପୂର୍ବରୁ ସେ ଅନେକ ଥର ମନ୍ତ୍ରୀ ରହି ସାରିଛନ୍ତି । ଏବେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ ମାନେ ଇସ୍ତଫା ଦେବା ସମୟରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

## ବାଲେଶ୍ୱରର ଅଗ୍ରଣୀ ସଂଗଠନ ଫିଉଚର ବାଲେଶ୍ୱର ତରଫରୁ ବାଲେଶ୍ୱର ଭିଜନ-୨୦୩୦ ବରିଷ୍ଠ ନାଗରିକ ସମାବେଶ



ବାଲେଶ୍ୱର, ୧୦/୦୬ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ସଂଗଠନ ଫିଉଚର ବାଲେଶ୍ୱର ତରଫରୁ ବାଲେଶ୍ୱୀ ଭିଜନ-୨୦୩୦ ବରିଷ୍ଠ ନାଗରିକ ସମାବେଶ ସ୍ଥାନୀୟ ଫାଣ୍ଟାସୀ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଗଠନର ସଭାପତି ବିଜୟ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ସୀମା ସୁରକ୍ଷା, କୃଷି, ଶିକ୍ଷ୍ୟା, ସ୍ୱାସ୍ଥ୍ୟ, ସଂସ୍କୃତି, ଗମନାଗମନ ଓ ପରିବହନ, ଟ୍ରାଫିକ୍, ସହର ସୌନ୍ଦର୍ଯ୍ୟକରଣ, ପୂଜ୍ୟପୂଜା ମାନଙ୍କ ସ୍ଥାପନ, ଫକୀରମୋହନଙ୍କ ନାମରେ ରେଳ ଷ୍ଟେସନ ଓ ରେଳ ଡିଭିଜନ, କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ଉଠାଦୋକାନୀଙ୍କୁ ଥଇଥାନ ବରିଷ୍ଠ ନାଗରିକ କ୍ଲବ, ପାର୍କ, ଷ୍ଟାଡିୟମ୍ ଫ୍ରି କୋଚିଂ ସେଣ୍ଟର, ଆୟୁର୍ବେଦ ମେଡିକାଲ କଲେଜ ଓ ହୋମିଓପ୍ୟାଥି ଡାକ୍ତରଖାନା, ପର୍ଯ୍ୟଟନର ବିକାଶ, ଏପରି ଅନେକ ବିଷୟରେ ଆଲୋଚନା ହେଲା । ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ୱଚ୍ଛତା ଓ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା କରିବାକୁ ଉଦ୍ୟମ କରିବା । ଜିଲ୍ଲାରେ ଶତ ପ୍ରତିଶତ ଜଳ ସେଚନ ସହ ନଦୀବନ୍ଧ ଯୋଜନା ସହ ମଣ୍ଡି ଜରିଆରେ କିଣା ବିକା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସର୍ବୋଦୟ ନେତା ବିଧାନ ଚନ୍ଦ୍ର ରାୟ, ଇଂଜିନିୟର ରମାକାନ୍ତ ଗୋଛାୟତ ଓ ଅବସରପ୍ରାପ୍ତ ଶିକ୍ଷକ ଶାନ୍ତିପଦ ପଣ୍ଡାମାନଙ୍କୁ ସମ୍ବର୍ଦ୍ଧିତ ସଂଗଠନ ତରଫରୁ କରାଗଲା । ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ମଧ୍ୟ ସମ୍ମାନିତ କରାଗଲା । ଆଜିର ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଭିଜନ୍ ୨୦୩୦ ସମ୍ପର୍କରେ ଏକ ପୁସ୍ତକ ଉନ୍ମୋଚନ କରାଯାଇ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ମହୋଦୟଙ୍କ ନିକଟକୁ ପଠାଇବାର ସିଦ୍ଧାନ୍ତ ନିଆଗଲା ।

## ଓଡ଼ିଶା-ଛତିଶଗଡ ସୀମାରେ ଧରାପଡିଲା ୫୦ଲକ୍ଷର ହୀରା

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଓଡ଼ିଶା ସୀମାରୁ ଧରାପଡିଲା ୫୦ଲକ୍ଷ ଟଙ୍କାର ହୀରା । ଅନେକ ସମୟରେ ଆପଣ ଗଞ୍ଜେଇ, ଡ୍ରଗ୍ସ କିମ୍ବା ବିମାନବନ୍ଦରରେ ସୁନା ଚୋରା ଚାଲାଣ କଥା ଶୁଣିଛନ୍ତି । ହେଲେ ପ୍ରଥମ ଥର ଓଡ଼ିଶାରୁ ଛତିଶଗଡକୁ ଚାଲାଣ ହେଉଥିବା ବେଳେ ବହୁ ପରିମାଣର ହୀରା ଜବତ ହୋଇଛି । ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଛତିଶଗଡ ପୋଲିସ ଦ୍ୱାରା ଏହି ହୀରା ଜବତ ହୋଇଛି । ୭୪୫ ଗ୍ରାମ ହୀରା ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଏନେଇ ସୂଚନା ଦେଇଛନ୍ତି ଛତିଶଗଡ଼ ଗରିଆବନ୍ଧ ଏସପି । ହୀରା ନେଇ ଯାଉଥିବା ବାପ-ପୁଅ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ରାଇଘର ବ୍ଲକ ଅନ୍ତର୍ଗତ ଭାରମୁଣ୍ଡ ଗାଁର ଖକନ ଡାଲି ଓ ପୁଅ ବିପ୍ଲବ ଡାଲି । ସୂଚନା ଅନୁସାରେ ▶▶ପୃଷ୍ଠା ୭

# କେନ୍ଦୁଝରରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜୁନ୍ ୧୯ରେ ମକଡ୍ରିଲ୍ : ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱ

କେନ୍ଦୁଝର,୧୦/୦୬ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ଜୁନ୍ ୧୯ ତାରିଖରେ କେନ୍ଦୁଝର ଜିଲ୍ଲାରେ ମକଡ୍ରିଲ ଅନୁଷ୍ଠିତ ହେବ । କେନ୍ଦୁଝର ଜିଲ୍ଲାର ଜିଲ୍ଲା ସଦର ମହକୁମା, ବ୍ଲକ ସଦର ମହକୁମା ଏବଂ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ବନ୍ୟା ଆଶ୍ରୟସ୍ଥଳ ମାନଙ୍କରେ ଉକ୍ତ ମକଡ୍ରିଲର ସୁପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗଙ୍କ ଅଧକ୍ଷତାରେ ଦରବାର ହଲ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ଇମରଜେନ୍ସି ସୁରଞ୍ଜିକା ବେହେରା, ଡିପିଏଚଓ ଡ଼ଃ. ଲଲାଟେନ୍ଦୁ ନାୟକ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ସଂଜୀବ ବାରିକ, ପୌରପାଳିକାର ନିର୍ବାହୀ ଅଧିକାରୀ, ନୋଡାଲ ଏନଜିଓ ଓସ୍କାର ପ୍ରତିନିଧି, ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ବାତ୍ୟା/ବନ୍ୟା ଆଶ୍ରୟସ୍ଥଳର କମକର୍ତା, ବିଭିନ୍ନ ଅନୁଷ୍ଠାନର ସଂଗଠନର କମକର୍ତା ପ୍ରମୁଖ ଯୋଗଦେଇ ଅଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଉଦବୋଧନ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବିଲୁଙ୍ଗ କହିଥିଲେ ଯେ, ବ୍ୟାପକ ଜନସଚେତନତା ହିଁ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଏକାନ୍ତ ଆବଶ୍ୟକ । ଏଥି ନିମନ୍ତେ ଜନସାଧାରଣ, ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ଯୁବ ସମୁଦାୟ, ସ୍ୱେଚ୍ଛାସେବୀ ସଂଗଠନ ଓ ତୃଣମୂଳ ସ୍ତରରେ ଥିବା ସରକାରୀ ଓ ବେସରକାରୀ ସଂସ୍ଥାର କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଚଳିତ ମାସ ୧୯ ତାରିଖ ଦିନ ଜିଲ୍ଲାର ବିଭିନ୍ନ ସ୍ତର ଯଥା- ଜିଲ୍ଲା ସଦର ମହକୁମା, ବ୍ଲକ ଏବଂ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳ ମାନଙ୍କରେ ହେବାକୁ ଥିବା ମକଡ୍ରିଲ ସଚେତନତା ସୃଷ୍ଟି କରିବାର ଏକ ମାଧ୍ୟମ । ଏଣୁ ଉକ୍ତ ମକଡ୍ରିଲରେ ସମାଜର ସମସ୍ତ ବର୍ଗର ଜନସାଧାରଣ, ବିଭିନ୍ନ ସରକାରୀ ବିଭାଗ, ଛାତ୍ରଛାତ୍ରୀ, ଏନସିସି, ଯୁବକ ସଂଘ, ଆଶା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ସଂଗଠନ / ଅନୁଷ୍ଠାନଙ୍କୁ ସାମିଲ କରିବା ପାଇଁ କହିଥିଲେ । ମକଡ୍ରିଲ ମାଧ୍ୟମରେ ମୁକାବିଲାର ବିଭିନ୍ନ କୌଶଳ ସମ୍ପର୍କରେ ସଚେତନ କରାଯିବା ସହ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇପାରିବ । ଏତଦ୍ ବ୍ୟତୀତ ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେ ରଖି ଏହାର ସମାଧାନର ରାସ୍ତା ବାହାର କରିହେବ ବୋଲି କହିଥିଲେ । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ମକଡ୍ରିଲର ବିଭିନ୍ନ ଦିଗ ଉପରେ ଅଲୋକପାତ କରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତେ ସ୍ୱେଚ୍ଛାକୃତ ଭବେ ଏହାର ମୁକାବିଲା ପାଇଁ ଅଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଡେପୁଟି କଲେକ୍ଟର ଏମରଜେନ୍ସି ସୁରଞ୍ଜିକା ବେହେରା ମକଡ୍ରିଲର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି ବୈଠକେର ଅଂଶଗ୍ରହଣ କରିଥିବା ସଦସ୍ୟମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦେଖା ଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ସୂଚନାଯୋଗ୍ୟ ଯେ, ମକଡ୍ରିଲ ପୂର୍ବରୁ ୧୮ ତାରିଖ ଦିନ ଜିଲ୍ଲା ସଦର ମହକୁମା ସମେତ ୧୩ଟି ବ୍ଲକର ଟେବୁଲ ଟପ୍ ଏକସରସାଇଜ୍ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସମସ୍ତ ଲାଇନ ଡିପାଟର୍ମେଣ୍ଟର ଅଧିକାରୀମାନେ ସାମିଲ୍ ହେବେ ।

# ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ପାଣି ଟୋପାଏ ପାଇଁ ଡହଳବିକଳ ଲୋକେ

କେନ୍ଦୁଝର ,୧୦/୦୬ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ରାଜସ୍ୱ ପାଣ୍ଠି ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଥିବା ଅବିଭକ୍ତ କେନ୍ଦୁଝର ଜିଲ୍ଲାର ଅଧିକାଂଶ ଅଂଚଳବାସୀ ଆଜି ବି ପିଇବା ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି । ଜିଲ୍ଲାର ଅଧିକାଂଶ ଅଂଚଳର ଅଧିବାସୀ ଏବେ ବି ପାଣି ଟୋପାଏ ପାଇଁ ନାଳ କିମ୍ବା ଚୁଆ ପାଣି ଉପରେ ଭରସା କରିବାକୁ ବାଧ ହେଉଛନ୍ତି । ପାନୀୟଜଳ ଭଳି ମୌଳିକ ଆବଶ୍ୟକତା ତଥା ଅଧିକାର ର ସମାଧାନ ଦିଗରେ ସରକାର ଠାରୁ ଜିଲ୍ଲା ପ୍ରଶାସନ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀ ମାନେ କେହି ବି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଆଜି ବି ଜିଲ୍ଲାରେ ଏଭଳି ଅନେକ ଗ୍ରାମ ଅଛି ଯେଉଁଠାରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ଅପହଂଚ । ଏହା ହିଂ ହେଉଛି କେନ୍ଦୁଝର ଜିଲ୍ଲାର ବିକାଶର ବାସ୍ତବ ଚିତ୍ର । ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଖରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାର ପ୍ରତିଶ୍ରୁତି ସରକାରଙ୍କ ପକ୍ଷରୁ ଅନେକ ଥର ଦିଆଯିବା ପରେ ମଧ୍ୟ ଅଦ୍ୟବଧି ତାହା ବାସ୍ତବ ରୂପ ନେଇ ପାରିନାହିଁ । ବଂର ସେସବୁ କେବଳ ପ୍ରଚାର ସର୍ବସ୍ୱ ମଧ୍ୟରେ ରହିଯାଇଛି । ଆଜି ବି ପିଇବା ତ ଦୂରର କଥା ଶୌଚ ଆଦି ବାହ୍ୟ କାର୍ଯ୍ୟ ସମାପନ କରିବା ଲାଗି ଉପଯୁକ୍ତ ପାଣି ଟୋପାଏ ପାଉନାହାଁନ୍ତି । ଫଳରେ ସେମାନଙ୍କୁ ଅଳିଆ ଆବର୍ଜନା ପାଣି ଉପରେ ନିର୍ଭର କରିବାକୁ ବାଧ ହୋଇ ଥାଆନ୍ତି । କେନ୍ଦୁଝର ଜିଲ୍ଲାରେ ଏଭଳି ଏକ ଅଂଚଳ ହେଲା ଆଦିବାସୀ ବହୁଳ ବାଂଶପାଳ ବ୍ଲକର ନୟାକୋଟ ଗ୍ରାମ ପଂଚାୟତ ଅନ୍ତର୍ଗତ ସିନ୍ଧୁଡିହି ଗ୍ରାମ । ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ଗ୍ରାମ ଲୋକମାନେ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି । ବ୍ୟବହାର ଅନୁପଯୋଗୀ ହେଲେ ବି ସେମାନଙ୍କର କେବଳ ନାଳ ଓ ଚୁଆ ପାଣି ଉପରେ ଭରସା । ଏହି ଗ୍ରାମରେ ୩ ଟି ସାହୀ ରହିଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୩୦୦ ରୁ ଉର୍ଦ୍ଧ । ଗ୍ରାମର ଲୋକମାନେ ପ୍ରାୟତଃ କାଠ ପତ୍ର ଫଳ ମୂଳ ସଂଗ୍ରହ କରିବା ସହ ମାଣ୍ଡିଆ , ଶୋରିଷ ଆଦି ଚାଷ କରି ଗୁଜୁରାଣ ମେଟାଂଇ ଥାଆନ୍ତି । ନୟାକୋଟ ଗ୍ରାମ ପଂଚାୟତ ଠାରୁ ପ୍ରାୟ ୮ କି.ମି. ଦୂରରେ ଥିବା ଏହି ଗ୍ରାମରେ ଗୋଟିଏ ହେଲେ କୂଆ ,ପୋଖରୀ କିମ୍ବା ନଳକୂପ ମଧ୍ୟ ନାହିଁ । ଫଳରେ ଗ୍ରାମର ମହିଳା ମାନେ ଗ୍ରାମଠାରୁ ଦୁଇ କିଲୋ ମିଟର ଦୂର ଜଙ୍ଗଲ ମଧ୍ୟରେ ଥିବା ପାହିଡିଆ ନାଲରୁ ଓ ନାଳ ସନ୍ନିକଟ ଅଂଚଳରେ ଚୁଆ ଖୋଳି ସେଥିରୁ ସଂଗୃହିତ ପାଣିରେ ରୋଷେଇବାସ ଟାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରିଥାନ୍ତି । ଅନେକ ସମୟରେ ଚୁଆ ରୁ ବାହାରୁଥିବା ବ୍ୟବହାର ଅନୁପଯୋଗୀ କାଦୁଆ ଅପରିଷ୍କାର ପାଣି କୁ ମଧ୍ୟ ସେମାନଙ୍କୁ ବ୍ୟବହାର କରିବା ପଡିଥାଏ । କାରଣ ତାହାର କୌଣସି ଅନ୍ୟ ବିକଳ୍ପ ସେମାନଙ୍କ ପାଖରେ ନଥାଏ । ଏହି ଅପରିଷ୍କାର ପାଣି ବ୍ୟବହାର କରି ଲୋକମାନେ ପେଟରୋଗ , ଚର୍ମରୋଗ ସହ ଦୁସାଧ ତଥା ଅଜଣା ରୋଗରେ ପଡୁଛନ୍ତି । ପାଣି ଆଣିବାକୁ ଯିବା ସମୟରେ ପ୍ରାୟତଃ ବନ୍ୟ ଜନ୍ତୁଙ୍କର ଭୟ ରହଥିବାରୁ ଗ୍ରାମ ଲୋକମାନଙ୍କୁ ଏକା ସଙ୍ଗରେ ଏକାଠି ହୋଇ ଯିବାକୁ ପଡିଥାଏ । ଯେଉଁ ଗ୍ରାମରେ ଲୋକମାନଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଟୋପାଏ ସ୍ୱପ୍ନ ସେଠାରେ ଆବାସ ଘର ଠାରୁ ବିଜୁଳି , ସ୍ୱାସ୍ଥ ଆଦି ଭଳି ଅନ୍ୟାନ୍ୟ ସୁବିଧା କଥା କିଏ ବା ପଚାରେ ।

# ଭାରତୀୟ ଶିକ୍ଷଣ ମଣ୍ଡଳର ସାଧାରଣ ଅଧିବେଶନ ଅନୁଷ୍ଠିତ

ବଲାଙ୍ଗିର,୧୦/୦୬ (ନି.ପ୍ର): ଭାରତୀୟ ଶିକ୍ଷଣ ମଣ୍ଡଳ ଓଡିଶା ପଶ୍ଚିମ ପ୍ରାନ୍ତର ସାଧାରଣ ଅଧିବେଶନ ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ପଶ୍ଚିମ ଓଡିଶା ପ୍ରଭାରୀ ଉମେଶ କୁମାର ସିଂହ ଏହି ଆଭାସି ଅଧିବେଶନରେ ଉପସ୍ଥିତ ରହି ଶିକ୍ଷଣ ମଣ୍ଡଳର କାର୍ଯ୍ୟପଦ୍ଧତି, ସଂପର୍କସୂତ୍ର, ଗୁରୁକୂଳ ପ୍ରକଳ୍ପ, ଶାଳେୟ ପ୍ରକୋଷ୍ଠ ତଥା ଯୋଜନା ଓ ଅନୁସନ୍ଧାନ ସମ୍ବନ୍ଧରେ ଅନୁଷ୍ଠିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାନ୍ତ କାର୍ଯ୍ୟକର୍ତ୍ତା ରଙ୍କମଣି ବାରିକ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ ଧ୍ୟେୟବାକ୍ୟ ପଠନ କରି ଆଲୋଚନା ଆରମ୍ଭ କରିଥିଲେ । ଉପାଧ୍ୟକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର, ବିଷ୍ଣୁ ପ୍ରସାଦ ନନ୍ଦ, ଗିତାଞ୍ଜଳି ଚୌଧୁରୀ, ଗୁଲାପିମୟୀ ଦାଶ, ଖଗେଶ୍ୱର ଦାଶ, ନବ କିଶୋର ପ୍ରଧାନ, ସବିତା ଭୋଇ, ସଂଯୁକ୍ତା ପରିଚ୍ଛା, ଡ. ରାମ ନରେଶ, ପଙ୍କଜ କୁମାର, ପ୍ରବୀର କୁମାର ଦାଶ, ବାସନ୍ତ ସାହୁ, ଅର୍ଜୁନ କନହର, ନବକିଶୋର ପ୍ରଧାନ, ସୁଦାମ ଦିସ୍ରୀ, ଲୋକନାଥ ସାହୁ, ରାମଚନ୍ଦ୍ର ବାଗ, ମନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କଳାହାଣ୍ଡି, ନୂଆଁପଡା, ବୌଦ୍ଧ, ସୋନପୁର, ସମ୍ବଲପୁର, ଝାରସୁଗୁଡା, ବଲାଙ୍ଗିର ପ୍ରଭୃତି ଅଂଚଳର କାର୍ଯ୍ୟକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ଫୁଲବାଣିରେ ରଥଯାତ୍ରା ଓ ବାହୁଡା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କନ୍ଧମାଳ,୧୦/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଚଳିତ ବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ସୁଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଜିଲ୍ଲାପାଳ ଡା.ବୃନ୍ଦା ଡି. ଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ବୈଠକର ଆବାହକ ତଥା କନ୍ଧମାଳ ଉପ-ଜିଲ୍ଲାପାଳ ଶ୍ରୀ ଶେଷଦେବ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ୨୦୧୯ ମସିହା ବୈଠକର ବିବରଣୀ ପାଠ କରିଥିଲେ । ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣାଙ୍କ ଆଲୋଚନାରୁ ପ୍ରକାଶ ଯେ, ଆସନ୍ତା ମାସ ୧ତାରିଖ ଦିନ ରଥଯାତ୍ରାର ସମସ୍ତ ପୂଜା ବିଧି ପରେ ଅପରାହ୍ନ ୧ଘଂଟା ୩୦ ମିନିଟ୍ ସମୟରେ ରଥ ଟଣା କାର୍ଯ୍ୟ ଆରମ୍ଭ ହେବ । ସେହିପରି ୯ ତାରିଖ ଦିନ ମଧ୍ୟ ଅପରାହ୍ନ ୧ଘଂଟା ୩୦ ମିନିଟ୍ ସମୟରେ ଶ୍ରୀ ଯିଉଙ୍କର ବାହୁଡ଼ା ରଥଟଣା ଅନୁଷ୍ଠିତ ହେବ । ୧୦ତାରିଖ ଅପରାହ୍ନ ୫ ଘଂଟା ଠାରୁ ଶ୍ରୀ ଯିଉଙ୍କର ସୁନାବେଶ ଦର୍ଶନ ଆରମ୍ଭ ହେବ । ରଥଯାତ୍ରା ସମୟରେ ମୁଖ୍ୟ ରାସ୍ତାରେ ଯାନବାହାନ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା, ଭକ୍ତମାନଙ୍କ ବ୍ୟବହାର ପାଇଁ ପାଣି ଟ୍ୟାଙ୍କର ତଥା ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ରଥ ଯାତ୍ରା ଠାରୁ ବାହୁଡ଼ା ଯାତ୍ରା ଅବଧି ମଧ୍ୟରେ ସହରର ମୁଖ୍ୟ ରାସ୍ତା ଓ ଏହାର ଉଭୟ ପାର୍ଶ୍ୱର୍ ଡ୍ରେନ୍ ଗୁଡ଼ିକ ନିୟମିତ ସଫାସୁତରା ରଖିବା, ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ ମାଦିକୁନ୍ଦା ଛକ ମଧ୍ୟରେଥିବା ମୁଖ୍ୟ ରାସ୍ତାର ଆବଶ୍ୟକୀୟ ମରାମତି କାର୍ଯ୍ୟ, ଅପଦକାଳୀନ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଔଷଧ ସହିତ ଆମ୍ବୁଲାନ୍ସ ଓ ଜଣେ ଡାକ୍ତର ରଥ ସହିତ ରହିବା, ଅଗ୍ନି ନିର୍ବାପକ ଯାନ ରଥ ସହିତ ରହିବା, ବିଦ୍ୟୁତ ଓ ଟେଲିଫୋନ ବିଭାଗ ରଥଟଣା ସମୟରେ ଆଲର୍ଟ ରହିବା, ରଥ ଯାତ୍ରାର ଧାରା ବିବରଣୀ ପ୍ରଦାନ ସହିତ ଉତ୍କଳ ପ୍ରସଙ୍ଗ ଓଡ଼ିଶା ରିଭ୍ୟୁ ଓ ଜଣାଣ ପତ୍ରିକା ବିକ୍ରୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା । ଶେଷରେ କନ୍ଧମାଳ ତହସିଲଦାର ଦୀନମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ସଂପୃକ୍ତ ବିଭାଗୀୟ ପଦାଧିକାରୀ, ଶ୍ରୀ ଜଗନ୍ନାଥ ମନ୍ଦିର ଓ ଦଧିବାମନ ମନ୍ଦିର ପରିଚାଳନା କମିଟିର ସଭାପତି ଓ ସମ୍ପାଦକ, ଫୁଲବାଣୀ ପ୍ରାଇଭେଟ ବସ୍ ମାଲିକ ସଂଘ ଓ ଟ୍ରକ ମାଲିକ ସଂଘର ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବଲାଙ୍ଗୀରରେ ଶିଶୁ ଶ୍ରମିକ ନିରାକରଣ ବୈଠକ

ବଲାଙ୍ଗୀର ,୧୦/୦୬ (ନି.ପ୍ର): ଅଜି ପୂର୍ବାହ୍ନ ରେ ବଲାଂଗୀର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ବୈଠକ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ପି ଡି ଡି ଆର ଡି ଏ ସୁଶାନ୍ତ କୁମାର ସିଂ, ଶିଶୁ ମଙ୍ଗଳ ପ୍ରକଳ୍ପ ର ଅଧକ୍ଷ ଯୋଗେଶ୍ୱର ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ,ଜିଲ୍ଲା ମଙ୍ଗଳ ଅଧିକାରୀ ସନ୍ତୁଲାଲ ଦୀପ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂହ, ଉପ ଆରକ୍ଷୀ ଅଧିକ୍ଷକ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ସମେତ ବିଭିନ୍ନ ସ୍ୱେଚଛାସେବୀ ଅନୁଷ୍ଠାନ ସଖୀ ୱାନ ଷ୍ଟାଫ୍ ର କର୍ମକର୍ତା ମନେ ଉପସ୍ଥିତ ଥିଲେ । ବୈଠକ ଆରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ସୁକନ୍ତ କୁମାର୍ ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଶ୍ରମ ଆଇନ ୧୯୮୬ ଅନୁସାରେ ୧୪ ବର୍ଷ ପୂର୍ଣ୍ଣ କରିନଥିବା କୌଣସି ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ପ୍ରକ୍ରିୟାରେ ତଥା ୧୫ ରୁ ୧୮ ବର୍ଷର କୌଣସି କିଶୋର ଙ୍କୁ କୌଣସି ବିପଦ ସଙ୍କୁଳ ପ୍ରକ୍ରିୟାରେ ନିୟୋଜିତ କରିବା ଏକ ଧର୍ତବ୍ୟ ଅପରାଧ ଏସଂପର୍କରେ ଶ୍ରମ ଆଇନ ବିଭିନ୍ନ ପ୍ରାବଧାନ ତଥା ଦଣ୍ଡବିଧାନ ସମ୍ପର୍କରେ ଅବଗତ କରାଇଥିଲେ । ଶ୍ରୀ ଲାଗୁରୀ ଏସଂପର୍କରେ ଜନସାଧାରଣ ରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଆରୋପ କରିବା ସହିତ ଜିଲ୍ଲା ଶ୍ରମ ବିଭାଗ ଏହି ଆଇନ ର ସଠିକ୍ କାର୍ଯ୍ୟକାରିତା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ବୈଠକ ରେ ଶିଶୁ ଶ୍ରମିକ ନିରାକରଣ ଓ ସେମାନଙ୍କ ଥଇଥାନ ଉପରେ ବିଶେଷ ଆଲୋଚନା ହୋଇଥିଲା । ବୈଠକରେ ସହକାରୀ ଶ୍ରମ ଅଧିକାରୀ ପାନମନି ସୋରେନ ଜିଲ୍ଲା ଶ୍ରମ ନିରୀକ୍ଷକ ଅଶୋକ କୁମାର୍ ଦୁଙ୍ଗଡଙ୍ଗ ନିରଜନ ଭୂୟାଁ ପ୍ରଶାନ୍ତ କୁମାର ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ପେନସନ ଅଦାଲତ ଅନୁଷ୍ଠିତ

କନ୍ଧମାଳ,୧୦/୦୬ (ନି.ପ୍ର): ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡ଼ିଶା, ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ, ଓଡ଼ିଶା ଏବଂ ଜିଲ୍ଲା ପ୍ରଶାସନ, କନ୍ଧମାଳଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଆଜି ଦୁଇଦିନିଆ କନ୍ଧମାଳ ଜିଲ୍ଲା ପେନ୍ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡି. ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କ ଉଦ୍ଘାଟନୀ ଅଭିଭାଷଣରେ କହିଲେଯେ, ଜିଲ୍ଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କର ବକେୟା ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ଯେତେଜଣବିଏଠାରେ ଉପସ୍ଥିତ ଅଛନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ଲୋକଙ୍କର ପେନ୍ସନ ମଞ୍ଜୁର କରିବା ପାଇଁ ଆଜିର ଏହି ଅଦାଲତ ଚେଷ୍ଟା କରିବ । ତେବେ ଆଦିବାସୀ ବହୁଳ ଜିଲ୍ଲା କନ୍ଧମାଳରେ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ପେନ୍ସନ ଅଦାଲତ କରାଯାଇଥିବାରୁ ଏହାର ଉଚ୍ଚ ପ୍ରଶଂସା କରିଥିଲେ । ଏହାଦ୍ୱାରା ଗରିବ ପେନ୍ସନ ଭୋଗୀମାନେ ପେନ୍ସନ ମଞ୍ଜୁର ପାଇଁ ବାରମ୍ବାର ଭୁବନେଶ୍ୱର ଯାଇ ସମୟ ଅପଚୟ ଓ ଖର୍ଚ୍ଚାନ୍ତ ହେବାରୁ ରକ୍ଷା ପାଇପାରିବେ ବୋଲି ସେ କହିଥିଲେ । ସମ୍ମାନୀତ ଅତିଥିଭାବେ ଯୋଗଦେଇ ବରିଷ୍ଠ ଉପ-ମହାଲେଖାକାର ଶ୍ରୀରାଜ ଅଶୋକ ଆସନ୍ତା ଜୁଲାଇ ମାସରୁ ଅନ୍ଲାଇନ୍ ପେନ୍ସନ ଆବେଦନ କରିବାକୁ ପଡ଼ିବ ବୋଲି ଦର୍ଶାଇଥିଲେ ।ଏଥିପାଇଁ ପେନ୍ସନ ମଞ୍ଜୁର ପ୍ରାଧିକରଣ ତଥା ଆହରଣ ବିତରକ ଅଧିକାରୀ( ଡି.ଡି.ଓ.)ମାନଙ୍କୁ ସଚେତନ କରାଇବା ଏହି ଅଦାଲତର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ଆଜିର ପେନ୍ସନ ଅଦାଲତରେ ୫୦ ଗୋଟି କେସ୍ ଶୁଣାଣୀ କରାଯାଇ ଅବସର କାଳୀନ ପ୍ରାପ୍ୟ ମଞ୍ଜୁର କରିବା ପାଇଁ ଆଦେଶ ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ୧୧ ଜଣ ପେନ୍ସନର୍ଙ୍କୁ ଜିଲ୍ଲାପାଳ ଓ ବରିଷ୍ଠ ଉପ-ମହାଲେଖାକାରଙ୍କ ଦ୍ୱାରା ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲା । ଆସନ୍ତା କାଲି ୧୬୪ଜଣ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପେନ୍ସନ ଆବେଦନ ପତ୍ର ସଂକ୍ରାନ୍ତରେ ପେନ୍ସନ ଅଦାଲତରେ ଆଲୋଚନା କରାଯିବ । ତେବେ ଠିକ୍ ସମୟରେ ଅବେଦନ ପତ୍ରଗୁଡ଼ିକୁ ଏ.ଜି. କାର୍ଯ୍ୟାଳୟକୁ ପଠାଯିବା ପାଇଁ ପଦକ୍ଷେପ ନେବାକୁ ସେଠାରେ ଉପସ୍ଥିତ ପେନ୍ସନ ମଞ୍ଜୁର ପ୍ରାଧିକରଣ ତଥା ଡି.ଡି.ଓ. ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଉକ୍ତ ପେନ୍ସନ ଅଦାଲତରେ ସହକାରୀ ମହାଲେଖାକାର ମୁକୁଲ ଜାମଲୋକି ଓ ସୁଶ୍ରୀ ତାନ୍ୟା ଅମ୍ବାଷ୍ଟା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ, ବରିଷ୍ଠ ଲେଖା ଅଧିକାରୀ ସୁଶୀଳ କୁମାର ମିଶ୍ର ଓ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥବାବେଳେ ଜିଲ୍ଲାର ବହୁ ପେନ୍ସନ ଭୋଗୀ ଓ ସଂପୃକ୍ତ ପେନ୍ସନ ମଞ୍ଜୁର ପ୍ରାଧିକରଣ ତଥା ଡି.ଡି.ଓ. ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ ।

# ମଦ ଚାଲାଣ: ଜଣେ ଗିରଫ

ଜୟପୁର ,୧୦/୦୬ (ନି.ପ୍ର): ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗୁଡାର ଅମିର କୁଳଦୀପ (୨୨) । ଅବକାରି ବିଭାଗ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡାର ଅମିର କୁଳଦିପ ଏକ ବାଇକ ଯୋଗେ ଦେଶି ମଦ ଚାଲାଣ କରୁଥିବା ସୁଚନା ପାଇ କୁନ୍ଦାରିଗୁଡା କେନାଲ ରୋଡ ନିକଟରେ ଚଢାଉ କରିଥିଲ । ଚଢାଉ କରି ୩ଟି ଟିୟୁବରେ ୬୦ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉ ରେ ହି ଚଢାଉ ରେ ଅବକାରି ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମ ରାଓ, ମାଧବେଶ ମାରାଣ୍ଡି ଚଢାଉ କରିଥିବା ଜଣାଯାଇଛି ।

# ଶ୍ରୀକ୍ଷେତ୍ର ପୁରୀରୁ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ରାଜ୍ୟ ପରିକ୍ରମା

ପୁରୀ,୧୦/୦୬ (ନି.ପ୍ର): ପବିତ୍ର ଶ୍ରୀକ୍ଷେତ୍ରଧାମ ପୁରୁଷୋତ୍ତମ କ୍ଷେତ୍ର ପୁରୀ ରୁ ବରଗଡ଼ର'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର'ର ରାଜ୍ୟ ପରିକ୍ରମା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ପ୍ରଥମ ଖବର କାଗଜ 'ଶିଶୁ ସମାଚାର' ର ସମ୍ପାଦକ ସୁକାନ୍ତ ପଣ୍ଡାଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମର ଅୟମାରମ୍ଭ ସଫଳତାର ସହ ପୁରୀ ଗୌଡବାଡ ସାହି ସ୍ଥିତ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ହୋଇଅଛି । ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ର ଆବାହକ ଡକ୍ଟର ରବିନାରାୟଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର ପୁସ୍ତକ ହିଁ ମଣିଷକୁ ସମାଜର ଶୀର୍ଷ ସ୍ଥାନକୁ ନେଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ ରଥ ପୁସ୍ତକ ପଠନ ବ୍ୟାକରଣ ଜ୍ଞାନ ବୃଦ୍ଧି ସହ ବ୍ୟକ୍ତିର ସୃଜନ ଶକ୍ତିକୁ ପରିମାର୍ଜିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ବରେଣ୍ୟ ଅତିଥି ସୁକାନ୍ତ ପଣ୍ଡା ଓଡ଼ିଶାରେ ପ୍ରକାଶିତ ଶିଶୁ ସାହିତ୍ୟ ପତ୍ରିକା ପଠନ ପ୍ରତି ମନୋନିବେଶ କରିବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ସସ୍ମିକୁନ୍ତଳା ରଥ, ରିଙ୍କି ଜେନା ଓ ମୀରା ଦେବନାଥ ଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀ ବିଜୟଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପିର ଜାତିବର୍ଗ ସମ୍ମିଳନୀ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୧୦/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅଳାଇଲୋ ପଂଚାୟତ ଠାରେ ବିଜେପି ତରଫରୁ ମଇଁଷି ଗୋସେଇଁ ମଠ ପରିସରରେ ଓବିସି ମୋର୍ଚ୍ଚା ତରଫରୁ ଜାତିବର୍ଗ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ଓବିସି ମୋର୍ଚ୍ଚା ସଂପାଦକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପ୍ରଭାରୀ ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସତ୍ୟ ପ୍ରକାଶ ସାମଲ, ସଦସ୍ୟ ଶ୍ରୀମନ୍ତ ଦାସ, ନେହେରୁ କୁମାର ସାହୁ, କେଶବ ଭୋଳ, ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ପ୍ରଧାନମନ୍ତ୍ରୀ ଓବିସି ବର୍ଗଙ୍କ ପାଇଁ ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଥିବା ଲୋକମାନଙ୍କୁ ବୁଝାଇଥିଲେ ।

# କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଫୁଲବାଣୀ ବ୍ଲକ୍ ଅଂଚଳର କେରେଡିରେ କାର୍ଯ୍ୟକ୍ରମ ପରିବର୍ତ୍ତନର ଶୁଭାରମ୍ଭ

କନ୍ଧମାଳ ,୧୦/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରଶାସନର ନିଆରା କାର୍ଯ୍ୟକ୍ରମ ପରିବର୍ତ୍ତନ ର ଶୁଭାରମ୍ଭ ଫୁଲବାଣୀ ପଂଚାୟତ ସମିତି ପ୍ରଶାସନ ତରଫରୁ କେରେଡି ପଂଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ଏହି ପରିବର୍ତ୍ତନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୃଷ୍ଟିକର ଖାଦ୍ୟ ସମ୍ପର୍କିତ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଅଛି ,ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଫୁଲବାଣୀ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀମତୀ ସସ୍ମିତା କଂହର, ସମ୍ମାନୀତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ,କେରେଡି ପଂଚାୟତ ସରପଂଚ ଶ୍ରୀମତୀ ବନିତା କହଁର,ସମିତି ସଭ୍ୟ ଦେବନାରାୟଣ ପ୍ରଧାନ ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀମତୀ କଳ୍ପନା ଦଳାଇ,ଭାରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ କ୍ରିଷ୍ଣା କୁମାରୀ ବେହେରା,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ସମ୍ପାଦିକା ମା ମଙ୍ଗଳା ପଂଚାୟତ ସ୍ତରୀୟ ସଂଘ କେରେଡି ସୁଷମା ସାହୁ ଉପସ୍ଥିତ ଥିଲେ । ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ସୁଶ୍ରୀ ସବିତା ସୁବୁଦ୍ଧି କାର୍ଯକ୍ରମ ଟିକୁ ପରିଚାଳନା କରିଥିବା ବେଳେ , ବ୍ଲକ ବୈଷୟିକ ସଂଯୋଜକ ଜାଜ୍ୱଲ୍ୟମୟ ପାତ୍ର, ସମନ୍ୱିତ ଶିଶୁ ବିଭାଗ ପର୍ଯ୍ୟବେକ୍ଷୀକା ଶ୍ରୀମତୀ ଆନନ୍ଦିନୀ ମହାନ୍ତି, ସ୍ୱାସ୍ଥ୍ୟ ବିଭାଗର କର୍ମୀ, ସମସ୍ତ ଅଙ୍ଗନୱାଡ଼ି କର୍ମୀ,ଆଶା କର୍ମୀ,କମ୍ୟୁନିଟି କ୍ୟାଡ଼ର ମାନେ ସହଯୋଗ କରି କାର୍ଯକ୍ରମ ଟିକୁ ଆଗେଇ ନେଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାର୍ଯକ୍ରମ ବିଷୟରେ ସ୍ୱଂୟସହାୟକ ଗୋଷ୍ଠୀ ର ସଭ୍ୟା ମାନଙ୍କୁ ସଚେତନ କରାଇଥିଲେ ଓ ଗୋଟିଏ ପାଦ ଆଗକୁ ଯାଇ ପଂଚାୟତ ରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଉପରେ କିପରି ପରିବର୍ତ୍ତନ ହେବ ବୁଝାଇଥିଲେ । ସର୍ବ ଶେଷରେ ସୁଶ୍ରୀ ସବିତା ସୁବୁଦ୍ଧି ଧନ୍ୟବାଦ୍ ଦେଇ କାର୍ଯ୍ୟକ୍ରମଟିକୁ ସମାପ୍ତ କରିଥିଲେ ।

# ପୁରୁଣା କାନ୍ଥରେ ଛାତ ପକାଇ ୩୦ ଲକ୍ଷ ଟଙ୍କା ଚଳୁ : ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୧୦/୦୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ମହିପାଳ ସ୍ଥିତ ମୁନିସିପାଲିଟି ବାଳିକା ଉଚ୍ଚ ବିଦ୍ୟାଳୟକୁ ଫୋକସ ସ୍କୁଲ ଘୋଷଣା କରାଯିବା ପରେ ଏହାର କାୟାକଳ୍ପ ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇ ଥିଲା । କେନ୍ଦ୍ରାପଡା ବ୍ଲକ ତରଫରୁ ଏନେଇ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ବ୍ଲକ ଜେଇ ସସ୍ମିତା ନାୟକଙ୍କ ମାଧ୍ୟମରେ କରାଯାଇ ଥିଲା । ମାତ୍ର ସ୍କୁଲର ପୁରୁଣା କାନ୍ଥ ଉପରେ ନୂଆ ଛାତ ପକାଇ ଏହି ଟଙ୍କା ଗୁଡିକୁ ହରିଲୁଟ କରାଯାଇ ଥିବା ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ପୁରୁଣା କାନ୍ଥରେ ଥିବା ଗଛଲତାଗୁଡିକ ସେହିଭଳି ରହିଥିବାବେଳେ କେବଳ ମାତ୍ର ଛାତ ବଦଳାଇ ଏବଂ ପୁରୁଣା କାନ୍ଥ ଉପରେ ପଲସ୍ତରା ଓ ରଙ୍ଗ କରି ଅର୍ଥକୁ ହଡପ କରାଯାଇ ଥିବା ଓ ନିମ୍ନମାନର କାମ କରାଯାଇ ଥିବା ଅଭିଯୋଗ କରି ଗ୍ରାମବାସୀମାନେ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି ।

# ଦିବ୍ୟାଙ୍ଗଜନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ଶିବିର

ଜୟପୁର,୧୦/୦୬ (ନି.ପ୍ର): ଜୟପୁର ଟାଉନ ହଲ ଠାରେ ଦିବ୍ୟାଙ୍ଗଜନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ଶିବିର ଅନୁଷ୍ଠିତ ହୋଇଛି । ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ତତ୍ୱାବଧନରେ ଜିଲା ପ୍ରଶାସନ ତରଫରୁ ଆୟୋଜନ କରାଯାଇଛି । ଏହି ଶିବିରରେ ଦିବ୍ୟାଙ୍ଗଙ୍କୁ ଅଙ୍ଗ ପ୍ରଦାନ ନିମନ୍ତେ ମାପ କରାଯାଇଥିଲା । ଏହି ଶିବିରରେ ବୈପାରୁଗଡା ବ୍ଲକ, ଲମତାପୁଟ, କୁନ୍ଦୁରା, ଜୟପୁର ବ୍ଲକ ଓ ପୌରାଂଚଳର ଦିବ୍ୟାଙ୍ଗ ମାନେ ଉପସ୍ଥିତ ଥିଲେ . ଶିବିରରେ ୨୧ ଜଣ ଦିବ୍ୟାଙ୍ଗଙ୍କୁ ମାପ ନିଆଯାଇଥିଲା । ସେମାନଙ୍କ କୃତିମ ଅଙ୍ଗ ଦିଆଯିବ ବୋଲି ସୁଚନା ଦିଆଯାଇଛି ।

# ପେରିୟର ନ୍ୟାସନାଲ ପାର୍କ

ପେରିୟର ନ୍ୟାସନାଲ ପାର୍କ ଦକ୍ଷିଣ ଭାରତରେ ରହିଛି । କେରଳର ଇଡୁକ୍କି ଜିଲ୍ଲାର କୁମଲିଠାରୁ ପ୍ରାୟ ୪କିଲୋମିଟର ଦୂର ଥେକ୍କଡିଠାରେ ଏହି ଉଦ୍ୟାନ ଅବସ୍ଥିତ । ୧୮୯୫ ମସିହାରେ ପେରିୟର ନଦୀ କୂଳରେ ଏକ ବିଶ୍ୱାଳ କୃତ୍ରିମ ହ୍ରଦ ନିର୍ମାଣ କରାଯାଇଛି । ୩୫୦ ବର୍ଗ କିଲୋମିଟର ଜଙ୍ଗଲକୁ ଏହି ପାର୍କ ଆଚ୍ଛାଦିତ କରିଛି । ଏଠାରେ ବନ୍ୟ ଜୀବଜନ୍ତୁଙ୍କ ସମ୍ଭାର ସହ ସମ୍ପୂର୍ଣ୍ଣ ପାର୍କଟିରେ ଶାନ୍ତ ପରିବେଶ ଦେଖିବାକୁ ମିଳିଥାଏ । ଏଠାରେ ପର୍ଯ୍ୟଟକମାନେ ହାତୀ ଉପରେ ବସି ପ୍ରାୟ ୩୦ମିନିଟ୍ ପର୍ଯ୍ୟନ୍ତ ଭ୍ରମଣର ମଜା ଉଠାଇ ପାରିବେ । ବାଉଁଶ ଡଙ୍ଗା, ରାତ୍ରୀ ସମୟରେ ପାଟ୍ରୋଲିଂ ସୁବିଧା ଏବଂ ଜଙ୍ଗଲ ବିଷୟରେ ଭଲ ଭାବରେ ଅବଗତ ଥିବା ଉପଯୁକ୍ତ ଗାଇଡ୍ ମଧ୍ୟ ପାଇପାରିବେ । ସବୁଠାରୁ ଆକର୍ଷଣୀୟ ହେଉଛି ଏଠାରେ ଥିବା ଚା' ବଗିଚା ଏବଂ ମସଲା ଉଦ୍ୟାନ ଭ୍ରମଣ କରିବାର ମଜା ନେଇପାରିବେ ।







### କେବେ ଯିବେ:

ଭ୍ରମଣ ପାଇଁ ସବୁ ସମୟରେ ଏହା ଖୋଲାଥାଏ । ମାର୍ଚ୍ଚ-ଅପ୍ରେଲରେ ଗଲେ ହାତୀମାନେ ପାଣିରେ ସ୍ନାନ କରିବା ଦୃଶ୍ୟ ସହ ବର୍ଷାଋତୁରେ ଛାଡ଼ିଦେଲେ ଅନ୍ୟ ଦିନରେ ମଧ୍ୟ ଏଠାକୁ ଆପଣ ଭ୍ରମଣରେ ଆସିପାରିବେ । ଏଠାରେ ଭ୍ରମଣ ମଜା ସବୁଠୁ ନିଆରା ।

### ଖୋଲିବା ସମୟ:

ପ୍ରତ୍ୟେକ ଦିନ ସକାଳ ୬ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହା ଖୋଲାଥାଏ । ଦୁଇଘଣ୍ଟା ବୋଟିଂର ସୁବିଧା ପାଇବା ସହ ବାଘ ଦେଖିପାରିବେ । ୭ଟା୩୦ ଏବଂ ଅପରାହ୍ନ ୩ଟା ୩୦ରେ ପ୍ରବେଶ କଲେ ବିଭିନ୍ନ ପ୍ରଜାତିର ତଥା ବିରଳ ପଶୁପକ୍ଷୀଙ୍କୁ ଦେଖିପାରିବେ । କାରଣ ଏହା ସେମାନଙ୍କ ବିଚରଣ ସମୟ । ନଚେତ ଆପଣ ସକାଳ ୯ଟା ୩୦, ୧ଟା ୧୫ ଏବଂ ୧ଟା ୪୫ରେ ପ୍ରବେଶ କରିପାରିବେ । ପାର୍କରେ ଭ୍ରମଣ ପାଇଁ ପ୍ରାୟ ୪ଘଣ୍ଟା ଗାଇଡଙ୍କ ସହାୟତା ନେଇପାରିବେ ।






### କେଉଁଠି ରହିବେ, କିପରି ଯିବେ:

କେରଳ ପର୍ଯ୍ୟଟନ ବିକାଶ ନିଗମ ଦ୍ୱାରା ଏଠାରେ ତିନୋଟି ବିଳାସପୂର୍ଣ୍ଣ ହୋଟେଲର ସୁବିଧା ପାଇପାରିବେ । 'ଲେକ ପ୍ୟାଲେସ'ରେ ଡବଲ ରୁମ ପାଇଁ ୧୦ହଜାର ଟଙ୍କା, 'ଅରଣ୍ୟ ନିବାସ'ରେ ରାତିକୁ ୩୫ଶହ ଟଙ୍କା ଏବଂ ସବୁଠାରୁ ଶସ୍ତା 'ପେରିୟାର ହାଉସ'ରେ ମାତ୍ର ୨ହଜାର ଟଙ୍କା ରାତ୍ରିଯାପନ ପାଇଁ ଦେୟ ଦେବାକୁ ପଡ଼ିବ । କେରଳର କୋଚି ଓ ତାମିଲନାଡୁର ମଦୁରାଇ ଏହାର ନିକଟତମ ବିମାନବନ୍ଦର । ୧୧୪ କିଲୋମିଟର ବ୍ୟବଧାନରେ କୋଟାୟମରେ ରେଳଷ୍ଟେସନ ରହିଛି ।

### ପ୍ରବେଶ ଫି:

ବିଦେଶୀମାନଙ୍କ ପାଇଁ ୩ଶହ ଟଙ୍କା ସେମାନଙ୍କ ଛୋଟ ପିଲାଙ୍କ ପାଇଁ ୧୦୫ଟଙ୍କା ପ୍ରବେଶ ଫି ଥିବାବେଳେ ଭାରତୀୟମାନଙ୍କ ପାଇଁ ୨୫ଟଙ୍କା, ଛୋଟ ଛୁଆଙ୍କ ପାଇଁ ୫ଟଙ୍କା ରହିଛି । ୧୧ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ବୋଟ ଫି ବାବଦ ୧୫୦ଟଙ୍କା ଥିବାବେଳେ ପିଲାଙ୍କ ପାଇଁ ୫୦ ଟଙ୍କା ରହିଛି ।

# ମାଟିହାଣ୍ଡିର ଲୁପ୍ତ ପରମ୍ପରା



କେବଳ ଏସୀୟ ରାଷ୍ଟ୍ରଗୁଡ଼ିକରେ ଅନେକ ବର୍ଷ ପୂର୍ବେ ମାଟି ହାଣ୍ଡିରେ ରୋଷେଇ କରାଯାଉଥିବା ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଥିଲା । ହେଲେ ବିଶେଷଜ୍ଞଙ୍କ ଅନ୍ୟ ତଥ୍ୟ ଅନୁସାରେ, ବିଦେଶୀ ରାଷ୍ଟ୍ରରେ ମଧ୍ୟ ଚୀନା ମାଟିରେ ତିଆରୀ ମାଟି ବାସନରେ ବ୍ୟଞ୍ଜନ ରନ୍ଧାଯାଉଥିଲା । ସମୟକ୍ରମେ ଏହା ଆମ ଲୁପ୍ତ ପରମ୍ପରାରେ ସାମିଲ ହୋଇଛି । ମାଟି ବାସନ ଲୁପ୍ତ ହେବା ପଛର ମୁଖ୍ୟ କାରଣ ହେଲା ଏଇ ବାସନରେ ରନ୍ଧାଗଲେ ଖୁବ୍ ସମୟ ଲାଗିବା ସହ ପରିଶ୍ରମ ମଧ୍ୟ କରିବାକୁ ପଡ଼ିଥାଏ । ବିଶ୍ୱର ପ୍ରତ୍ୟେକ ପ୍ରାନ୍ତରେ ଏବେ ଲୁହା ଓ ଷ୍ଟିଲ ବାସନର ଆଦର ତଥା ଲୋକପ୍ରିୟତା ବଢ଼ୁଥିବାବେଳେ ଖୁବ୍ କମ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ମାଟି ବାସନ ବ୍ୟବହାର ହେଉଛି ଆମ ଭାରତର କେତେକ ପ୍ରାନ୍ତ ଓ ଜାପାନର ହାତଗଣତି କେତୋଟି ସ୍ଥାନରେ ମାଟି ହାଣ୍ଡିରେ ଖାଦ୍ୟ ରନ୍ଧା ହେଉଥିବାର ପ୍ରକାଶ । ବିଶେଷଜ୍ଞଙ୍କ ମତରେ ଅନେକ ବର୍ଷ ତଳେ ଭାରତରୁ ହିଁ ଏଇ ମାଟି ବାସନ ରନ୍ଧାର ନିୟମ ବିଦେଶ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା । ମାଟି ହାଣ୍ଡିରେ ରନ୍ଧା ଉଭୟ ଆମିଷ ଓ ନିରାମିଷ ତରକାରିର ସ୍ୱାଦ ନ ଚାଖିଲେ ଜାଣିହେବ ନାହିଁ । ଏଥିରେ ପ୍ରସ୍ତୁତ ଖାଦ୍ୟରେ ସମସ୍ତ ପୋଷକତତ୍ତ୍ୱ ମହଜୁଦ ରହିଥାଏ । କିନ୍ତୁ ଏହା ମଧ୍ୟ ସତ ଯେ ମାଟି ହାଣ୍ଡିରେ ରୋଷେଇ କଲେ ଅଧିକ ସମୟ ଲାଗେ । ଏକ ବିଂଶ ଶତାବ୍ଦୀରେ ଏଇ ମାଟି ହାଣ୍ଡି ରନ୍ଧାର ପରଶ କେବଳ ହାଇଦ୍ରାବାଦ, ପୁରୁଣା ଦିଲ୍ଲୀର କେତେକ ସ୍ଥାନରେ ହିଁ ଦେଖାଯାଉଛି । ହାଇଦ୍ରାବାଦରେ ଏବେ ମଧ୍ୟ କେତେକ ଲୋକପ୍ରିୟ ସ୍ଥାନରେ ମାଟି ହାଣ୍ଡିରେ ଦମ ବିରିୟାନୀ ତିଆରି କରାଯାଇଥାଏ । ତାହାର ସ୍ୱାଦ ଓ ବାସ୍ନା ହିଁ ପ୍ରତ୍ୟେକଙ୍କ ମୁଖ୍ୟ ଆକର୍ଷଣ । ଗୁଜରାଟରେ ହଣ୍ଡାୱୋ ନାମକ ବ୍ୟଞ୍ଜନ ତିଆରି କରାଯାଏ । ଏଇ ବ୍ୟଞ୍ଜନକୁ ବର୍ତ୍ତମାନ ସୁଦ୍ଧା ସ୍ଥାନୀୟ ଲୋକେ ମାଟି ହାଣ୍ଡିରେ ତିଆରି କରିଥାନ୍ତି । ଲୁହା କଡ଼େଇରେ ହର୍ଡୱୋ ପ୍ରସ୍ତୁତ ହେଲେ ତାହା ସ୍ୱାଦହୀନ ବୋଲି ରୋଷେଇୟାଙ୍କ ମତ । ଲକ୍ଷ୍ନୌ ଯାଇଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ସେଠାରେ ମିଳୁଥିବା ଛେନା ମିଠା ଓ ପୋଡ଼ା ବାବଦରେ ଭଲଭାବେ ଅବଗତ । ଏଇ ମିଠାର ମୁଖ୍ୟ ଆକର୍ଷଣ ହେଲା ତାହା ମାଟି ହାଣ୍ଡିରେ ଭର୍ତ୍ତି କରାଯାଇ ବିକ୍ରି ହୁଏ । ଗ୍ରାହକଙ୍କ ମତରେ ମିଠା ସହ ମାଟିର ବାସ୍ନା ସ୍ୱାଦକୁ ଅଧିକ ଭଲ କରିଥାଏ । ବର୍ତ୍ତମାନ କିନ୍ତୁ ବିକ୍ରେତା ଷ୍ଟିଲ ବାସନରେ ଏଇ ମିଠାକୁ ଭର୍ତ୍ତି କରି ବିକ୍ରି କରୁଛନ୍ତି । କାରଣ ମାଟି ବାସନ ବାରମ୍ବାର ଭାଙ୍ଗୁଛି । ସେଇ ଅନୁସାରେ ମିଠାର ବ୍ରିକି ମଧ୍ୟ କମିବାରେ ଲାଗିଛି ।






# ଚର୍ଚ୍ଚିତ ଯୋଗଗୁରୁ

### ଷ୍ଟିୱାର୍ଟ ଗିଲକ୍ରିଷ୍ଟ:



ଏହି ବିଦେଶୀ ଯୋଗଗୁରୁ ଲଣ୍ଡନରେ ଯୋଗ ଶିକ୍ଷା ଦେଉଛନ୍ତି । ତାଙ୍କ ଯୋଗଶିକ୍ଷା ଦେଖିଲେ ଅନେକେ ଆଶ୍ଚର୍ଯ୍ୟ ନହୋଇ ରହିପାରନ୍ତି ନାହିଁ । ଷ୍ଟିୱାର୍ଟଙ୍କ ଯୋଗର ନାମକରଣ କରାଯାଇଛି 'ହଟ୍ ଯୋଗ' । ତାଙ୍କୁ ମଧ୍ୟ 'ଟର୍ଟିଷ୍ଟ ଯୋଗ ଗୁରୁ' ଆଖ୍ୟା ଦିଆଯାଇଛି । ନିଜ ଯୋଗଶିକ୍ଷା ଦେବାର କୌଶଳ ଯୋଗୁ ଏଭଳି ବିବାଦୀୟ ଆଖ୍ୟା ପାଇଛନ୍ତି ସେ । ଷ୍ଟିୱାର୍ଟଙ୍କ ଶିଷ୍ୟମାନଙ୍କ ମଧ୍ୟରେ ବହୁ ଖ୍ୟାତନାମା ବ୍ୟକ୍ତିତ୍ୱ ରହିଛନ୍ତି । ବ୍ରିଟେନର ଯୁବରାଣୀ କେଟ୍ ମିହଲଟନଙ୍କ ଭଉଣୀ ପିପା ମିଡଲଟ୍ନଙ୍କ ଏମାନଙ୍କ ମଧ୍ୟରୁ ଅନ୍ୟତମ । ଷ୍ଟିୱାର୍ଟ ବର୍ଷକୁ ମାତ୍ର ଥରେ ସମୁଦ୍ର ପାଣିରେ ଗାଧୋଇଥାନ୍ତି । ତାଙ୍କ ଦେହରୁ ସବୁବେଳେ ଦୁର୍ଗନ୍ଧ ବାହାରୁଥାଏ । ତେବେ ଏହି ଦୁର୍ଗନ୍ଧ ଭିତରେ ବି କିଛି ଆକର୍ଷଣ ଅଛି ଯାହା ଯୋଗଶିକ୍ଷା କରିବା ଲାଗି ଶିଷ୍ୟମାନଙ୍କୁ ତାଙ୍କ ପାଖକୁ ନେଇଆସୁଛି ବୋଲି ଷ୍ଟିୱାର୍ଟ କହନ୍ତି । ତାଙ୍କର ଯୋଗଶିକ୍ଷା ସମଗ୍ର ଲଣ୍ଡନରେ ଲୋକପ୍ରିୟ ।

### ତାଓ ପୋଚୋଁଲିଞ୍ଚ:



ବିଶ୍ୱର ସବୁଠାରୁ ବୟସ୍କ ଯୋଗଗୁରୁ ଭାବେ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସରେ ତାଓଙ୍କ ନାଁ ରହିଛି । ବୟସ ଶହେରେ ପହଞ୍ଚିଥିଲେ ବି ତାଓଙ୍କ ମନୋଭାବ ସାମାନ୍ୟ ଦୁର୍ବଳ ହୋଇନାହିଁ । ନ୍ୟୁୟର୍କରେ ରହିବା ସହ ୭୫ବର୍ଷ ବୟସରେ ଲୋକଙ୍କୁ ଯୋଗଶିକ୍ଷା ଦେବା ଆରମ୍ଭ କରିଥିଲେ ସେ । କେବଳ ଯୋଗ ନୁହେଁ, ବଲ୍ ଡାନସରେ ମଧ୍ୟ ପାରଙ୍ଗମ ତାଓ । ୧୩ ଅଗଷ୍ଟ ୧୯୧୮ରେ ପଣ୍ଡୁଚେରୀଠାରେ ଫରାସୀ ପିତା ଏବଂ ମଣିପୁରୀ ମା'ଙ୍କ କୋଳରେ ଜନ୍ମଗ୍ରହଣ କରିଥିଲେ ସେ । ଆଠବର୍ଷ ବୟସରୁ ମହାଯୋଗୀ ଶ୍ରୀଅରବିନ୍ଦ ଏବଂ ପ୍ରଖ୍ୟାତ ଯୋଗଗୁରୁ ବିକେ.ଏସ ଆୟାଙ୍ଗାରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଯୋଗ ଶିକ୍ଷା କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସହିତ ଭାରତର ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ସାମିଲ ହୋଇଥିଲେ ତାଓ । ପରବର୍ତ୍ତୀ ସମୟରେ ଜଣେ ହଲିଉଡ୍ ତାରକା ଏବଂ କ୍ୟାବ୍ରେ ନୃତ୍ୟାଙ୍ଗନା ଭାବେ କ୍ୟାରିୟର ଗଢ଼ିଲେ । ୧୯୬୨ ମସିହାରେ ବିବାହ ପରେ ସେ ଧୀରେଧୀରେ ଅଭିନୟରୁ ଦୂରେଇ ୧୯୬୭ ବେଳକୁ ନିଜ ଜୀବନ ଯୋଗ ପ୍ରତି ସମର୍ପିତ କରିଦେବା ଲାଗି ନିଷ୍ପତ୍ତି ନେଇଥିଲେ । ତାଙ୍କର ମାନସିକ ଶକ୍ତି ହିଁ ତାଙ୍କୁ ଏଯାବତ ସକ୍ରିୟ କରି ରଖିଛି ବୋଲି ତାଓ କହନ୍ତି ।

### ସୋହନ ସିଂହ:



କିଛି ବର୍ଷ ପୂର୍ବରୁ ଏହି ନାମର ଯେପରି କୌଣସି ପରିଚୟ ନଥିଲା । ବୁନ୍ଦେଲଖଣ୍ଡ ଲଳିତପୁର ଜିଲ୍ଲା ଅନ୍ତର୍ଗତ ବରଖେଡା ଗ୍ରାମ ବାସିନ୍ଦା ସୋହନ ଏତେ ଖରାପ ପରିସ୍ଥିତି ମଧ୍ୟରେ ରହିଥିଲେ ଯେ ଦିନକୁ ଦୁଇବେଳା ଖାଇବା ଯୋଗାଡ଼ କରିବା ବି କଷ୍ଟକର ଥିଲା ତାଙ୍କ ପାଇଁ । ଏବେ ସାରା ବିଶ୍ୱରେ ଯୋଗଗୁରୁ ଭାବେ ସେ ପରିଚିତ । ସାଗରସ୍ଥିତ ହରିସିଂହ ଗୌର ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ଜଣେ ଶିକ୍ଷକଙ୍କଠାରୁ ଯୋଗ ବପିଷୟରେ ଜାଣି ଏହାକୁ ଅଭ୍ୟାସ କରିଥିଲେ । ପରେ ଯୋଗ ତାଙ୍କର ପ୍ରିୟ କାର୍ଯ୍ୟ ହୋଇଗଲା । ପାଠପଢ଼ା ଶେଷ କରି ସେ ଏକ କମ୍ପ୍ୟୁଟର କମ୍ପାନୀରେ ଚାକିରି କରିଥିଲେ । ରାତିରେ ଚାକିରି କରିବା ସହ ଦିନରେ ଲୋକଙ୍କୁ ଯୋଗ ଶିଖାଇଲେ ସୋହନ । ପରିବାର ପ୍ରତିପୋଷଣ ଲାଗି ଲନ୍ଦୋର ଏବଂ ପରେ ଥାଇଲାଣ୍ଡ ଯାଇ ଚାକିରି କଲେ ସେ । ଥାଇଲାଣ୍ଡରେ ଏକ ଆଇଟି କମ୍ପାନୀର ମାଲିକ ମଧ୍ୟ ହୋଇଗଲେ । ତେବେ ଯୋଗର ଆକର୍ଷଣ ଅଢ଼େଇବର୍ଷ ପରେ ତାଙ୍କୁ ସେଠାରୁ ଫେରାଇ ଆଣିଲା । କମ୍ପ୍ୟୁଟର ପାଠ୍ୟକ୍ରମରେ ପିଏଚଡି କରିବା ପରେ ସେ ଚୀନ ଯିବାର ସୁଯୋଗ ପାଇଲେ । ସେଠାରେ ଚାକିରି ସହିତ ଯୋଗ ଶିକ୍ଷା ଦେବା ଆରମ୍ଭ କଲେ । 'ସୋହନ ଯୋଗ' ନାମରେ ଏକ ସଂସ୍ଥା ପ୍ରତିଷ୍ଠା କରି ଚୀନର ଯୋଗଗୁରୁ ପାଲଟିଯାଇଛନ୍ତି ସେ । ଚୀନ ସହିତ ଭାରତ ଆସି ମଧ୍ୟ ଯୋଗ ଶିକ୍ଷା ଦେଉଛନ୍ତି ଯୋଗଗୁରୁ ସୋହନ ।



### ନାନମ୍ମଲ ଅମ୍ମା:

ଯୋଗ ସମସ୍ତ ରୋଗରୁ ମୁକ୍ତ କରି ଶରୀରକୁ ସୁସ୍ଥ ରଖିଥାଏ । ଏହାର ଜ୍ୱଳନ୍ତ ଉଦାହରଣ ହେଲେ ନାନମ୍ମଲ ଅମ୍ମା । ସେ ଭାରତର ସବୁଠାରୁ ବୟସ୍କ ଯୋଗଗୁରୁ ଭାବେ ପରିଚିତ । ତାମିଲନାଡୁର କୋଏମ୍ବାଟୁର ଜିଲ୍ଲାରେ ୧୯୨୦ ମସିହାରେ ଜନ୍ମଗ୍ରହଣ କରିଥିଲେ ନାନମ୍ମଲ । ଏ ବୟସରେ ସେ ଯେପରି ଯୋଗାଭ୍ୟାସ କରୁଛନ୍ତି, ସେଥିରେ ଯୋଗଗୁରୁ ବାବା ରାମଦେବ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରନ୍ତି । ଅମ୍ମାଙ୍କ ପରିବାରର ପାଞ୍ଚ ପିଢ଼ି ଯୋଗ ସହିତ ଜଡ଼ିତ । ସେ ନିଜେ ଜେଜେବାପାଙ୍କଠାରୁ ଶିଖି ମାତ୍ର ୫ବର୍ଷ ବୟସରୁ ଯୋଗାଭ୍ୟାସ କରିଥିଲେ । ଆମ୍ମାଙ୍କର ୨ପୁଅ ଏବଂ ୩ ଝିଅ ସମସ୍ତେ ଭିନ୍ନଭିନ୍ନ ସ୍ଥାନରେ ଯୋଗ ଶିକ୍ଷା ଦେଉଛନ୍ତି । କେବେ ଡାକ୍ତରଖାନା ପରିସର ମାଡ଼ିନାହାନ୍ତି ଅମ୍ମା । ସକାଳୁ ନିମ୍ବ ଦାନ୍ତକାଠିରେ ଦାନ୍ତ ଘଷିବା ପରେ ସୂର୍ଯ୍ୟ ନମସ୍କାର କରନ୍ତି । ଜଳଖିଆରେ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଏବଂ ଘୋଳଦହି, ଦ୍ୱିପ୍ରହର ଖାଦ୍ୟରେ ଖାଦ୍ୟରେ ପାଳଙ୍ଗ, ପରିବା ତରକାରି ଡାଲି ଏବଂ କ୍ଷୀର ତଥା ରାତିରେ କେବଳ ଦୁଇଟି କଦଳୀ ଏବଂ ଏକ ଗ୍ଲାସ କ୍ଷୀର ତାଙ୍କ ଖାଦ୍ୟ ତାଲିକାରେ ସାମିଲ । ଚା ଓ କଫି ପିଉନଥିଲେ ବି ଅଦା ଚା' ପିଇବାକୁ ସେ ପସନ୍ଦ କରନ୍ତି । ସ୍ୱାସ୍ଥ୍ୟ ପରି ଦୃଷ୍ଟି ଶକ୍ତି ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଅଛି । ଲୋକମାନଙ୍କୁ ଯୋଗର ଉପକାର ସମ୍ପର୍କରେ ଜଣାଉଛନ୍ତି ସେ । ଏହାଦ୍ୱାରା ଯକୃତ, କିଡନୀ ଓ ହୃଦଯନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିଥାଏ, ଏପରିକି ଗର୍ଭାଶୟଜନିତ ବିଭିନ୍ନ ସମସ୍ୟାର ସମାଧାନ ହୋଇଥାଏ ବୋଲି କହନ୍ତି ଅମ୍ମା । ଏବେ ବି ସେ ୨୦ରୁ ଅଧିକ କଠିନ ଆସନ ଖୁବ୍ ସହଜରେ କରିପାରୁଛନ୍ତି ।

# କାଜୁରେ ରୋଗପୋକ ଦମନ

କାଜୁରେ କାଣ୍ଡ ଓ ଚେରବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡ଼ା ପଚାଶ ଭାଗ କବକ ଗୋଲେଇରେ ଛାଡ଼ି ଦିଅନ୍ତୁ । ପ୍ରତି ବୃକ୍ଷ ମୂଳରେ ମନ୍ଦା କରି ଏକ ମିଲି. ମନୋକ୍ରୋଟସ୍ ପ୍ରୟୋଗ କରନ୍ତୁ । ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ଦୁଇ ମିଲି. ମିଥାଇଲ୍ ଡିମେଟନ୍ ସେଚନ କରନ୍ତୁ । ଗୋଟିଏ ଗଛ ପ୍ରତି ୧୦-୨୦କିଗ୍ରା ଖତ, ୭୫୦ଗ୍ରାମ ଯବକ୍ଷାରଜାନ, ୧୨୫ଗ୍ରାମ ଫସଫରସ୍ ଏବଂ ୧୨୫ ଗ୍ରାମ ପଟାସ୍ ସାର ପ୍ରୟୋଗ କରନ୍ତୁ । ପ୍ରତି ଗଛରେ କୋଡ଼ିଏ - ପଚିଶ ଲିଟର ପାଣି ଦିଅନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗ...

ଷୋଡ଼ଶ ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଗୁଲ ବାଜିଛି । ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନର ବିସ୍ତୃତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ, ଜୁଲାଇ ୧୮ ତାରିଖ ଦିନ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ଏବଂ ଜୁଲାଇ ୨୧ ତାରିଖ ଦିନ ଭୋଟ ଗଣତି ହେବ, ଅର୍ଥାତ୍ ଫଳାଫଳ ପ୍ରକାଶ ପାଇବ । ତେବେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୁନ୍ ୧୫ ତାରିଖ ଦିନ ବିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ । ତଦନୁସାରେ, ଜୁନ ୨୯ ତାରିଖକୁ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ଜୁନ୍ ୩୦ ତାରିଖ ଦିନ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ ଓ ଜୁଲାଇ ୨ ତାରିଖକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ରଖାଯାଇଛି । ନିର୍ବାଚନ ପ୍ରକ୍ରିୟା ନିର୍ବାଚନ ଆୟୋଗଙ୍କ ଦ୍ୱାରା ପରିଚାଳନା କରାଯିବ ଓ ରାଜ୍ୟସଭାର ସେକ୍ରେଟାରୀ ଜେନେରାଲ ଏହି ନିର୍ବାଚନର ରିଟର୍ଣ୍ଣି ଅଫିସର ରହିବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଆସନ୍ତା ଜୁଲାଇ ୨୪ ତାରିଖ ଦିନ ଶେଷ ହେବ ଓ ସମ୍ବିଧାନର ଧାରା-୬୨ ଅନୁସାରେ ଜଣେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପରବର୍ତ୍ତୀ ରାଷ୍ଟ୍ରପତିଙ୍କ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ବାଞ୍ଛନୀୟ । ସେହିପରି ସମ୍ବିଧାନର ଧାରା-୩୨୪ ଅନୁସାରେ ବର୍ତ୍ତମାନ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଶେଷ ହେବାର ଷାଠିଏ ଦିନ ଆଗରୁ ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯାଇଥାଏ । ଏବେ ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ଦେଶର ରାଜନୈତିକ ଦଳମାନେ ଚଳଚଞ୍ଚଳ ହୋଇ ଉଠିଛନ୍ତି । ଯଦ୍ୟପି ସଂସଦ (ଉଭୟ ଲୋକସଭା ଏବଂ ରାଜ୍ୟସଭା) ତଥା ଅଧିକାଂଶ ରାଜ୍ୟରେ ବିଜେପି ନେତୃତ୍ୱାଧୀନ ଏନଡିଏ ଶାସନ କ୍ଷମତାରେ ରହିଛି ଏବଂ ନିଜ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରାଇବା ସକାଶେ ଖୁବ୍ ଦୃଢ଼ ସ୍ଥିତିରେ ଅଛି । ତଥାପି ଅନ୍ୟ ଆଞ୍ଚଳିକ ଦଳମାନଙ୍କୁ ନିଜ ପକ୍ଷକୁ ଆଣି ଏହି ପ୍ରକ୍ରିୟାକୁ ଆହୁରି ସହଜ ଓ ସୁଗମ କରିବା ସକାଶେ ବିଜେପି ତତ୍ପର ହୋଇଉଠିଛି। ସେହିଭଳି ପ୍ରାର୍ଥୀ ଚୟନ ମଧ ଆଉ ଏକ ପକିୟା । ଦେଶରେ ବିରୋଧୀ ଦଳମାନେ ଏବେ ଯେଉଁଭଳି ସ୍ଥିତିରେ ଅଛନ୍ତି, ସେମାନେ ପୃଥକ୍ ପ୍ରାର୍ଥୀ ଦିଅନ୍ତୁ ଅବା ମିଳିତ ପ୍ରାର୍ଥୀ ଠିଆ କରାନ୍ତୁ, ସେମାନଙ୍କ ବିଜୟ କଦାପି ସମ୍ଭବପର ହେବା ଲାଗେନାହିଁ । ତେବେ ରାଷ୍ଟ୍ରପତିଙ୍କ ନିର୍ବାଚନ ପ୍ରକ୍ରିୟା ଯାହାକି ଏକ 'ଇଲେକ୍ଟୋରାଲ କଲେଜ' ଦ୍ୱାରା 'ସିଙ୍ଗଲ ଟ୍ରାନ୍ସଫରେବଲ୍ ଭୋଟ ସିଷ୍ଟମ' ଜରିଆରେ ସଂପାଦିତ ହୋଇଥାଏ । ସେଥିରେ କୌଣସି ରାଜନୈତିକ ଦଳ ନିଜ ସଦସ୍ୟଙ୍କ ଉପରେ ହୁଇପ୍ ଜାରି କରିପାରିବେ ନାହିଁ । ଅତୀତରେ ଏହି ବ୍ୟବସ୍ଥା ଯୋଗୁଁ ଶାସକ ଦଳଙ୍କ ଅନୁମୋଦିତ ପ୍ରାର୍ଥୀଙ୍କୁ ମଧ ପରାଜୟର ସ୍ୱାଦ ଚାଖୁବାକୁ ପଡ଼ିଛି। ପୂର୍ବ ବର୍ଣ୍ଣିତ ଇଲେକଟୋରାଲ କଲେଜ ଲୋକସଭା ଓ ରାଜ୍ୟସଭା ତଥା ରାଜ୍ୟ। କେନ୍ଦ୍ରଶାସିତ କ୍ଷେତ୍ରର ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ ଏବଂ ଏହାର ମୋଟ୍ ସଂଖ୍ୟା ୪,୮୦୯୧ । ପୁନଶ୍ଚ ସାଂସଦମାନଙ୍କ ମୋଟ୍ ଭୋଟି ମୂଲ୍ୟ ୫,୪୩,୨୦୦ ହୋଇଥିବାବେଳେ ରାଜ୍ୟଗୁଡ଼ିକର ମୋଟ୍ ଭୋଟ ମୂଲ୍ୟ ୫,୪୩,୨୩୧ । ନିର୍ବାଚନ ପାଇଁ ସଂସଦ ଠାରୁ ସବୁ ରାଜ୍ୟ ବିଧାନସଭାରେ ନିର୍ଦ୍ଧାରିତ ତାରିଖରେ ଭୋଟ ଗ୍ରହଣ କରାଯିବା ପରେ ତାହାକୁ ସାମଗ୍ରିକ ଭାବେ ଗଣନା କରାଯାଇ କେଉଁ ପ୍ରାର୍ଥୀଙ୍କ ସପକ୍ଷରେ ବିଜୟଟୀକା ଯାଉଛି ତାହା ନିର୍ଦ୍ଧାରଣ କରାଯାଇଥାଏ। ଗତ ଦୁଇ ବର୍ଷ ମଧରେ ଅନୁଷ୍ଠିତ ବିଭିନ୍ନ ବିଧାନସଭା ନିର୍ବାଚନରେ ବିଜେପି ଅଧିକାଂଶ ରାଜ୍ୟରେ ବିଜୟୀ ହୋଇଛି । ସେହିଭଳି ସଦ୍ୟ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ମଧ ବିଜେପିର ସ୍କୋର ଅନ୍ୟମାନଙ୍କଠାରୁ ଭଲ ରହିଛି। ବିଭିନ୍ନ ଆଞ୍ଚଳିକ ଦଳ (ବିଜେପି, ଜେଡିୟୁ ଏବଂ ୱାଇଏସଆର-କଂଗ୍ରେସ ଭଳି)ଙ୍କ ସହ ବିଜେପିର ସଂପର୍କ ମଧୁର । ତେଣୁ ସେମାନଙ୍କୁ ନିଜ ପକ୍ଷକୁ ଆଣି ନିଜ ପ୍ରାର୍ଥୀଙ୍କୁ ରାଇସିନା ହିଲ୍‌ରେ ବସାଇବା ସକାଶେ ଏନଡିଏ ଅବଶ୍ୟ ସକ୍ଷମ ହୋଇପାରିବ । ସେଥିପାଇଁ ଧୀଦଉଡ଼ ଆରମ୍ଭ ହୋଇଗଲାଣି । ଆଗାମୀ ଦିନରେ ତାହା ଆହୁରି ପ୍ରଖର ହେବ । ଲକ୍ଷ୍ୟ କରିବା କଥା– ବିରୋଧୀ ଦଳ ଏବେ କେତେଦୂର ଏକଜୁଟ ହେଉଛନ୍ତି । ତାହା କେବଳ ରାଷ୍ଟ୍ରପତି ନିର୍ବାଚନ ନୁହେଁ ୨୦୨୪ ସାଧାରଣ ନିର୍ବାଚନ ଲାଗି ବିରୋଧୀ ମେଣ୍ଟର ମଧ ମୂଳଦୁଆ ପକାଇପାରେ । ତେବେ ଏ ସଂଖ୍ୟା ଖେଳରେ କିଏ ଜିଣୁଛି ଏବଂ କାହା ମୁଣ୍ଡରେ ହାତୀ ସୁନାକଳସ ଢାଳୁଛି, ସେଥିପାଇଁ ଜୁଲାଇ ୨୧କୁ ଅପେକ୍ଷା।

## ନବୀନଙ୍କ ସିଲଭର ଜୁବଲି



ସୁବାସ ଷଡଙ୍ଗୀ

ଓଡିଶାର କୌଣସି ନେତା ନିଜ ରାଜନୈତିକ ଜୀବନରେ କ୍ଷମତାକୁ ଧରି ରଖିବାରେ ସିଲଭର ଜୁବଲି ପାଳନ କରିପାରି ନାହାନ୍ତି। ଲୋକଙ୍କ ରୋଷର ଶିକାର ହୋଇ କ୍ଷମତାଠାରୁ ଦୂରେଇ ଯାଇଛନ୍ତି। କିନ୍ତୁ ନବୀନବାବୁ ହେଉଛନ୍ତି ଏକ ବ୍ୟତିକ୍ରମ। ଦୀର୍ଘବର୍ଷ ଧରି ରାଜନୈତିକ ଜୀବନର ଧାର ଧାରୁ ନଥିବା ନବୀନବାବୁ ସେତେବେଳେ ଓଡିଶା ପାଇଁ କିଛି କରିବାର ଅଭିପ୍ରାୟ ନେଇ ଓଡିଶା ଆସିଲେ, ସେତେବେଳେ ଓଡିଶା ସମ୍ପର୍କରେ ବିଶେଷ କରି ଓଡିଶାର ରାଜନୈତିକ ପାଣିପାଗ ସମ୍ପର୍କରେ ତାଙ୍କୁ ଦିଗଦର୍ଶନଦେବାକୁ ସେଭଳି କୌଣସି ନେତା ନଥଲେ। ବରଂ ତାଙ୍କ ବାପାଙ୍କ ଲୋକପ୍ରିୟତାକୁ ପାଥେୟ କରି ଓଡିଶାରେ କଂଗ୍ରେସ ବିରୋଧୀ ଜନମତକୁ ବ୍ୟବହାର କରି କ୍ଷମତା ଦଖଲ କରିବା ଏକମାତ୍ର ଉଦ୍ଦେଶ୍ୟଥିଲା କିଛି ନେତାଙ୍କର।

ସେତେବେଳର ବିଜୁବାବୁଙ୍କ ପାଖ ଲୋକ ବୋଲାଉଥିବା କିଛି ନେତାଙ୍କ ଚକ୍ରବ୍ୟୁହ ଭିତରେ ଫଶିଯାଇଥିଲେ ନବୀନ। ମାତ୍ର ମୁକୁଳିବାକୁ ତାଙ୍କୁ ବେଶୀଦିନ ଲାଗିନଥିଲା। ସେ ସେଇ ଚକ୍ରବ୍ୟୁହ ଭିତରୁ ସହଜରେ ବାହାରିଯାଇ ନିଜର ରାଜନୈତିକ ବିଚକ୍ଷଣତା ପ୍ରତିପାଦିତ କରିଥିଲେ। ଓଡିଶା ଲୋକମାନଙ୍କର ବିଜୁବାବୁଙ୍କ ପ୍ରତି ପ୍ରବଳ ଜନସମର୍ଥନ ଥିଲେ ମଧ୍ୟ, କଣ ପାଇଁ ବିଜୁବାବୁ ରାଜନୈତିକ କ୍ଷମତା ଦଖଲ କରିବାକୁ ସକ୍ଷମ ହୋଇପାରୁ ନଥିଲେ, ତାହା ଜାଣିବା ପରେ ସେ ନିଜର ରାଜନୈତିକ ଗୋଟିଚାଳନା ଆରମ୍ଭ କରିଥିଲେ। ଯାହାର ସୁଫଳ ଖୁବ କମ ଦିନ ଭିତରେ ଦେଖିବାକୁ ମିଳିଥିଲା।

୧୯୯୭ ମସିହାରୁ ଆଜିପର୍ଯ୍ୟନ୍ତ ନବୀନବାବୁ କେବେହେଲେ ଓଡିଶାର ଲୋକମାନଙ୍କ ବିରୋଧର ଶିକାର ହୋଇ ନାହାନ୍ତି। ଯେଉଁମାନେ ଭାବୁଥିଲେ, ନବୀନବାବୁ ଓଡିଶାରେ ରହିବେ ନାହିଁ, ସେମାନଙ୍କ ଭିତରୁ ଆଜି କେହି ଜଣେ ବି ଆଉ ଓଡିଶା ରାଜନୀତିରେ ତିଷ୍ଠି ପାରି ନାହାନ୍ତି। ବରଂ ନବୀନବାବୁଙ୍କ ସଶକ୍ତ ଗୋଟି ଚାଳନାରେ ପଛକୁ ଚାଲିଯାଇଛନ୍ତି।

ଯେଉଁ ନେତାମାନେ ସମୟ ସହିତ ତାଳ ଦେଇ ଚାଲି ପାରି ନାହାନ୍ତି, ସେମାନେ ଏଭଳି ଦଶାର ଶିକାର ହୋଇଛନ୍ତି। ଏମିତି କି ଯେଉଁମାନେ ବିଜୁ ଜନତା ଦଳ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କୁ ପଛକୁ ଠେଲି ଦିଆଯାଇଛି।

ପ୍ୟାରିବାବୁ ଥିଲାବେଳେ ବିଜେଡିକୁ ଏକ କ୍ୟାଡର ଭିତିକ ଦଳ ହିସାବରେ ପରିଣତ କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଆଗକୁ ବଢାଇ ନବୀନବାବୁ ନିଜର ଏକ ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ସୃଷ୍ଟି କଲେ। ତାହା ହେଉଛି ମହିଳା ଭୋଟ ବ୍ୟାଙ୍କ। ଆଜି ଓଡିଶାର ମହିଳାମାନେ ନବୀନବାବୁଙ୍କ ପ୍ରମୁଖ ସମର୍ଥକ। ବିଜେଡିର ଭୋଟ ହାର ଶତକଡା ପଚାଶ ଛୁଇଁଲାଣି। ଅନ୍ୟ ରାଜନୈତିକ ଦଳର ଭୋଟ ହାର ବିଜେଡିର ଭୋଟ ହାରରୁ ଅଧାରୁ କମ। ତା ସହିତ ନିରନ୍ତର ପରୀକ୍ଷା ନୀରିକ୍ଷା ଚାଲିଛି।

ଦୁଇ ହଜାର ମସିହାରେ କ୍ଷମତାକୁ ଆସିବା ପରେ ସେ ଯାହା କରିବାକୁ ଚାହୁଁଥିଲେ ଅଥଚ କିଛି ନେତାଙ୍କ ଯୋଗୁ କରିପାରୁ ନଥିଲେ , ସେ ଅବସ୍ଥା ଆଉ ନାହିଁ। ଏବେ ସେ ଖବୁ ଶକ୍ତିଶାଳୀ। ତାଙ୍କ ନାମରେ ଭୋଟ ଅଛି। ବିଶେଷକରି ମହିଳା ଭୋଟ ବ୍ୟାଙ୍କ ଏବେ ତାଙ୍କର ସବୁଠୁ ବଡ ଶକ୍ତିଭାବେ ଉଭା ହୋଇଛି।

ନବୀନବାବୁଙ୍କ ସବୁଠାରୁ ବଡ ସଫଳତା ହେଲା ସେ ଦଳର କିଛି ବୁଢାନେତାଙ୍କୁ ଦଳରୁ ବାହାର କରିଦେଇ ଯୁବକ ଓ ମହିଳାଙ୍କୁ ପ୍ରାଧାନ୍ୟ ଦେଇଛନ୍ତି। ଭବିଷ୍ୟତ ରାଜନୈତିକ ଆଧାର ହେଉଛନ୍ତି ଯୁବ ଭୋଟର। ସେମାନଙ୍କ ପାଇଁ ନବୀନବାବୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କଂଗ୍ରେସ ଦଳରାହୁଲ ଗାନ୍ଧୀଙ୍କୁ ଆଗକୁ ଆଣିଥିଲେ ମଧ୍ୟ ଦଳ ଏବେବି ପୁରୁଣା କାଳିଆ ନେତାଙ୍କ ଦ୍ୱାରା ପରିଚାଳିତ। ତେଣୁ ଯୁବବର୍ଗ ଦଳକୁ ବିଶ୍ୱାସକୁ ନେଇପାରୁ ନାହାନ୍ତି।

ନୂତନଭାବେ ଗଠିତ ହୋଇଥିବା ମନ୍ତ୍ରୀମଣ୍ଡଳରେ ମହିଳାଙ୍କୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ଅନେକ ମନ୍ତ୍ରୀ ମହିଳାଙ୍କ ଅପରାଧିକ ମାମଲାରେ ଛନ୍ଦି ହୋଇପଡିଥିବାରୁ ସେମାନଙ୍କୁ ବାଦ ଦେଇ ଏକ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ଏହା ଆସନ୍ତା ନିର୍ବାଚନରେ ଭଲ ପ୍ରଭାବ ପକାଇବ। ମୋଟାମୋଟି କହିବାକୁ ଗଲେ ୨୦୨୪ ନିର୍ବାଚନକୁ ଆଖିଆଗରେ ରଖି ନବୀନ ନିଜ ଟିମ ତିଆରି କରିଛନ୍ତି। ତେଣୁ ବିରୋଧୀ ଦଳ ତାଙ୍କ ଆଗରେ ତିଷ୍ଠିବା ସମ୍ଭବ ହୋଇପାରିବ ନାହିଁ।

ଏବେ ନବୀନବାବୁ ବଲାଙ୍ଗୀର ଜିଲ୍ଲା ଓ କଳାହାଣ୍ଡି ଜିଲ୍ଲାକୁ ଅଧିକ ଗୁରୁତ୍ୱ ଦଇେଛନ୍ତି। ଏଇ ଦୁଇ ଜିଲ୍ଲାରେ ବିଜେପି ଓ କଂଗ୍ରେସ ନିଜର ଆଧିପତ୍ୟ ଜାହିର କରିବାକୁ ଉଦ୍ୟମ କରୁଥିବାରୁ, ସେମାନଙ୍କୁ ଅଟକାଇବାକୁ ଏପରି ଉଦ୍ୟମ କରାଯାଇଛି।

କଂଗ୍ରେସ ଦଳ ଶରତ ପଟନାୟକଙ୍କୁ ପ୍ରଦେଶ କଂଗ୍ରେସର ସଭାପତି କରି ଯେପରି ପଶ୍ଚିମ ଓଡିଶା ଭୋଟକୁ ଭାଗ କରିବାକୁ ଉଦ୍ୟମ ଆରମ୍ଭ କରିଥିଲା, ତାହା ଆଉ ସମ୍ଭବ ହେବ ନାହିଁ।

ନବୀନବାବୁଙ୍କ ରାଜନୈତିକ ସଫଳତାର ଏହା ହେଉଛି ସୁବର୍ଣ୍ଣ ଯୁଗ। କାରଣ ସ୍ୱାଧୀନତା ପରେ ଓଡିଶାର କୌଣସି ଦଳ ନିର୍ବାଚନରେ ଅଧିକରୁ ଅଧିକ ସଫଳତା ପାଇ ପାରି ନାହାନ୍ତି। କ୍ରମାଗତ ଭାବେ ନିଜ ଭୋଟ ବ୍ୟଶଙ୍କ ବଢାଇ ପାରି ନାହାନ୍ତି। ଏପରିକି ଜାତୀୟ ଦଳ ମଧ୍ୟ। ଏଣୁ ନବୀନଙ୍କ ରାଜନୈତିକ ଜୀବନ ଓଡିଶାର ଏକ ବିରାଟ ସଫଳତା କୁହାଯାଇପାରେ। ଏମିତି ଦେଖିବାକୁ ଗଲେ ମିଶନ ଶକ୍ତି, ଗରିବ କଲ୍ୟାଣ ଯୋଜନାର ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ କାର୍ଯ୍ୟକାରି ହେଉଛଇ। କିନ୍ତୁ ଓଡିଶାରେ ଏହା ଯେପରି କାର୍ଯ୍ୟକାରି ହେଉଛି, ଏବଂ ସଫଳତା ହାସଲ କରିଛି, ତାହା ଅନ୍ୟ ରାଜ୍ୟରେ ଦେଖିବାକୁ ମିଳେ ନାହିଁ। ମହିଳାଙ୍କୁ ରାଜନୀତି ଭାଗିଦାର କରିବାର ଶ୍ରେୟ କେବଳ ନବୀନବାବୁଙ୍କର। ଯାହା ତାଙ୍କ ବାପା ବିଜୁବାବୁ କରିପାରି ନଥିଲେ , ତାହା ନବୀନବାବୁ କରି ଦେଖାଇପାରିଛନ୍ତି। ବିଜୁବାବୁ ବେଶ ଲୋକପ୍ରିୟ ଥିଲେ ମଧ୍ୟ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରି ନଥିଲେ। କାରଣ ତାଙ୍କ ରାଜନୈତିକ ଗୋଟିଚାଳନା ବରାବର ଫେଲ ମାରୁଥିଲା। କିନ୍ତୁ ନିଜ ରାଜନୈତିକ କୌଶଳ ଯୋଗୁ ନିଜ ଦଳ ଭିତରେ କେବଳ ଶକ୍ତିଶାଳୀ ହୋଇ ନାହନ୍ତି, ବରଂ ଏକ ନୂତନ ଦିଗଦର୍ଶନ ଦେଇଛନ୍ତି।


ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର
ମୋ: ୯୪୩୯୬୫୨୩୨୨


## ଭାବ ଥରେ ଆମ ପିଲାଙ୍କ କଥା



କବି ବିପ୍ଳବ

ସେମାନେ ଥିଲେ ସହପାଠୀ । ସାଙ୍ଗହୋଇ ସପ୍ତମ ଶ୍ରେଣୀରେ ପଢୁଥିଲେ । ବୟସ ଥିଲା ବାର । ଦୁଃଖର ବିଷୟ ଦୁଇଜଣ ଏକାଠି ହୋଇ ତୃତୀୟ ସାଙ୍ଗକୁ ପଥରରେ ଛେଚି ହତ୍ୟା କଲେ ଆଉ ଅପରାଧ ଲୁଚାଇବାକୁ ଯାଇ ଶବକୁ ଜଳ ଭଣ୍ଡାରକୁ ଫିଙ୍ଗିଦେଲେ। ଫ୍ରି ଫାୟାର ପରି ବିଦେଶୀ ଖେଳକୁ ନେଇ ଏମିତି ଦୁଃଖଦ ଘଟଣା ଘଟିଛି କୋରାପୁଟରେ ଏଇ ଅଳ୍ପ ଦିନ ତଳେ । ବାର ବର୍ଷ କେତେ ବା ବୟସ ! କଞ୍ଚା ମାଟିର ବୟସ । ଭୂଇଁରୁ ଉଠି କୋମଳ ପତ୍ର ମେଲିବାକୁ ଚାହୁଁଥିବା ନରମ, କୋମଳ ଚାରା ମାତ୍ର। ଏଇ ବୟସରେ ଏତେ ହିଂସ୍ରତା ! ବାସ୍ତବିକ ଚିନ୍ତାର ବିଷୟ ।

ଆମ ମହାଭାରତୀୟ ସଂସ୍କୃତିରେ ଧ୍ରୁବ, ପ୍ରହ୍ଲାଦ ପରି ବାଳକମାନେ ବ୍ରହ୍ମତ୍ୱ ପ୍ରାପ୍ତ ହେଇଥିଲେ । ଏ କଥା ଆମ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି । ବାର ବର୍ଷର ବାଳକ ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡିମାରି ଐତିହାସିକ କୀର୍ତ୍ତି ସ୍ତମ୍ଭ ସ୍ଥାପନ କରି ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି। ବାର ବର୍ଷର ବାଜି ରାଉତ କ୍ରୁର ବ୍ରିଟିଶଙ୍କ ନିକଟରେ ମୁଣ୍ଡ ନୁଆଇଁ ନଥିଲେ ଆଉ ପ୍ରାଣ ବଳି ଦେଇଥିଲେ । ମାତ୍ର ଆଜି ବାର ବର୍ଷର ବାଳକ ମୋବାଇଲ ପାଇଁ ନିଜ ସାଙ୍ଗକୁ ହତ୍ୟା କରିବା ବାପା, ମା ତଥା ଆଧୁନିକ ସମାଜ ପାଇଁ ଏକ ସତର୍କ ଘଣ୍ଟି ।

କୁମ୍ଭାର କଞ୍ଚା ମାଟିକୁ ଯେକୌଣସି ଆକାର ଦେଇପାରେ । ନିଜ ମନ ମୁତାବକ ଗଢ଼ିପାରେ । ମାତ୍ର ତା ବିଫଳତାର ଦୁଇଟି କାରଣ ହେଇପାରେ । ପ୍ରଥମତଃ ଯଦି ସେ ନିଜେ ଅନଭିଜ୍ଞ । ଦ୍ୱିତୀୟଟି ହେଉଛି ଯଦି ମାଟି ଶୁଖିଗଲା ପରେ ବା ଟାଣ ହେଇଯିବା ପରେ ନିର୍ଦ୍ଦିଷ୍ଟ ଆକାର ଦେବାର ପ୍ରୟାସ କରେ । ତେଣୁ କଞ୍ଚା ମାଟିକୁ ଉପଯୁକ୍ତ ଆକାର ଦେବାରେ ଆମେ ହେଳା କରିବା ଅନୁଚିତ । ପିଲାଟିକୁ ଆଦର୍ଶ ସ୍ଥାନୀୟ କରି ଗଢ଼ି ତୋଳିବାରେ ବାପା, ମା ଉଭୟଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟରେ ପ୍ରବେଶ ପୂର୍ବରୁ ଶିଶୁ ପାଇଁ ତାର ପରିବାର ହିଁ ବିଦ୍ୟାର୍ଥୀ ଜୀବନର ପ୍ରକୃତ ପାଠଶାଳା। ବୈଷୟିକ ଶିକ୍ଷା ତ ସେ ବିଦ୍ୟାଳୟରୁ ଶିକ୍ଷା କରିଥାଏ ମାତ୍ର ବ୍ୟବହାରିକ ଜ୍ଞାନ ବା ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଯଥା ନମ୍ରତା, ସହନଶୀଳତା, ସଦାଚାର, ପରୋପକାର ପ୍ରଭୃତି ନୈତିକ ଶିକ୍ଷାର ମୂଳଦୁଆ ପରିବାରରୁ ହିଁ ପଡିଥାଏ । ପରିବାରର ଗୁରୁଜନ ସ୍ଥାନୀୟ ବ୍ୟକ୍ତିତ୍ୱ ଯଥା ବାପା, ମା, ବୁଢ଼ା ବାପା, ବୁଢ଼ୀ ମା, ଦାଦା, ଖୁଡ଼ୀ, ବଡ଼ ଭାଇ ଭଉଣୀ ଇତ୍ୟାଦିଙ୍କର ଦୈନନ୍ଦିନ ଚାଲି ଚଳନ, ଆଉ ବ୍ୟବହାରର ପ୍ରଭାବ ପିଲାମାନଙ୍କ ଉପରେ ଯଥେଷ୍ଟ ପଡିଥାଏ । ପରିବାରରୁ ଯଦି ଉପଯୁକ୍ତ ଶିକ୍ଷାର ଅଭାବ ରହିଯାଏ ତେବେ ବଡ଼ ଦିନେ ପିଲାଟିଏ ଏ ସବୁ ବାସ୍ତବ ଜୀବନରେ ପ୍ରୟୋଗ କରି ନ ପରି ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହୁଏ । ଭିନ୍ନ ଭିନ୍ନ ପରିସ୍ଥିତିରେ ଭୁଲ୍ ଠିକ୍ ର ବିଚାର କରି ନପାରି ଜୀବନକୁ ନଷ୍ଟ କରି ଦେଇଥାଏ । ଏଥିପାଇଁ ପିଲାଙ୍କ ସହିତ ବାପା ମା ଙ୍କୁ ବି ସାରା ଜୀବନ ଅନୁତାପ କରିବାକୁ ପଡିଥାଏ । ଶିକ୍ଷା କହିଲେ ଆଜିର ବାପା, ମା ମାନେ ବୁଝନ୍ତି ଯେତେ କମ୍ ବୟସରୁ ପିଲାଙ୍କୁ ଘରୋଇ ବିଦ୍ୟାଳୟକୁ ପଠାଯାଇ ପାରିବ ଆଉ ଯେତେ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଅଧିକ ନମ୍ବର ରଖି ପାଖ ପିଲାକୁ କାଟିବାକୁ ହେବ । ଶିକ୍ଷା କହିଲେ ସେମାନେ କେବଳ ଅ, ଆ.. ନହେଲେ ଏ, ବି, ସି, ଡି ବୁଝନ୍ତି । ଏମିତି ଧାରଣା ମନରେ ବସା ବାନ୍ଧିଲେ କେବଳ ପିଲାଟି ପ୍ରତି ନୁହେଁ ନିଜ ପ୍ରତି ଆମେ ଅନ୍ୟାୟ କରୁ । ବିଦ୍ୟାଳୟରେ ଶିକ୍ଷା ହୁଏ ତ ଚାକିରୀ ଆଉ ଟଙ୍କା ରୋଜଗାରର ପଥ ସୁଗମ କରିପାରେ ମାତ୍ର ଏହା ବାସ୍ତବ ଶିକ୍ଷା ନୁହେଁ । ସେଥିପାଇଁ ଦେଶରେ ବୃଦ୍ଧାଶ୍ରମ ସଂଖ୍ୟା ବଢ଼ି ଚାଲିଛି । ଲୋକ ଦେଖାଣିଆ ଭାବରେ ପିତୃତ୍ୱ ଦିବସ ଆଉ ମାତୃତ୍ୱ ଦିବସ ପାଳନ କରାଯାଉଚି । କିଶୋର ବୟସର ପିଲା ପରସ୍ପରକୁ ହତ୍ୟା କରିବା, ସ୍କୁଲ ଝିଅ ମାତୃତ୍ୱ ପାଇବା, ଶିଶୁ କନ୍ୟା ବଳାତ୍କାର ଶିକାର ହେବା, ଭାଇ ବୋହୂ ଦେଢ଼ଶୁର ସହ ପଳେଇବା ଇତ୍ୟାଦି ଖବର ଏବେ ସଭ୍ୟ ସମାଜ ପାଇଁ ସାଧାରଣ ହୋଇ ଗଲାଣି । ଏ ସବୁ ଅପରାଧ ବା ଦୁର୍ଘଟଣା ମୂଳରେ ମୁଖ୍ୟ କାରଣ ଦାରିଦ୍ର୍ୟ ନୁହେଁ, ଟଙ୍କାର ଅଭାବ ନୁହେଁ କେବଳ ଉପଯୁକ୍ତ ଶିକ୍ଷାର ଅଭାବ । କୋମଳ ବୟସରେ ପରିବାରରୁ ସତ୍ ଶିକ୍ଷା ନ ମିଳିବାର ଦୁଃଖଦ ପରିଣାମ ।

ମୋବାଇଲ ଏବେ ମନୋରଞ୍ଜନର ସର୍ବ ଶ୍ରେଷ୍ଠ ମାଧ୍ୟମ ପାଲଟିଛି କହିଲେ ଅତିରଞ୍ଜିତ ହେବ ନାହିଁ । ନହେଲେ କଣ ଏଇ ମୋବାଇଲ ପାଇଁ ତିନୋଟି କୋମଳମତି ଶିଶୁଙ୍କ ଜୀବନ ବର୍ବାଦ ହେଇଥାନ୍ତା ? ସେମାନଙ୍କ ଭିତରେ ଥିବା କୋମଳପଣ ନଷ୍ଟ ହେଇଯିବାର ମୂଳରେ ରହିଛି ଉପଯୁକ୍ତ ନୈତିକ ଶିକ୍ଷାର ଅଭାବ ଆଉ ମୋବାଇଲର ପ୍ରଭାବ । ସେମାନଙ୍କ କୋମଳପଣର ପୁନଃରୁଦ୍ଧାର ପାଇଁ ଆମକୁ ଯତ୍ନବାନ୍ ହେବା ଦରକାର । ଖରାପ କଥା ବା ଖରାପ ଦୃଶ୍ୟ ଶିଶୁ ମନକୁ ସହଜରେ କବଳିତ କରିଥାଏ । ଯେମିତି ଧାନ ବିଲରେ ଧାନ ଗଛ ବଢ଼ିବା ପାଇଁ ଯଥେଷ୍ଟ ଯତ୍ନ କରିବାକୁ ପଡିଥାଏ ମାତ୍ର ବାଲୁଙ୍ଗା ଗଛକୁ ବାରମ୍ବାର ଓପାଡି ଦେଲେ ମଧ୍ୟ ସେ ପୁଣି ଠିଆ ହେଇଯାଏ । ଫଳନ୍ତି ଗଛର ଯତ୍ନ ବାରମ୍ବାର ନେବାକୁ ହେଇଥାଏ କ୍ଷ ଇଏ ସୃଷ୍ଟିର ନିୟମ । ପିଲାଦିନ ଗୋଟିଏ ଅଝଟିଆ ବୟସ । ପିଲାଙ୍କୁ ହସେଇ, ଖେଳେଇ, ବୁଝେଇ ଗଢ଼ି ତୋଳିଲେ ସେମାନେ ଆଗକୁ ବଢ଼ିବେ । ତାଙ୍କ ଉପରେ ବାରମ୍ବାର କ୍ରୋଧ ପ୍ରକାଶ ଦ୍ୱାରା ବା ମାଡ଼ମାରିବା ଦ୍ୱାରା ସେମାନେ ସେଇ ପରିସ୍ଥିତି ସହ ଖାପ ଖୁଆଇ ନେଲେ ତାଙ୍କୁ ଆଉ ବଦଳେଇବା ସହଜ ହୋଇ ନଥାଏ । ତାର କୁପ୍ରଭାବ ଜୀବନ ବ୍ୟାପୀ ରହିଯାଏ । ତେଣୁ ପ୍ରତିଟି ପରିସ୍ଥିତିରେ ଭୁଲ୍ ବା ଠିକ୍‌ର ପାର୍ଥକ୍ୟ ତାକୁ ବୁଝେଇ ତା ସହ ପାଦ ମିଳେଇ ଚାଲିଲେ ବା ଆମର ସମର୍ଥନ ମିଳିଲେ ସେ ପରିସ୍ଥିତି ଅନୁଯାୟୀ ବିଚାର କରି ପାରିବ । କାରଣ ସବୁ ଦୁଃସମୟରେ ଆମେ ତା ପାଖରେ ଥିବା ଏମିତି କିଛି ସ୍ଥାୟିତ୍ୱ ନାହିଁ । ଯଦି ତାକୁ ଉତ୍ତମ ବିଚାର ଦେଇଥିବା ତେବେ ପ୍ରତିକୂଳ ପରିସ୍ଥିତିରେ ପଡିଲେ ବି ସେଥିରୁ ମୁକୁଳି ପାରିବ ।

କରୋନା କାଳରେ ବିଦ୍ୟାଳୟ ଶିକ୍ଷାର ବିକଳ୍ପ ଭାବରେ ମୋବାଇଲ ଉଭା ହେଇଚି । ଯାହାର ମାତ୍ରାଧିକ ବ୍ୟବହାର ଏବେ ପିଲାଙ୍କ ପାଇଁ କାଳ ହେଇଚି । ପିଲାଙ୍କୁ ଏଥିରୁ ମୁକୁଳାଇବା ସହଜ ନହେଲେ ବି ଅସମ୍ଭବ ନୁହେଁ । ବଡ଼ ଲୋକଟିଏ ଫୋନ ଧରିଲେ ତାଙ୍କୁ କେହି ମନା କରନ୍ତି ନାହିଁ । କାରଣ ସେମାନେ ଫୁଟିଲା ଫୁଲ । ଆଉ ଫୁଟିବାର ନାହିଁ । ମାତ୍ର ପିଲାମାନେ ହେଲେ କୋମଳ କଢ଼ । ସେମାନଙ୍କୁ ଫୁଟିବାର ଅଛି, ବାସ ଛୁଟାଇବାର ଅଛି । ଏ କଥା ସେମାନଙ୍କୁ ବୁଝେଇବାକୁ ପଡ଼ିବ । ପଢ଼ା ସମୟ ବାଦ୍ କିଛି ସମୟ ପାଇଁ ତାଙ୍କୁ ଖେଳିବାକୁ ଛାଡ଼ିଦେବା ଉଚିତ । ଖେଳକୁଦଦ୍ୱାରା ବ୍ୟାୟାମ ହେଇ ଶରୀର ପାଉଥିବା ଉପକାର ତାକୁ ବୁଝେଇବାକୁ ହେବ । ଆମ ଧର୍ମଶାସ୍ତ୍ର ଅଥବା ଇତିହାସର ଗୌରବମୟ ଗାଥା ଶୁଣେଇବାକୁ ହେବ। ଉଭୟ ପରିବାର ଆଉ ବିଦ୍ୟାଳୟରୁ ସେ ସୁଶିକ୍ଷା ପାଇଲେ ନିଜ ଜୀବନକୁ ସେ ସୁନ୍ଦରଭାବେ ଗଢ଼ି ତୋଳି ପାରିବ । ତା କୋମଳପଣର ପୁନଃରୁଦ୍ଧାର ଆମ ସମାଜ ପାଇଁ ଏକ ସମ୍ବଳ ।


ମକୁନ୍ଦ ପୁର, ବାଙ୍କୀ
ମୋ ୯୪୩୭୪୬୮୦୧୬





### ଜୀବନ ଏକ ବୃତ୍ତାଂଶ

ରବୀନ୍ଦ୍ର କୁମାରପାତ୍ର

ଚକ୍ରବତ୍ ଚକ୍ରୀୟ ପ୍ରକ୍ରିୟାରେ
ଚରୈବତି, ଚୁରୈବତି
ଘୂର୍ଣ୍ଣୟମାନ ଜୀବନ ରେଖାର
ଦୈର୍ଘ୍ୟ ମାପୁଥିବା
ସରଳ ଜ୍ୟାମିତିକ ସାଧନଟିର
ରକ୍ଷଣା ବେକ୍ଷଣ
ଜାରି ରଖିଥିବା
ଜ୍ୟାମିତି ବାକ୍ସଟିଏ ମୁଁ ।

ଗୁଳ୍ମ, ଲତା, ଉଦ୍ଭିଦ ଓ ବୃକ୍ଷ
ତଥା ଫଳ, ପୁଷ୍ପ ଭରା
ବଗିଚାର ଯତ୍ନ ସିନା ହୁଏ ମାଳିଦ୍ୱାରା,
ହେଲେ ଦ୍ରୁମ ବଢ଼ାଉଥିବା
ଜଙ୍ଗଲ, ସଭିଙ୍କ ପାଇଁ
ଅଲୋଡ଼ା ଆଉ ପାଶୋରା ।

ଜୀବନ ବୃତ୍ତାଂଶର
କେନ୍ଦ୍ର, ପରିଧି, ଜ୍ୟା ଓ ବ୍ୟାସାର୍ଦ୍ଧ
ଅବା ବ୍ୟାସ, ବୃତ୍ତକଳା, ବୃତ୍ତଖଣ୍ଡ
ଏବଂ ଅର୍ଦ୍ଧ ବୃତ୍ତଦେଇ
ପରିଧି କଳନା କରିବାର
ପ୍ରୟାସ କରିଛି ଶତାବାର ସତ୍ୟ
ହେଲେ ଆକଳନ କରିପାରିନି
ଜୀବନ ବୃତ୍ତାଂଶ ।

ବର୍ଗକ୍ଷେତ୍ର, ଆୟତକ୍ଷେତ୍ର
ସାମାନ୍ତରିକ ଚିତ୍ର ଓ ଟ୍ରାପିଜିୟମର
କ୍ଷେତ୍ରଫଳ ସିନା ସରଳ ସମୀକ୍ଷା
ଆଉ ସୂତ୍ରଦ୍ୱାରା ପ୍ରତିପାଦିତ
ହେଲେ ଜୀବନର କ୍ଷେତ୍ରଫଳ
ସଦା ଅସମାଧିତ ।

ସମବାହୁ, ସମକୋଣୀ
ସୂକ୍ଷ୍ମକୋଣୀ କିମ୍ବା ବିଷମ ବାହୁ
ତ୍ରିଭୂଜ ମାନଙ୍କର ସମାଧାନ ସିନା
ହୁଏ ସମ୍ଭବାୟନ,
ମାତ୍ର ଆବୁରା, ଖାବୁରା
ଦନ୍ତୁରୀତ ଜୀବନ
ରାସ୍ତାରେ ଗଲାବେଳେ
ମୁଁ ଖୋଜେ ପ୍ରକୃତ ଜୀବନ ।


ମୋ: ୯୨୩୮୯୫୮୫୯୪


### ସ୍ୱପ୍ନ, କବିତା ଓ ପ୍ରିୟା

ଅଧ୍ୟାପକ ସମର ବଲ୍ଲଭ ଭୋଇ

ଅଡୁଆ ଭାବନା ସବୁ
ଢେଉ ଖେଳେ ମନର ସାଗରେ
ନୂଆ ନୂଆ ରୂପ ନିଏ
ହୃଦୟ ବେଳାରେ....
ସେ ତ 'ସ୍ୱପ୍ନ'
ଆଉ ବା କିଏ ହୋଇପାରେ ?
ପୁରୁଣା ସ୍ମୃତି ଗୁଡ଼ାକ ସବୁ
ଉଙ୍କିମାରେ ବିଗତ ଦିନର ଡାୟିରୀରୁ
ନୂଆ ନୂଆ ଆଶା ପାଇଁ
ଧାଇଁ ଆସେ କବିର କବିତ୍ୱରେ....
ସେ ତ 'କବିତା'
ଆଉ ବା କିଏ ହୋଇପାରେ ?
ତୁମ ଆସିବା ଅପେକ୍ଷାରେ
ମନ ହୁଏ ଅଧିର
ଝରକା, କବାଟ ଖଟଖଟ ଶବ୍ଦରେ
ମନେହୁଏ ତୁମେ ଆସିଲା ପରି
ଫାଟକର ସେପାଖେ...
ସେ ତ 'ପ୍ରିୟା'
ଆଉ ବା କିଏ ହୋଇପାରେ ?


ପଡୁଆପଦା,
ବାଲେଶ୍ୱର-୭୫୬୦୦୧
ମୋ: ୯୯୩୭୧୨୨୭୧୭


### ମୁକ୍ତି

ସୁଧାକର ସେଠୀ

ଜଳୁଛି ଦେଖ ହୁହୁ ନିଆଁ
ଉଦର ଅବା ସମାଜ
ପଟେ ରୋଟି ପାଇଁ ଏତେ ବ୍ୟାକୁଳତା
ରଚି ଚାଲିଛି ଧ୍ୱଂସର ତାଣ୍ଡବ
ଧୀକ ସେ ମାନବ ବାଦ
ମନୁ ବାଇଆଟା ରଚିଲା କାହିଁକି
ଏମାନେ ପଶୁ ଠାରୁ ବି ହୀନ ।

ରକ୍ତର ହୋରି ଖେଳିବାକୁ ବ୍ୟାକୁଳ
ଗର୍ଜି ଉଠୁଛି କମାଣ ତୋପ
ଚକଚକ ଖଣ୍ଡାଧାରରେ ଦେଖ
କଟୁଛି କେତେ କେତେ ନୀରିହ ବେକ
ତଥାପି ନାହିଁ ଦୁଃଖ ପଶ୍ଚାତାପ
ଶରଣେ ମୁଣ୍ଡ ପଡୁନି ନଇଁ
ଏତେ ଅନ୍ୟାୟ ଏତେ ଅନିତି
ହୃଦୟ କେମିତି ଯାଉଛି ସହି ।

ମିଛ ଅହମିକା ମିଛ ବଡ଼ପଣ
ମିଛରେ ପୁଣି ଦେଖାଉ ଆଟ
ମିଛଟାରେ ଖାଲି ଭିଆଉ ଅଶାନ୍ତି
ମିଛରେ କରୁତୁ କେତେ ଯେ ନାଟ ।
ଅଗ୍ନି ଉତ୍ତପ୍ତ ଏ ଧରା
ସମାଜ ଆଜି ଧ୍ୱଂସାଭି ସୁଖି
ନିଜର ଗୋଡ଼ରେ ମାରିଣ କୁରାଢ଼ି
ଭାବୁଛୁ କେମିତି ପାଇବୁ ମୁକ୍ତି ।


ଜମ୍ଭେଶ୍ୱରପୁର, ବାଲେଶ୍ୱର
ମୋ: ୯୩୩୭୬୮୧୫୨୪


### ସେ ଆସିଲା ପରେ....

ଉଷାରାଣୀ ଦାସ

ସେ ଆସିଲା ଆଉ ଆସିଲା
ଘନ କୁହୁଡ଼ିର ବୁକୁ ଚିରି
କାକର ସ୍ନାତ କେଟାରେ ତାର
ସୂର୍ଯ୍ୟଙ୍କ ସୁନେଲୀ ଛିଟା
କେରୀ କେରୀ ଘନକୃଷ୍ଣ କେଶ ଦିଶେ
ସତେ ମୁକ୍ତା ଖଚିତ ବେଣୀ ପରି
ଶ୍ୟାମଳ ପ୍ରାନ୍ତର ଦିଶେ ମନୋହର
ଶିଶିର ମୋତିରେ ହୋଇ ସଜେଇ
ନାଲି ଓଢ଼ଣିରେ ମୁହଁ ଢାଙ୍କି ପର ସାଧବ
ବୋହୂଟି ଯାଏ ଲାଜେଇ
କାକର ପାଣିରେ ଗୋଟାପଣେ ଭିଜି
ଯାଇଥାଏ ହଜି କୁନି କଳିଟି
ମୂରୁଜକୁ ଦେଖି ମୁରୁକି ହସେ ସେ
ଚିତ୍ରିତ ପାଖୁଡ଼ା ଦିଏ ସଜେଇ ।
ଥର ଥର ଜାଡ଼ ଶରୀର ମୀନାର
ଲୋମବାଳ ସବୁ ଉଠେ ଟାଙ୍କୁରୀ
କୁଟା କାଠି ପତ୍ର ଏକାଠି କରିଣ
ଅଗ୍ନିର ସ୍ଫୁଲିଙ୍ଗ ଦିଏ ସଜାଡ଼ି
ଶୀତରେ ଟାଣିଛି ଲମ୍ବା ଓଢ଼ଣା ସେ
ଓଢ଼ଣୀ ଫାଙ୍କରେ ଲାଜୁଆ ହସ
ଶୀତରେ ଶୀତରେ ଶିଚେଇ ଥାଏ ମୁଁ
ଦେଖିଦେଇ ତାର ଫୁଲେଇ ବେଶ ।

### କିଛି କଥା

ରମାକାନ୍ତ ଦାସ

କିଛି କଥା ଛପି ରହିଯାଇଛି
ମୋ ହୃଦୟ ଉହାଡ଼େ
ଜାଣିଛି ମୁଁ ଅଛି
ତୋ ଠୁ ଅନେକ ଦୂରରେ
ହେଲେ ମୋ ମନ ଅଛି ତୋ ପାଖରେ
ଅନୁଭବ କରୁଛି ମୁଁ ତତେ ପ୍ରତିମୁହୂର୍ତ୍ତରେ
ମୋ ହୃଦୟର ପ୍ରତ୍ୟେକ ସ୍ପନ୍ଦନରେ ।

ଭାବୁଛି,
ମୁଁ ପବନ ହୋଇ ବହିଯିବି
ତୋ ଚତୁଃପାର୍ଶ୍ୱରେ
ଧୀରେ ସେ ତୋ କାନରେ କହିଦିଅନ୍ତି
ମୋ ହୃଦୟ ଉହାଡ଼େ ଲୁଚି ରହିଥିବା
କିଛି ଆଭ୍ୟନ୍ତରର କଥା
ହେଲେ ମୁଁ କଣ ଜାଣେ
ତୋ ମନରେ ମୋ ପାଇଁ କଣ ଅଛି.. ?

ତୁ କଣ ଜାଣୁ..... ?
ମୋ ହୃଦୟ ଉହାଡ଼େ ଲୁଚି ରହିଥିବା
କିଛି କଥାରେ ତୋ ପାଇଁ ଭରି ରହିଛି
କେତେ ପ୍ରେମ ଓ କେତେ ଭଲପାଇବା
ଜାଣେ ନାହିଁ ମୁଁ ତୋର ମନକଥା
କିନ୍ତୁ , ମୋ ମନର ନିଭୃତ କୋଣରେ
ତୋ ପାଇଁ ଭରିରହିଛି
ଅସରନ୍ତି ଭଲପାଇବା ଓ ଅସୀମ ପ୍ରେମ ।

ପ୍ରତିମୁହୂର୍ତ୍ତରେ, ପ୍ରତୀକ୍ଷଣରେ
ମୁଁ ଅନୁଭବ କରେ ତତେ
ମୁଦ୍ରିତ ନୟନେ ଆଙ୍କେ ତୋର ପ୍ରତିଛବି
ପ୍ରତିମୁହୂର୍ତ୍ତରେ ଚାହେଁ ତତେ ମୁଁ
ମୋ ପାଖରେ ।

ତତେ ଯେବେ ଦେଖେ
ମୋ ଓଠରେ ଅଜଣା ସ୍ମିତହାସ୍ୟ ଫୁଟେ
ମୋ ଓଠ କହୁନଥିବା କଥା ସବୁ
ଝଲସୁ ଥାଏ ମୋ ଆଖିରେ
ମୁଁ ଜାଣେନି ! ତୁ ଦେଖିପାରୁ କି ନାହିଁ
ହେଲେ ସେଇ କିଛି କ୍ଷଣରେ
ପାଏ ମୁଁ ଅସରନ୍ତି ଖୁସି ।

ଭାବେ ମୁଁ କହିଦିଅନ୍ତି କି !
ମୋ ହୃଦୟ ଉହାଡ଼େ ଲୁଚିରହିଥିବା
ସେଇ କିଛି କଥାକୁ
ହେଲେ ତତେ ଦେଖିବା ମାତ୍ରେ
ସେ କଥା ସବୁ ଲାଜେଇ ଯାଇ
ପୁଣି ଥରେ ରହିଯାଆନ୍ତି
ମୋ ହୃଦୟ ଉହାଡ଼ରେ ।

ନା କେବେ କହିପାରେ ତତେ ସେ ସବୁ
ନା ମୁଁ ରହିପାରେ ତୋ ବିନା
ବାସ୍ ସେଇ କିଛି କଥାକୁ
ସାଇତି ରଖେ ମୁଁ ମୋ ହୃଦୟ ଉହାଡ଼େ
ଅନୁଭବ କରେ ତତେ
ପ୍ରତିଦିନ, ପ୍ରତିମୁହୂର୍ତ୍ତରେ ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୦)

# ଶ୍ରୀରାମଙ୍କ ଜଟାୟୁଙ୍କ ସହିତ ଭେଟ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଫଲଗୁ ନଦୀ କୂଳରେ ପିତୃଶ୍ରାଦ୍ଧ ସରିଥିଲା। ତାପରେ ରାମ ଲକ୍ଷ୍ମଣ ଜାନକୀ ତାଙ୍କ ଯାତ୍ରା ଅବ୍ୟାହତ ରଖିଥିଲେ। ସେମାନେ ଏକ ଉପଯୁକ୍ତ ସ୍ଥାନ ଖୋଜୁଥିଲେ ଯେଉଁଠି ଫଳ, ମୂଳ ଓ ପିଇବା ପାଣି ସହଜରେ ମିଳିବ।

ବାଟରେ ଗଲାବେଳେ ସେମାନେ ଗୟାତୀର୍ଥରେ ପହଂଚିଲେ। ସେଠାରେ ଥିବା ବ୍ରାହ୍ମଣମାନେ ଶ୍ରୀରାମଙ୍କୁ ଗୟା ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ।

ଗୟାତୀର୍ଥ ଏକ ଅସୁର ଗୟାସୁର ନାମରେ ନାମିତ ହୋଇଛି।



ପୁରାଣ କଥା ଗୟାସୁରଙ୍କ ଜନ୍ମ ଆଗରୁ ତାଙ୍କ ପିତା ତ୍ରିପୁର ଅସୁରର ବିନାଶ କରିଥିଲେ ମହାଦେବ। ନିଜ ପିତାଙ୍କୁ ଦେଖିନଥିଲେ ସେ। ପିଲା ଦିନେ ଗୟାସୁର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପାଖରେ ବିଦ୍ୟା ଶିକ୍ଷା କରୁଥିବେ। ବେଳେ ବେଳେ ସେଠାରେ ଥିବା ଅନ୍ୟ ଚାଟମାନେ ଗୟାସୁରଙ୍କୁ ଅଣବାପୁଆ ବୋଲି କହୁଥିଲେ। ଗୟାସୁରଙ୍କର ମନ ଦୁଃଖ ହେଉଥିଲା। ସେ ଏକଥା ତାଙ୍କ ମା'ଙ୍କୁ କହିଥିଲେ।

ଗୟାସୁରଙ୍କ ମା' ତାଙ୍କ ତାଙ୍କ ବାପା ତ୍ରିପୁରାସୁର ସଂପର୍କରେ କହିଥିଲେ। ଏହାପରେ ଗୟାସୁର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପାଖକୁ ଯାଇ ନିଜ ଦୁଃଖ କଥା କହିଥିଲେ ଓ ତାଙ୍କଠାରୁ ସବୁ ବିଦ୍ୟା ଶିଖିବାକୁ ଇଚ୍ଛା ପ୍ରକଟ କରିଥିଲେ। ଶୁକ୍ରାଚାର୍ଯ୍ୟ ଖୁସିରେ ଗୟାସୁରଙ୍କୁ ସବୁ ବିଦ୍ୟା ଶିଖାଇଥିଲେ।

ସବୁ ବିଦ୍ୟାରେ ପାରଙ୍ଗମ ହୋଇ ଗୟାସୁର ପ୍ରବଳ ପରାକ୍ରମୀ ହେଲେ। ଅସୁରମାନଙ୍କ ଚିରଶତ୍ରୁ ଦେବତା। ତେଣୁ ଗୟାସୁର ମା' ଓ ଗୁରୁଙ୍କ ଆଶୀର୍ବାଦ ନେଇ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ପୁରକୁ ନିଜ ଅଧୀନରେ ରଖିଲେ। ଦେବତାଙ୍କୁ କଷ୍ଟ ହେଲା। ସେମାନେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ ତାଙ୍କ ଦୁଃଖ ଦୂର କରିବାକୁ। ବିଷ୍ଣୁ ସଂଗେ ସଂଗେ ଗୟାସୁର ସହିତ ଯୁଦ୍ଧ କରିବାକୁ ବାହାରି ଗଲେ। ଜପ ତପ କରି ଗୟାସୁର ମଧ୍ୟ ବହୁତ ବଳଶାଳୀ ଥିଲା। ବିଷ୍ଣୁଙ୍କ ସହିତ ଯୁଦ୍ଧରେ ସେ ହାରିଲାନି। ବିଷ୍ଣୁ ଆଶ୍ଚର୍ଯ୍ୟ ଚକିତ ହେଲେ। ଶେଷକୁ ଗୟାସୁର ବିଷ୍ଣୁଙ୍କୁ କହିଲା- ସେ ବିଷ୍ଣୁଙ୍କ ସହିତ ଯୁଦ୍ଧ କରି ପରିତୁଷ୍ଟ ହୋଇଛି। ସେ ଆଉ ଯୁଦ୍ଧ କରିବେନି। ସେ ବିଷ୍ଣୁଙ୍କୁ ଆହ୍ୱାନ କଲେ ଗୋଟେ ବର ମାଗିବାକୁ।

ବିଷ୍ଣୁ ଏହି ସୁଯୋଗରେ ଗୟାସୁରକୁ କହିଲେ-ତୁମେ ଆଉ ଯୁଦ୍ଧ କରନି କି ଦେବତାଙ୍କୁ କଷ୍ଟ ଦିଅନି। ଆଜିଠାରୁ ଏହିଠାରେ ପାଶାଣ ହୋଇ ଶୋଇରୁହ।

ବିଷ୍ଣୁଙ୍କ କଥାରେ ଆଶ୍ଚର୍ଯ୍ୟ ହେଲେନି ଗୟାସୁର। ସେ ବିଷ୍ଣୁଙ୍କୁ ବରପ୍ରସାଦ କଲେ। ପ୍ରତି ବଦଳରେ ସେ ବିଷ୍ଣୁଙ୍କ ପ୍ରାର୍ଥନା କଲେ କି ବିଷ୍ଣୁଙ୍କ ଆଗରେ ତାର ମୃତ୍ୟୁ ହେଉ ଓ ବିଷ୍ଣୁ ତୋ ମସ୍ତକ ଉପରେ ତାଙ୍କର ପାଦ ରଖନ୍ତୁ।

ବିଷ୍ଣୁ ତଥାସ୍ତୁ କଲେ। ଗୟାସୁରର ଶରୀର ପାଶାଣ ହୋଇ ସେହି ସ୍ଥଳରେ ଅଛି ଓ ସେ ସ୍ଥାନକୁ ଗୟାତୀର୍ଥ ବୋଲି କୁହାଯାଉଛି। ବ୍ରାହ୍ମଣମାନଙ୍କଠାରୁ ଗୟାତୀର୍ଥ ସଂପର୍କରେ ଶୁଣି ରାମ, ଲକ୍ଷ୍ମଣ ଓ ସୀତା ଖୁସି ହେଲେ। ଗୟା ତୀର୍ଥରେ ସେ ନିଜ ପିତୃପୁରୁଷଙ୍କ ଲାଗି ପିଣ୍ଡ ଦାନ କଲେ।

ତାଙ୍କ ଯାତ୍ରାକାଳରେ ରାମଚନ୍ଦ୍ର ଅଗସ୍ତ୍ୟ ଋଷିଙ୍କ ଦେଖାକଲେ। ତାଙ୍କଠାରୁ ବ୍ରହ୍ମାସ୍ତ୍ର ମଧ୍ୟ ଗ୍ରହଣ କଲେ। ଏହି ବ୍ରହ୍ମାସ୍ତ୍ରରେ ସେ ରାବଣକୁ ବଧ କରିଥିଲେ।

ଅଗସ୍ତ୍ୟ ଋଷିଙ୍କ ପରାମର୍ଶ ଅନୁସାରେ ରାମଚନ୍ଦ୍ର ପଂଚବଟୀ ଅରଣ୍ୟରେ ବାସ କରିବାକୁ ସ୍ଥିର କଲେ।

ପଂଚବଟୀ ଅରଣ୍ୟ ଦିଗରେ ଯାଉଯାଉ ଶ୍ରୀରାମ ପର୍ବତ ସମାନ ଏକ ଭୀଷଣ ପକ୍ଷୀ ଦେଖିଲେ। ଏହା ଏକ ବଳବାନ ଗୃଧ୍ର ପକ୍ଷୀ ଥିଲା। ଏହା ନୀରବରେ ଗୋଟେ ଯାଗାରେ ବସି ରହିଥିଲା।

ଶ୍ରୀରାମ ସେ ଗୃଧ୍ର ପକ୍ଷୀଙ୍କ ପାଖକୁ ଗଲେ ଓ ତାଙ୍କର ପରିଚୟ ମାଗିଲେ। ଗୃଧ୍ର ପକ୍ଷୀ ଖୁସିରେ ନିଜର ପରିଚୟ ଦେଲେ- ହେ ଶ୍ରୀରାମ, ମୁଁ ଜଟାୟୁ, ତୁମ ପିତା ମହାରାଜ ଦଶରଥଙ୍କ ମିତ୍ର। ଥରେ ତୁମ ପିତା ଶନିଶ୍ଚରଙ୍କ ମଣ୍ଡଳକୁ ଭେଦ କରିବାକୁ ଯାଉଥିଲେ। ଶନିଙ୍କ କୋପ ହେତୁ ତାଙ୍କ ଅଶ୍ୱମାନଙ୍କ ରଡ୍ଡ ପୋଡ଼ିଗଲା। ଫଳରେ ଦଶରଥଙ୍କ ରଥ ଓ ଅଶ୍ୱ ତଳକୁ ଖସିବା ଆରମ୍ଭ କଲେ। ମୁଁ ସେହି ସମୟରେ ଆକାଶରେ ଯାଉଥିଲି ଓ ତୁମ ପିତା ଓ ରଥକୁ ମୋ ଡେଣାରେ ଧରି ରଖିଲି। ଫଳରେ ତୁମ ପିତା ଧରାଶାୟୀ ନହୋଇ ମୃତ୍ୟୁମୁଖରୁ ବଂଚିଗଲେ। ସେହି କ୍ରମରେ ଆମର ବଂଧୁତା ସ୍ଥାପନ ହେଲା।

ଶ୍ରୀରାମ ଏ କଥା ଶୁଣି ଜଟାୟୁଙ୍କ ପ୍ରଣାମ କଲେ। ସୀତା ଓ ଲକ୍ଷ୍ମଣ ମଧ୍ୟ ତାଙ୍କୁ ପ୍ରଣାମ କଲେ। କଥା ଛଳରେ ଜଟାୟୁ ଶ୍ରୀରାମଙ୍କୁ ପ୍ରାଣୀମାନଙ୍କ ଉତପତିର ବିବରଣୀ ଶୁଣାଇଲେ। ଶେଷରେ ଜଟାୟୁ ଏ କଥା ମଧ୍ୟ କହିଲେ- ସେ ପଂଚବଟୀ ବନରେ ରହିବେ। ରାମ ଲକ୍ଷ୍ମଣ ଫଳମୂଳ ବା ମୃଗୟାରେ ଗଲେ ସେ ସୀତାଙ୍କୁ ସୁରକ୍ଷା ଦେବେ। ଜଟାୟୁଙ୍କ କଥାରେ ରାମ ଅତ୍ୟନ୍ତ ଖୁସି ହେଲେ। ସେମାନେ ସମସ୍ତେ ପଂଚବଟୀ ବନ ଦିଗରେ ଚାଲିଲେ। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

ମୋ: ୯୯୩୮୦୩୦୦୭୫୧

---

କବିତା
ତୁମ ପାଇଁ

## ସେଦିନ ଆଉ ନାହିଁ

### ରାମଚନ୍ଦ୍ର ସେଠୀ

ଘର ଆମର ଚାଳ ଛପର
ବତା ବାଉଁଶ ଡାଳ ପତର
ମାଟି ଗୋବର ଲିପା
ଆମ ଗାଆଁର ସବୁରି ଘର
ଏମିତି ସବୁ ଚାଳ ଛପର
ଆମର ନୁହେଁ ଏକା ।

ଆମର ଥିଲା ହଳ ଲଙ୍ଗଳ
ଶଗଡ଼ ଗାଡ଼ି ବଳଦ ହଳ
ଗୁହାଳେ ଥିଲେ ଗାଈ
ସକାଳେ ସଂଜ ଦିଓଳି କ୍ଷୀର
ହୁଅଇ ଦହି ଲହୁଣୀ ସର
ବଢ଼ିଛୁ ଖାଇ ଖାଇ ।

ସକାଳେ ମାଆ ଗୋବର ପାଣି
ଛିଂଚନ୍ତି ସାରା ଦୁଆରେ ଆଣି
ଗାଧୋଇ ସାରି ଆସି
ରାନ୍ଧିବାପାଇଁ ଚୁଲିରେ ନିଆଁ
ଲଗାନ୍ତି, ଘରେ ଉଛୁଳେ ଧୁଆଁ
ମୁହାଁନ୍ତି କାଠ ଘଷି।

ପଖାଳ ଭାତ ଦିଏ ତାକତ
ପେଟକୁ ଥଣ୍ଡା ଦେହକୁ ହିତ
ସେଥିରୁ ପେଟେ ଖାଇ
ବିଲକୁ ବାପା ଯାଆନ୍ତି ଚାଲି
ପଡ଼ିଆ ମାଟି ଚଷିବେ ବୋଲି
ହଳ ଲଙ୍ଗଳ ନେଇ ।

ବୁଡ଼ିବା ଆଗୁ ନିଇତି ବେଳ
ଫେରନ୍ତି ବାପା ନେଇକି ହଳ
ଜଳଇ ସଂଜଦୀପ
ଟୁଙ୍ଗୀରେ ଶୁଭେ ପୁରାଣ ପାଠ
ଆଇ ମା ପାଖେ ପିଲାଙ୍କ ଗୋଠ
ଶୁଣନ୍ତି ଗପସପ ।

ମାଟିରେ ବାଜି ବାପାଙ୍କ ହାତ
ଜିଅଁଇ ମାଟି ଉଛୁଳେ କ୍ଷେତ
ମୁକୁତା ଫୁଲ ଫୁଟେ
ସବୁଜ ଢେଉ ବିଲରେ ଡୋଳେ
ଥେଇକି ଥେଇ ପବନେ ଖେଳେ
ସୁନାର ଫଳ ଲୋଟେ ।

ଏମିତି ଆମ ଜୀବନ ଧାରା
ବହଇ ସୁଖ ବରଷ ସାରା
ପର ଆପଣା ତେଜି
କୁଆଡ଼େ ଗଲା ସେଦିନ ଚାଲି
ସପନ ପରି ଲାଗଇ ଖାଲି
ମିଳୁନି ଖୋଜି ଖୋଜି।

+ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା

---

## ଫିକା ଆଜି ରଜଟି

### ନୀଳମଣି ଚାନ୍ଦ

ରଜ ଆସିଗଲେ ଆଗପରି ଆଉ
ଗାଆଁରେ ଝୁଲୁନି ଦୋଳିଟି
ଝିଅମାନେ ମିଶି ସାଇ ବୁଲନ୍ତିନି
ପାଦରେ ଅଳତା ବୋଳିଟି
ପୋଡପିଠା ସାତ ସପନ
ଛଣା ହେଉନାହିଁ ଆରିସା କାକରା
ବସି ଭାବୁଥିଲା ତପନ।

ପ୍ରବାସୀ ଭାଇଟି ଗାଆଁକୁ ଆସୁନି
ପାଳିବାକୁ ରଜପରବ
ତିନିଦିନ ଧରି ଏଇ ପରବଟି
ଭରୁଥିଲା ଖୁସି ଗରବ
ଡୁଡୁ ତାସ୍ ପଶାପାଲିଟି
ଜମୁନି ଆସର ଏ ରଜ ବେଳରେ
ଗାଆଁ ଲାଗେ ଖାଲି ଖାଲିଟି।

ସାହି ଲୋକଙ୍କର ନାହିଁ ମନ ମେଳ
ହୁଏନି ଅପେରା ରାତିରେ
ନିଜପର୍ବ ଭୁଲି ଅନ୍ୟ ସଂସ୍କୃତିରେ
ଗଲେଣି ସବୁ ତ ମାତିରେ
ତେଣୁ ଫିକା ଆଜି ରଜଟି
ଭାସି ଆସୁନାହିଁ ରଜ ଦୋଳି ଗୀତ
'ବନସ୍ତେ ଡାକିଲା ଗଜଟି।'

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭



---

## ଅଭାବ ଭିତରେ ରଜ

### ଅଶୋକ କୁମାର ପ୍ରଧାନ

ଟୁକୁନି ମୋହର ଅଳି କରୁଅଛି
ଆସି ଅଛି ବୋଲି ରଜ
ନୂଆଁ ଜାମା ମୋତେ ଆଣିଦିଅ କିଣି
ପିନ୍ଧି କି ହେବି ମୁଁ ସଜ।

କେମିତି କିଣିବି ତା ପାଇଁ ମୁଁ ଜାମା
ପାଖେ ନାହିଁ ଗୋଟେ ଟଙ୍କା
ସେ କାହିଁ ବୁଝିବ ମୋ ଗରିବ ପଣ
ଅଭାବେ ମୁଁ ପୁରା ବଙ୍କା।

ଦି ଓଳି ଦି ମୁଠା ଖାଇବା ଯୋଗାଡେ
ସରି ଯାଏ ମୋର ଧନ
ଯାନି ଯାତ ଯେତେ ଗାଆଁରେ ହୋଇଲେ
କେବେ ବଳେନି ମୋ ମନ।

କେମିତି କହିବି ମୋ ଅଭାବୀ କଥା
କଅଁଳ ପିଲାକୁ ଆଜି
ଗରିବ ପଣିଆ ମୋ ଭାଗ୍ୟ ରେଖାରେ
ଅଛି ବୋଲି ବାଧା ସାଜି।

ଭାବିଛି ତାକୁ ମୁଁ ଇଆଡୁ ସିଆଡୁ
କଥା କହି ଭୁଲାଇବି
ବାନ୍ଧି ଦେବି ଦୋଳି ବର ଗଛ ଡାଳେ
ସାଥେ ଧରି ଝୁଲାଇବି।

ଦୋଳି ଖେଳୁ ଖେଳୁ ଟୁକୁନି ମନରୁ
ଭୁଲି ଗଲା ଜାମା କଥା
କହୁଥିଲି ମନେ ହେ ଠାକୁର ତୁମେ
କିଆଁ ଗଢିଛ ଏ ପ୍ରଥା।

ମୋ ପରି ଅଭାବୀ ଲୋକଟି କି କେବେ
କା ପାଇଁ ହୋଇଛି ସାହା
ମିଠା କଥା କହି ଦେଇଛି ଭୁଲାଇ
ଯିଏ ଭାବୁ ପଛେ ଯାହା।

ଅଭାବ ଭିତରେ ଦେଖିଛି ମୁଁ ସତେ
ତା ଆଖିରେ କୋଟି ସପ୍ନ
ଜାଣିଛି ସିଏ ମୋ ଝିଅ ନୁହେଁ ସତେ
ଅସରା ଅକ୍ଷୟ ରତ୍ନ।

ରଜ ସରିଯିବ ହେଲେ ତା'ର କଥା
ଲିଭିବନି କେବେ ମନୁ
ମନ ପଡିଗଲେ ସେ ଅଭାବୀ ପଣ
ଶିହରେ ମୋର ଏ ତନୁ।

ଅଭାବ ଭିତରେ ରଜ ସରିଗଲା
ହେଲେ ରହିଗଲା କଥା
ମନ ଉହାଡରୁ ଯେବେ ଭାସି ଆସେ
ଘୁରାଇ ଦିଏ ମୋ ମଥା।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

---

## ହାରିଗଲା ପୁଣି ଠେକୁଆ ଛୁଆ

### ସୁବ୍ରତ ମଲିକ



ଶିମିଳିପାଳ ବୋଲି ଜଙ୍ଗଲରେ ଗୋଟିଏ ଠେକୁଆ ଛୁଆ ରହୁଥାଏ । ନିଜର ପୂର୍ବଜ କେହି ଜଣେ କଇଁଛ ପାଖରୁ ଦୌଡ଼ ପ୍ରତିଯୋଗିତାରେ ହାରିଥିବାରୁ ସବୁବେଳେ ସେହି କଥାକୁ ଭାଳି ହେଉଥାଏ । ଏହି କଥାକୁ ନେଇ ଜଙ୍ଗଲରେ ରହୁଥିବା ଅନ୍ୟ ପଶୁ ପକ୍ଷୀମାନଙ୍କଠାରୁ ଯେତେବେଳେ ଟାହି ଟାପରା ଶୁଣେ, ତା'କୁ ଭାରି ଅପମାନ ଲାଗେ । ତେଣୁ ସେ ଦିନେ ମନେ ମନେ ସ୍ଥିର କଲା, ଯେମିତି ବି ହେଉ ପଛେ କଇଁଛର ବଂଶଜଙ୍କୁ ହରାଇ ନିଜ ପୂର୍ବଜଙ୍କ ପରାଜୟର ପ୍ରତିଶୋଧ ନେବ । ଏଥିପାଇଁ ବେଳକାଳ ଉଣ୍ଡି ସୁଯୋଗ ଖୋଜିବାକୁ ଲାଗିଲା ।

କଥାରେ ଅଛି 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା ।' ବହୁ ଦିନ ପରେ ସେ ଖୋଜୁଥିବା ସୁଯୋଗ ତା'କୁ ମିଳିଗଲା । ଖରାଦିନ ଆରମ୍ଭ ହୋଇ ଯାଇଥାଏ। ପାଣି ପିଇବା ପାଇଁ ସେ ଜଙ୍ଗଲଠାରୁ କିଛି ଦୂରରେ ଥିବା ଏକ ପୋଖରୀ ପାଖକୁ ଆସିଥାଏ । ଖରା ଦିନ ଯୋଗୁଁ ବେଶୀ ପାଣି ସେଥିରେ ନ ଥିବାରୁ ପୋଖରୀର ଅଧିକାଂଶ ଭାଗ କାଦୁଅରେ ଭର୍ତ୍ତି ହୋଇଯାଇଥାଏ । ହଠାତ ତାହାର ନଜର ସେଇଠି ରହୁଥିବା ଗୋଟିଏ କଇଁଛ ଛୁଆ ଉପରେ ପଡ଼ିବାରୁ ସେ ନିଜର ଶୋଷ ଭୁଲି ଯାଇ ତା' ପାଖକୁ ଧାଇଁଲା । ତା ପାଖରେ ପହଞ୍ଚି ନିଜ ମନ କଥା କହିଲା । କଇଁଛ ଛୁଆଟି ତା' କଥା ଶୁଣି ବହେ ହସିଲା ଓ ସେ ସବୁକୁ ଭୁଲିଯିବା ପାଇଁ କହିଲା । କିନ୍ତୁ ଠେକୁଆ ତ କେବେଠୁ କଇଁଛ ସହ ଦୌଡ଼ ପ୍ରତିଯୋଗିତା ପାଇଁ ମନେ ମନେ ସ୍ଥିର କରିଛି । ତେଣୁ ସେ କଇଁଛ ଛୁଆଟିକୁ ଇଆଡୁ ସିଆଡୁ ଦୁନିଆ କଟୁ କଥା ଶୁଣେଇଦେଲା, ଯେମିତି କି ସେ ରାଗିଯାଇ ରାଜି ହୋଇଯିବ।

କଇଁଛ ଛୁଆଟି ବି ଦେଖିଲା ଏ ଠେକୁଆ ଛୁଆଟି ପୂରା ନ ଛୋଡବନ୍ଧା । କିନ୍ତୁ ସେ ଯଦି ଦୌଡ଼ ପ୍ରତିଯୋଗିତା ପାଇଁ ରାଜି ହୁଏ, ତେବେ ନିଜର ଗତି ଲାଗି ତା'ର ହାରିବାଟା ଏକରକମ ଥୟ । ତେଣୁ ସେ ଉପାୟଟେ ଚିନ୍ତା କରିବାକୁ ଲାଗିଲା , ଯେମିତିକି ଏ ଠେକୁଆ ଛୁଆଟି ନିଜର ଜିଦି ପାଇଁ ପାନେ ପାଇବ । କିଛି ସମୟ ଭାବି ସାରିବା ପରେ ସେ ଠେକୁଆ ଛୁଆଟିକୁ କହିଲା ମୁଁ ତୁମ ପ୍ରସ୍ତାବରେ ରାଜି ଅଛି,କିନ୍ତୁ ଦୌଡ଼ ପ୍ରତିଯୋଗିତାର ଆରମ୍ଭ ଓ ଶେଷ ସୀମା ନିର୍ଦ୍ଧାରଣ ମୋ ଦ୍ୱାରା ହେବ ।

ଠେକୁଆ ଛୁଆ ତ ଚାହୁଁଥିଲା ଯେ,କଇଁଛ ଛୁଆଟି ଦୌଡ଼ିବା ପାଇଁ ରାଜି ହେଉ । ତେଣୁ ସେ ଆଗ ପଛ ନ ଭାବି ସଙ୍ଗେ ସଙ୍ଗେ ରାଜି ହୋଇଗଲା । ଏହା ଶୁଣି କଇଁଛ ଛୁଆଟି ପୋଖରୀ କୂଳରୁ ଅଳ୍ପ ଭିତରେ ଏକ ନାଲି ରଙ୍ଗର ପତାକାଟେ ପୋତିଦେଲା । ତା ପରେ ସୀମା ନିର୍ଦ୍ଧାରଣ କରିବାକୁ ଯାଇ କହିଲା, ' ଏହି ପୋଖରୀ ପାଖକୁ ଆସିବାକୁ ତୁମେ ଯେଉଁ ପାଦ ଚଲା ରାସ୍ତାରେ ଆସିଲ , ସେହି ରାସ୍ତାର ମଝିରେ ଏକ ବିରାଟ ବରଗଛ ଅଛି । ସେହି ବରଗଛ ପାଖରୁ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହୋଇ ଏହି ପୋଖରୀ କୂଳଠୁ ଅଳ୍ପ ଭିତରେ ପୋତାଯାଇଥିବା ସେହି ନାଲି ରଙ୍ଗର ପତାକା ପାଖରେ ଶେଷ ହେବ । ଯିଏ ପ୍ରଥମେ ଆସି ସେହି ନାଲି ରଙ୍ଗର ପତାକାକୁ ଛୁଇଁ ଦେବ, ସିଏ ହିଁ ଏହି ଦୌଡ଼ ପ୍ରତିଯୋଗିତାରେ ବିଜୟୀ ହେବ ।

ଏହା ପରେ ଦୁହେଁ ସେହି ବରଗଛ ପାଖରେ ପହଞ୍ଚିଲେ । ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେଲା । ଠେକୁଆ ଛୁଆଟି ନିଜ ଦ୍ରୁତ ଗତି ଯୋଗୁଁ କଇଁଛ ଛୁଆକୁ ବହୁ ପଛରେ ଛାଡ଼ି ପ୍ରଥମେ ସେହି ପୋଖରୀ କୂଳ ନିକଟରେ ପହଞ୍ଚିଗଲା । ତା ପରେ ସେ ଯେତେବେଳେ ପୋଖରୀର ଅଳ୍ପ ଭିତରେ ପୋତାଯାଇଥିବା ସେହି ନାଲି ପତାକାକୁ

ଛୁଇଁବାକୁ ପୋଖରୀ ଭିତରକୁ ଗଲା ,ସେତେବେଳେ ତା'ର ପାଦ ଦୁଇଟି ସେହି କାଦୁଅରେ ଗଳିଗଲା । ସେ କାଦୁଅରୁ ଯେତେ ଯେତେ ବାହାରିବାକୁ ଚେଷ୍ଟା କରୁଥାଏ, ସେତେ ସେତେ କାଦୁଅ ଭିତରକୁ ପଶିଯାଉଥାଏ । ଶେଷରେ ସେ ବାଧ ହୋଇ ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିଲା ।

ଏହିପରି ବହୁ ସମୟ ବିତିଗଲା । ଏହା ଭିତରେ କଇଁଛ ଛୁଆ ତା ଧିର ଧିର ଗତିରେ ଆସି ସେଇଠି ପହଞ୍ଚିଲା ଓ ଠେକୁଆ ଛୁଆର ଅବସ୍ଥା ଦେଖି ମୁରୁକି ମୁରୁକି ହସିବାକୁ ଲାଗିଲା । ଆଉ ଅଧିକ କାଳ ବିଳମ୍ବ ନ କରି ସେ ସେହି ନାଲି ପତାକା ପାଖକୁ ଯିବାକୁ ଲାଗିଲା ଓ ଅତି ସହଜରେ ସେଠି ପହଞ୍ଚି ସାରି ତା'କୁ ଛୁଇଁ ଦେଲା । ଏହା ଦେଖି ଠେକୁଆ ଛୁଆଟି ଆଶ୍ଚର୍ଯ୍ୟ ହେବା ସହିତ ନିଜର ପରାଜୟ ସ୍ୱୀକାର କଲା। ଏହା ପରେ କଇଁଛ ଛୁଆଟି ଠେକୁଆ ଛୁଆ ପାଖକୁ ଆସିଲା ଓ ତା'କୁ ନିଜ ମୁଣ୍ଡରେ ଠେଲି ଠେଲି କାଦୁଅରୁ ବାହାର କଲା । ଠେକୁଆ ଛୁଆଟି କଇଁଛ ଛୁଆର ବୁଦ୍ଧିକୁ ପ୍ରଶଂସା କରିବା ସହ ତା'ଠୁ ନିଜ କାର୍ଯ୍ୟ ପାଇଁ ଭୁଲ ମାଗି ନିଜ ଘରକୁ ଫେରି ଆସିଲା ।

+କୋରୁଆ, ଅସୁରାଳି, ଭଦ୍ରକ-୭୫୬୧୩୭,
୭୦୦୮୩୧୫୯୧୬

---

## ବାଘ, ମୂଷା ଓ ବିରୁଡ଼ି

### ରମେଶ ଚନ୍ଦ୍ର ଦାଶ

ଉଦୁଉଦିଆ ଖରାବେଳ। ଗୋଟିଏ ବଡ଼ ବରଗଛ ଛାଇରେ ବାଘଟିଏ ପାଟି ମେଲାକରି ଶୋଇଥାଏ। ଏହି ସମୟରେ ଦୁଇଟି ମୂଷା ସେହି ଗଛର ଗୋଟିଏ ଡାଳରେ ଗୋଡ଼ିଆଗୋଡ଼ି ଖେଳୁଥାଆନ୍ତି। ଗୋଟିଏ ମୂଷା ଦୌଡ଼ିବା ସମୟରେ ତାର ଗୋଡ଼ ଖସିଯିବାରୁ ସେ ତଳକୁ ପଡ଼ିଗଲା। ଅନ୍ୟ ମୂଷାଟି ବି ତଳକୁ ଡ଼େଇଁ ପଡ଼ିଲା। ତାପରେ ସେମାନେ ବାଘର ଚାରିପଟ ଦୌଡ଼ାଦୌଡ଼ି ଖେଳିଲେ। ଏମିତି ଖେଳୁ ଖେଳୁ ଗୋଟିଏ ତା ପାଟିରେ ପଶିଗଲା। ବାଘ ସଙ୍ଗେ ସଙ୍ଗେ ଟିକେ ପାଟି ବନ୍ଦ କରିଦେଲା। ମୂଷାଟି ଯେତେ ଚେଷ୍ଟା କଲେ ବି ବାହାରକୁ ବାହାଂରି ପାରିଲା ନାହିଁ। ଅନ୍ୟ ମୂଷାଟିକୁ କିଛି ବୁଦ୍ଧିବାଟ ଦେଖାଗଲା ନାହିଁ। ବାଘ ଆଖି ବୁଜିଥାଏ। ଭୟରେ ପାଟି ଭିତରେ ଥିବା ମୂଷାଟି ଝାଡ଼ା ପରିଶ୍ରା କରିଦେଲା। ସେଥିରେ ବାଘର ନିଦ ଭାଙ୍ଗିଗଲା।

କୁଆଡ଼େ ନଚାହିଁ ବାଘ ଅନା ଜିନିଷଟେ କଣ ତା ପାଟିରେ ପଶିଗଲା ବୋଲି ଭାବି ଜୋରରେ ପାଟି ମେଲାକରି ଗର୍ଜନ କଲା। ସେହି ସୁଯୋଗରେ ପାଟି ଭିତରୁ ମୂଷାଟି ବାହାରି ଆସିଲା। ଦୁଇ ମୂଷାଯାକ ସାଥିହୋଇ ନାଚ କରି କରି ଚାଲିଗଲେ।

ବାଘ ଏହା ଦେଖିବା ପରେ ତାକୁ ଭାରି ଅପମାନ ଲାଗିଲା। ଛାର ମୂଷା ଦି'ଟା ତା'ଠାରୁ ଖସିଗଲେ ବୋଲି ଭାବି ମନଦୁଃଖରେ ରହିଲା। ପୁଣି ସୁଯୋଗକୁ ଅପେକ୍ଷା କରି ପ୍ରତିଦିନ ପାଟି ମେଲା କରି ଶୁଏ। କାରଣ ସେ ଜାଣେ ଯେ ମୂଷା ଦୁଇଟି ସେହି ଗଛରେ ହିଁ ରହନ୍ତି। ଦିନେ ଦୁଇଟି ବିରୁଡ଼ି କଳି କରି ଗୋଡ଼ିଆଗୋଡ଼ି ହେଉଥିଲେ। ଗୋଟିଏ ବିରୁଡ଼ି ଅନ୍ୟକୁ ଗୋଡ଼ାଇ ଗୋଡ଼ାଇ ବାଘ ପାଟିରେ ପଶିଗଲେ। ବାଘ ସଙ୍ଗେ ସଙ୍ଗେ ପାଟି ବନ୍ଦ କରିଦେଲା।



ବାହାରିବାକୁ ବାଟ ନପାଇ ସେ ବାଘ ପାଟିକୁ ଆକ୍ରମଣ କଲେ। ତାର ଆଘାତରେ ବାଘ ଅସ୍ତବ୍ୟସ୍ତ ହୋଇପଡ଼ିଲା। ସଂ ସଂଜ୍ଞାହୀନ ହୋଇ ପଡ଼ିଲା। ତାର ପାଟି ଖୋଲିଯିବାରୁ ବିରୁଡ଼ିଟି ବାହାରି ପଡ଼ିଲା।

ମୂଷା ଦୁହେଁ ଗଛ ଉପରୁ ଏହା ଦେଖି କହିଲେ, "ନିଜକୁ ବିପଦରୁ ରକ୍ଷା ପାଇବା ପ୍ରତ୍ୟେକଙ୍କ ପାଖରେ କିଛି ନା କିଛି ବିଶେଷ ଗୁଣ ରହିଛି, ଏକଥା ସମସ୍ତେ ଜାଣିବା ଉଚିତ୍। ନିଜର ବଳକୁ ନେଇ ଗର୍ବ କରିବା ଠିକ୍ ନୁହେଁ।" ମୂଷାମାନଙ୍କ କଥା ଶୁଣି ବାଘ ରାଗରେ ଗର ଗର ହୋଇ ସେଠାରୁ ପଳାଇଲା।

+ଶିକ୍ଷାଶ୍ରୀ ଲେନ, କୁମ୍ଭାରପଡ଼ା, ପୁରୀ-୨
ମୋ: ୯୭୭୬୨୩୮୫୨୨

# ଧାନ କୁଇଂଟାଲ ୧୦୦ ଟଙ୍କା ବଢାଇବା ଓଡିଶାର ଚାଷୀଙ୍କ ପ୍ରତି ଉପହାସ : ବିଜେଡି

ଭୁବନେଶ୍ୱର,୧୦/୦୬ (ନି.ପ୍ର): କେନ୍ଦ୍ର ସରକାର ଗତକାଲି ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଫଳରେ ୨୦୨୧-୨୨ ରୁ କୁଇଂଟାଲ ପ୍ରତି ୧୯୪୦ ଟଙ୍କା ଥିବା ସାଧାରଣ ଧାନର ଦର ୨୦୨୨-୨୩ ବର୍ଷ ପାଇଁ କୁଇଂଟାଲ ପ୍ରତି ୨୦୪୦ ଟଙ୍କା ହୋଇଛି । ଧାନର ଏଭଳି ନଗଣ୍ୟ ଦରବୃଦ୍ଧି ଓଡିଶା ଚାଷୀକୂଳ ପ୍ରତି ଉପହାସ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଡକ୍ଟର ସସ୍ମିତ ପାତ୍ର । ଧାନର ମୂଲବୃଦ୍ଧି ଉପରେ ଡକ୍ଟର ପାତ୍ର କହିଛନ୍ତି ଯେ ସ୍ୱାମୀନାଥନ୍ କମିଶନ ଧାନର ଏମଏସପିକୁ ଉତ୍ପାଦନ ମୂଲ୍ୟର ସି୨ ହାରରେ ୧.୫ ଗୁଣ ବୃଦ୍ଧି କରିବାକୁ ଯେଉଁ ସୁପାରିଶ କରିଥିଲେ ତାହା କେନ୍ଦ୍ର କରିନାହିଁ । ୨୫ ମାର୍ଚ୍ଚ, ୨୦୧୭ ରେ, ଓଡ଼ିଶା ବିଧାନସଭା ସର୍ବସମ୍ମତି କ୍ରମେ ଏକ ସଂକଳ୍ପ ପାରିତ କରି ସାଧାରଣ ଧାନର ଏମଏସପି କୁଇଣ୍ଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଛି । ବିଜେପି, କଂଗ୍ରେସ ଏବଂ ବିଜେଡିର ସମସ୍ତ ବିଧାୟକ ଏହାକୁ ସର୍ବସମ୍ମତି କ୍ରମେ ସମର୍ଥନ କରିଛନ୍ତି । କିନ୍ତୁ ଏହି ସଂକଳ୍ପ ପାରିତ ହେବାର ପାଞ୍ଚ ବର୍ଷ ପରେ ମଧ୍ୟ ବିଜେଡି ସାଂସଦଙ୍କ ସଂସଦ ତଥା ଓଡ଼ିଶା ବିଧାନସଭାରେ ରଖାଯାଇଥିବା ଅନେକ ଦାବି ପରେ ମଧ୍ୟ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିନାହିଁ । ଏହାବ୍ୟତିତ କେନ୍ଦ୍ର ମଧ୍ୟ ଓଡିଶାରୁ ଅତିରିକ୍ତ ଉଷୁନା ଚାଉଳ ଉଠାଇବା ବନ୍ଦ କରିବାକୁ ନିଷ୍ପତି ନେଇଛି । କେନ୍ଦ୍ରର ଏଭଳି ନିଷ୍ପତି ଓଡିଶାର ଲକ୍ଷ ଲକ୍ଷ ଚାଷୀଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ ପଶ୍ଚିମ ଓଡିଶାରେ ମଧ୍ୟ ଏହା ଅଧିକ ପ୍ରଭାବ ପକାଇବ । ୨୦୨୧-୨୨ ଖରିଫ ମାର୍କେଟିଂ ସିଜିନ (କେଏମଏସ)ରେ ୫୨ ଲକ୍ଷ ଟନ୍ ଚାଉଳ ସଂଗ୍ରହ ମଧ୍ୟରୁ, ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ) ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ଅଧୀନରେ ରାଜ୍ୟର ବ୍ୟବହାର ପ୍ରାୟ ୩୯ ଲକ୍ଷ ଟନ୍ ହେବ । ରାଜ୍ୟରେ ୧୩ ଲକ୍ଷ ଟନ୍ ଚାଉଳ ବଳକା ହେବାର ସମ୍ଭାବନା ଅଛି ଯାହାକୁ ତୁରନ୍ତ ଉଠାଇବା ଉଚିତ୍ । ଓଡିଶା ସରକାର ୧୦,୩୩୩ କୋଟି ଟଙ୍କା ଖାଦ୍ୟ ସବସିଡି ବିଲ୍ ପ୍ରଦାନ କରିବାକୁ ଦାବି କରିଥିଲେ । ରାଜ୍ୟରେ ଧାନ ସଂଗ୍ରହ କରୁଥିବା ସଂସ୍ଥାକୁ ଆର୍ଥିକ ଚାପରୁ ମୁକୁଳାଇବା ପାଇଁ କେନ୍ଦ୍ର ତୁରନ୍ତ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ଦାବି କରୁଥିବା ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ରାଜ୍ୟ ସରକାରଙ୍କ ପାଇଁ ଧାନ ଖରିଦ ସକାଶେ ନିଯୁକ୍ତ ସଂସ୍ଥା ଓଡିଶା ରାଜ୍ୟ ଯୋଗାଣ ନିଗମର ୨୦୨୨ ଏପ୍ରିଲ୍ ଶେଷ ସୁଦ୍ଧା ୭୯୩୧.୯୦ କୋଟି ଟଙ୍କାର ଅସ୍ଥାୟୀ ସବସିଡି ଏବଂ ୨୪୦୨.୧୯ କୋଟି ଟଙ୍କାର ଅଗ୍ରୀମ ସବସିଡି ଏହିଭଳି ମୋଟ୍ ୧୦,୩୩୪ କୋଟି ଟଙ୍କା ହୋଇଗଲାଣି । ଆହୁରି ମଧ୍ୟ ଅତିରିକ୍ତ ସୁଧ ପ୍ରଦାନରେ ବିଳମ୍ବ ଏବଂ ସବସିଡିର ସ୍ୱଳ୍ପ ମଞ୍ଜୁର ହେତୁ ମାର୍ଚ୍ଚ ୩୧, ୨୦୨୨ ସୁଦ୍ଧା ପ୍ରାୟ ୫୪୫୪.୬୭ କୋଟିଟଙ୍କାର ଅତିରିକ୍ତ ବୋଝ ହୋଇଛି ଯାହା ଭରଣା କରାଯାଇ ପାରୁନାହିଁ । କେନ୍ଦ୍ର ସୁଧ ବାବଦ ଦେୟ ପ୍ରଦାନ କରିବା ଉଚିତ୍. ଏହା ନହେଲେ ରାଜ୍ୟ ଅତିରିକ୍ତ ବୋଝ ବହନ କରିବ । କିନ୍ତୁ କେନ୍ଦ୍ର ଏ ବାବଦରେ କୌଣସି ପଦକ୍ଷେପ ନେଉନାହିଁ ବୋଲି ଡକ୍ଟର ପାତ୍ର କହିଛନ୍ତି ।

# ୨୦୮୨ କୋଟି ଟଙ୍କାର ୧୧ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋର ଅନୁମୋଦନ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ(ସିଙ୍ଗିଲ୍ ୱିଣ୍ଡୋ) କମିଟି ବୈଠକରେ ୧୧ ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ଦିଆଯାଇଛି । ଏହି ସବୁ ପ୍ରକଳ୍ପ ମାଧ୍ୟମରେ ୨୦୮୨.୧୭ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୩,୬୧୨ ଜଣଙ୍କ ନିମନ୍ତେ ପ୍ରତକ୍ଷ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସଂପର୍କିତ ବିଷୟ ଉପସ୍ଥାପନ ପୂର୍ବକ କହିଥିଲେ ଯେ ପ୍ରକଳ୍ପ ଗୁଡିକ ମୁଖ୍ୟତଃ ପର୍ଯ୍ୟଟନ, ଷ୍ଟିଲ୍ ଡ଼ାଉନଷ୍ଟ୍ରିମ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ ମାନୁଫାକଚରିଂ ସେକ୍ଟର ଅନ୍ତର୍ଭୁକ୍ତ । ଏସବୁ ପ୍ରକଳ୍ପ ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ ଅନ୍ତର୍ଭୁକ୍ତିକରଣ ବୃଦ୍ଧିରେ ସହାୟକ ହେବ । ପ୍ରକଳ୍ପ ଗୁଡିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡିକର ତ୍ୱରିତ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୁରୁତ୍ୱ ଆରୋପ କରିଥିଲେ । ଏଥି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶ୍ୱ ପ୍ରସିଦ୍ଧ ଚିଲିକା ଲେକ୍ ନିକଟରେ ଥିବା ଦ୍ୱୀପରେ ପର୍ଯ୍ୟଟନ ସୁବିଧା ବିକାଶ ନିମନ୍ତେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ପର୍ଯ୍ୟଟନ ବିଭାଗ, ଇଡ଼କ୍କୋ ଏବଂ ଇପିକଲ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକର ସମୟାନୁବନ୍ଧିତ ନିର୍ମାଣ ଏବଂ ଉତ୍ପାଦନ ଆରମ୍ଭ ଉପରେ ଗୁରୁତ୍ୱ ଆରୋପ କରି ଏହା ଉପରେ ଦୃଷ୍ଟି ରଖିବା ପାଇଁ ମୁଖ୍ୟ ଶାସନ ସଚିବ ଇପିକଲ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସବୁ ଶିକ୍ଷାନୁଷ୍ଠାନରେ ଓଡ଼ିଶାରୁ କୌଶଳ ପ୍ରାପ୍ତ(ସ୍କିଲ୍ଡ ଇନ୍ ଓଡିଶା) ଯୁବକଯୁବତୀମାନଙ୍କର ନିଯୁକ୍ତି ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ନିର୍ଦ୍ଧାରିତ ମାନକ ଅନୁସାରେ ଶିଳ୍ପ ପାଇଁ ଆବଶ୍ୟକ ଜମି ଓ ଜଳର ବାସ୍ତବ ଅନୁଶୀଳନ କରିବାକୁ ମଧ୍ୟ ଶ୍ରୀ ମହାପାତ୍ର ଇପିକଲ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା,ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସମବାୟ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ : ବିଜେପି

ଭୁବନେଶ୍ୱର,୧୦/୦୬ (ନି.ପ୍ର): ସମବାୟ ନିର୍ବାଚନ କେବଳ ଗରୀବ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଚାଷୀମାନେ ନିଜ ନିଜ ଗଣତାନ୍ତ୍ରୀକ ମତଦାନ ସାବ୍ୟସ୍ତ କରି ନିଜ ନିଜ ଅଂଚଳରେ ଲ୍ୟାମ୍ପସ କିମ୍ବା ପ୍ୟାକ୍ସ ରେ ଏକ ପରିଚାଳନା କମିଟି ଗଠନ କରନ୍ତି । ଚଳିତ ସମବାୟ ନିର୍ବାଚନରେ ପ୍ରାଥମିକ ସ୍ତରରେ ହେଉଥିବା ଲ୍ୟାମ୍ପସ ଓ ପ୍ୟାକ୍ସ ନିର୍ବାଚନରେ ଶାସକ ବିଜେଡି ସରକାରୀ କର୍ମଚାରୀଙ୍କ ସହାୟତାରେ ନିର୍ବାଚନକୁ ସଂପୂର୍ଣ୍ଣ ଭାବେ ପ୍ରଭାବିତ କରିବା ସହିତ ଚାଷୀମାନଙ୍କୁ ଧୋକା ଦେଉଛି । ଏପରିକି ସାଧାରଣ ଚାଷୀଟି ସମବାୟ ନିର୍ବାଚନରେ ଭୋଟଦାନରୁ ବଂଚିତ ହେବାକୁ ଯାଉଛି । ଫଳରେ ଆସନ୍ତା ସମବାୟ ନିର୍ବାଚନ ଏକ ପ୍ରହସନରେ ପରିଣତ ହେବାକୁ ଯାଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ଶ୍ରୀମତୀ ସୁରମା ପାଢୀ କହିଛନ୍ତି ।

ସମବାୟ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ପଦାଧିକାରୀମାନଙ୍କ ସମବାୟ ବ୍ୟବସ୍ଥା ଉପରେ ସଂପୂର୍ଣ୍ଣ ଜ୍ଞାନ ନାହିଁ । ରାଜ୍ୟ ସରକାରଙ୍କ ଅଧିନସ୍ଥ ପଂଚାୟତରାଜ ବିଭାଗରେ କାର୍ଯ୍ୟରତ ପିଇଓ, ଭିଏଲ୍‌ଡବ୍ଲ୍ୟୁ ଭଳି ସରକାରୀ କର୍ମଚାରୀମାନଙ୍କୁ ନିର୍ବାଚନ ଅଧିକାରୀ କରାଇବା ପରେ ଚାପ ପ୍ରୟୋଗ କରି ଶତ ପ୍ରତିଶତ ନିର୍ବାଚନ ଜିତିବା ଲକ୍ଷ୍ୟରେ ଶାସକ ବିଜେଡି ରହିଛି । ବିଗତ ତିନି ବର୍ଷରେ ନିଯୁକ୍ତ ଆଡମିନିଷ୍ଟ୍ରେଟରମାନେ ସଭ୍ୟ ସଂଗ୍ରହ, ଡିପୋଜିଟ ମୋବିଲାଇଜେସନ ନକରି ସଂଗୃହୀତ ଅର୍ଥ ପରିମାଣର ରସିଦ ନଦେଇ, ବ୍ୟାଂକ ଖାତା ଚାଷୀଙ୍କୁ ହସ୍ତାନ୍ତର ନକରି ସୋସାଇଟିରେ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି । ଲ୍ୟାମ୍ପସ ଓ ପ୍ୟାକ୍ସ ଗୁଡିକର ଭୋଟର ତାଲିକାକୁ ଚଂଚକତା ସହ ପ୍ରସ୍ତୁତି କରାଯାଇଛି ଏବଂ ଏହା ଦ୍ୱାରା ସାଧାରଣ ଚାଷୀଟି ଭୋଟଦାନରୁ ବଂଚିତ ରହିବ । ସମବାୟ ଅଧିନିୟମ ଏସ୍‌ଇସି ୨୮/୨(ପି)ରେ ଥିବା ନିୟମ ମୁତାବକ ୧ଜାନୁୟାରୀ ୧୯୯୫ପରେ ତୃତୀୟ ସନ୍ତାନ ଲାଭ କରିଥିବା ଦମ୍ପତି ନିର୍ବାଚନ ଲଢ଼ିବା ବା ପ୍ରସ୍ତାବକ ସମର୍ଥକ ହୋଇନପାରିବା ଭଳି ନିୟମ ଖୋଲା ଉଲଘଂନ ହେବା ଦେଖାଦେଉଛି ବୋଲି ବିଜେପି ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ଦାଶ କହିଛନ୍ତି । ଅନ୍ୟ ଯେଉଁ ସ୍ଥାନରେ ନିର୍ବାଚନ ହେବାକୁ ଅଛି ଆଇନତ ସଠିକଭାବେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ କରାନ୍ତୁ ରାଜ୍ୟ ସରକାର ବୋଲି ଶ୍ରୀ ଦାଶ ଦାବୀ କରିଛନ୍ତି ।

ନିର୍ବାଚନରେ ପ୍ରାର୍ଥୀ ନାମାଙ୍କନ ପତ୍ର ଶୁଦ୍ଧ ଓ ସଠିକ ହେବାକୁ ଥିବାବେଳେ ଚଳିତ ସମବାୟ ନିର୍ବାଚନରେ ଏହି ପ୍ରାର୍ଥିପତ୍ରରେ ବ୍ୟାପକ ଅଶୁଦ୍ଧି ପରିଲକ୍ଷିତ ହେଉଛି । ମନୋନୟନ ପତ୍ରରେ କେବଳ ସମର୍ଥକ ଓ ପ୍ରସ୍ତାବକଙ୍କ ନାମ ଦର୍ଶାଇବା ପାଇଁ ସ୍ଥାନ ଥିବାବେଳେ ତାଙ୍କ ଦସ୍ତଖତ ପାଇଁ ସ୍ଥାନ ନାହିଁ । ଯାହାର ଆଧାରରେ ନିର୍ବାଚନ ଅଧିକାରୀ ସ୍ଥଳ ବିଶେଷରେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କର ପ୍ରାର୍ଥୀପତ୍ର କାୟାମ ରଖିବାବେଳେ ବିରୋଧିମାନଙ୍କ ନାମାଙ୍କନ ନାକଚ କରିଚାଲିଛନ୍ତି । ଏହା ଏକ ସଂପୂର୍ଣ୍ଣ ଅସାମ୍ବିଧାନିକ ବ୍ୟବସ୍ଥା ହୋଇଥିବାରୁ ଏହାକୁ ଅସିଦ୍ଧ ଘୋଷଣା କରିବାକୁ ଶ୍ରୀ ଦାସ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଜିଲ୍ଲା ସଂଯୋଜକ ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ଲେ’ଷ୍ଟୋରରୁ ୪୫ ଲୋନ୍-ଆପ୍ ହଟାଇବାକୁ ଗୁଗୁଲକୁ ଚିଠି

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଋଣ ଯୋଗାଇବା ଆଳରେ ବ୍ଲାକମେଲ୍ କରି ଲୋକଙ୍କୁ ଲୁଟୁଥିବା ଆରବିଆଇ ଅନଧିକୃତ କିଛି ସଂସ୍ଥାର ମୋବାଇଲ୍ ଆପ୍ଲିକେସନ୍‌ଗୁଡ଼ିକୁ ପ୍ଲେ’ ଷ୍ଟୋରରୁ ହଟାଇବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲୁ ଗୁଗୁଲ୍‌କୁ ଚିଠି ଲେଖିଛି । ପୂର୍ବରୁ କୋକୋ ଓ ଜୋଜୋ ନାମକ ୨ଟି ଆପ୍‌କୁ ପ୍ଲେ’ ଷ୍ଟୋରରୁ ହଟାଇବା ସହ ଉକ୍ତ ସଂସ୍ଥା ବାବଦରେ ଇଓଡବ୍ଲୁ ଗୁଗୁଲ୍‌କୁ ତଥ୍ୟ ମାଗିଥିଲା । ଏହି ୨ଆପ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏହିଭଳି ଆଉ ପ୍ରାୟ ୪୫ଟି ଆପ୍ ଅଧିକ ସୁଧ ଆଦାୟ କରିବାକୁ ଯାଇ ଲୋକଙ୍କୁ ମାନସିକ ନିର୍ଯାତନା ଦେଉଥିବା ଇଓଡବ୍ଲୁ ପାଖରେ ଅଭିଯୋଗ ହୋଇଥିଲା । ଏପରିକି ଋଣଗ୍ରହୀତାର ମୋବାଇଲ୍‌ରୁ ସମସ୍ତ ବ୍ୟକ୍ତିଗତ ତଥ୍ୟ, ଫୋନ୍ ନମ୍ବର ନେଇ ପରିବାର ଓ ସାଙ୍ଗଙ୍କୁ ଦେବାଳିଆ ଭଳି ଅପମାନିତ କରୁଥିବା କୁହାଯାଇଥିଲା । ଏନେଇ ଅନେକ ଆତ୍ମହତ୍ୟା ମଧ୍ୟ କରିଥିବା ଇଓଡବ୍ଲୁ ସୂଚନା ଦେଇଛି । ତେଣୁ ଗୁଗୁଲ୍ ନିଜସ୍ୱ ଟିମ୍ ଦ୍ୱାରା ଏହି ସନ୍ଦିଗ୍ଧ ଆପ୍‌ଗୁଡ଼ିକର ବିଶ୍ୱସନୀୟତା ଯାଞ୍ଚ କରି ପ୍ଲେ’ ଷ୍ଟୋରରୁ ହଟାଇବା ପାଇଁ ଇଓଡବ୍ଲୁ ଚିଠି ଲେଖିଛି ।

# ପଶ୍ଚିମ ଓଡିଶାରେ ଅଗ୍ନିବର୍ଷା

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଜଳୁଛି ପଶ୍ଚିମ ଓଡିଶା । ଗୁରୁବାର ସର୍ବୋଚ୍ଚ ତାପମାତ୍ରା ବଲାଙ୍ଗୀରରେ ରେକର୍ଡ ହୋଇଛି । ବଲାଙ୍ଗୀରରେ ସର୍ବାଧିକ ୪୫.୩ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ଦେଖିବାକୁ ଗଲେ ରାଜ୍ୟର ଦ୍ୱିତୀୟ ଉତପ୍ତ ସହର ଟିଟିଲାଗଡ଼ ପାଲଟିଛି । ଟିଟିଲାଗଡ଼ରେ ଆଜି ତାପମାତ୍ରା ୪୫.୨ ଡିଗ୍ରୀ ରେକର୍ଡ କରାଯାଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ଦିନ ୧୫ ସହରରେ ଦିନ ତାପମାତ୍ରା ୪୦ ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି । ବୌଦ୍ଧରେ ୪୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଭବାନୀପାଟଣାରେ ୪୩.୫ ଡିଗ୍ରୀ, ମାଲକାନଗିରିରେ ୪୩ ଡିଗ୍ରୀ ରହିଛି ତାପମାତ୍ରା ।ସେହିପରି ଝାରସୁଗୁଡ଼ାରେ ୪୨. ୭ ଡିଗ୍ରୀ , ବରଗଡ଼ରେ ୪୨. ୬ ଡିଗ୍ରୀ ,ନୂଆପଡ଼ାରେ ୪୨.୪ ଡିଗ୍ରୀ ରହିଛି । ସେହପରି ସମ୍ବଲପୁରର ତାପମାତ୍ରା ୪୨ ଡିଗ୍ରୀ, ସୁନ୍ଦରଗଡ଼ ୪୨ ଡିଗ୍ରୀ, , ଦେବଗଡ଼ରେ ୪୧. ୨ ଡିଗ୍ରୀ, ନବରଙ୍ଗପୁରରେ ୪୦ ଡିଗ୍ରୀ, ହିରାକୁଦ ୪୧. ୩ ଡିଗ୍ରୀ, ରେକର୍ଡ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ୩୩.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କଟକରେ ୩୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଗତକାଲି ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୮ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ଜଣେ ବି ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ନ ଥିବା ଜଣାଯାଇଛି । ଆଜି ରାଜ୍ୟର ୫ଟି ଜିଲ୍ଲାରୁ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୫ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨ଜଣ, କଳାହାଣ୍ଡି ଜିଲ୍ଲାରୁ ୧ ଜଣ, କେନ୍ଦୁଝର ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୧ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଓ ଷ୍ଟେଟପୁଲରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୫୯୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୯, ୨୮୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୩୬ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଧାନର ଏମ୍.ଏସ୍.ପି. ୧୦୦ ଟଙ୍କା ବୃଦ୍ଧି ଧର୍ମକୁ ଆଖିଠାର : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଗତକାଲି କେନ୍ଦ୍ର ସରକାର ଧାନ ସମେତ ୧୭ଟି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ମନ୍ତ୍ରୀ ଅନୁରାଗ ଠାକୁରଙ୍କ ଦ୍ୱାରା ଘୋଷିତ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରାଯାଇଛି ଯେ, ସାର ସମେତ ଅନ୍ୟାନ୍ୟ ଚାଷ ଉପକରଣର ମୂଲ୍ୟବୃଦ୍ଧି ଘଟିଥିବା ଯୋଗୁଁ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ୧୦୦ ଟଙ୍କା ବୃଦ୍ଧି କରିଛନ୍ତି । ଫଳରେ ଏ-ଗ୍ରେଡ୍ ଧାନ ୨୦୬୦ ଟଙ୍କାରେ ବିକ୍ରି ହେଲା ବେଳେ ସାଧାରଣ ଧାନ କ୍ୱିଂଟାଲ୍ ପିଛା ୨୦୪୦ ଟଙ୍କାକୁ ବୃଦ୍ଧି ପାଇଛି । ଏହାଫଳରେ ଚାଷୀମାନେ ନିଜର ଇନ୍‌ପୁଟ୍ କଷ୍ଟ ବୃଦ୍ଧିର ମୁକାବିଲା କରିପାରିବ ବୋଲି ଏହି ଘୋଷଣାନାମାରେ ପ୍ରକାଶ କରାଯାଇଛି । ଏଠାରେ ଉଲ୍ଲେଖଥାଉକି, ୨୦୧୭ ମସିହାରେ କେନ୍ଦ୍ର ସରକାର ୧୫୫୦ ଟଙ୍କା ଥିବା ଧାନ କ୍ୱିଂଟାଲକୁ ମାତ୍ର ୪୯୦ ଟଙ୍କା ବୃଦ୍ଧି କରି ଆଜି ୨୦୨୨-୨୩ ମସିହାରେ ୨୦୪୦ଟଙ୍କାକ କରିଛନ୍ତି । ଏହା ଶତକଡ଼ା ୩୨ ଭାଗ ବୃଦ୍ଧି ମାତ୍ର । କିନ୍ତୁ ନିଜେ ପ୍ରଧାନମନ୍ତ୍ରୀ ୨୦୧୭ ମସିହାରେ ଘୋଷଣା କରିଥିଲେ ଯେ ଆଗାମୀ ୫ ବର୍ଷ ଭିତରେ ଚାଷୀମାନଙ୍କର ଆୟ ୨ ଗୁଣ ବୃଦ୍ଧି କରାଯିବ । ସ୍ୱାମୀନାଥନ୍ କମିଶନ ରିପୋର୍ଟ ଲାଗୁ କରିବା ପାଇଁ ସରକାର କ୍ଷମତାକୁ ଆସିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା ମଧ୍ୟ ପାଳନ କଲେନାହିଁ । ସାର, ବିହନ ଓ କୀଟନାଶକ ଅତ୍ୟଧିକ ବୃଦ୍ଧି ଯୋଗୁଁ ଏବଂ କୃଷି ଶ୍ରମିକମାନଙ୍କର ମଜୁରୀ ବୃଦ୍ଧି ଯୋଗୁଁ ରାଜ୍ୟରେ ଧାନ ଉତ୍ପାଦନ ବହୁତ ବୃଦ୍ଧି ପାଇଛି । ୨୦୧୭ ମସିହାର ଏକ ହିସାବ ଅନୁଯାୟୀ ଓଡ଼ିଶାରେ ୧ କ୍ୱିାଲ୍ ଧାନ ଉତ୍ପାଦନ ପାଇଁ ୨୩୪୪ ଟଙ୍କା ଖର୍ଚ୍ଚ ହେଉଛି ବୋଲି ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବରେ କୁହାଯାଇଥିଲା । ତେଣୁ ୨୯୩୦ ଧାନ କ୍ୱିଂଟାଲ୍ ପିଛା ଦେବାପାଇଁ ଓଡ଼ିଶା ସରକାର କେନ୍ଦ୍ର ପାଖରେ ଦାବି ଉପସ୍ଥାପିତ କରିଥିଲେ । ଏହା ମଧ୍ୟରେ ଯେଉଁ ପଟାଶ ସାର ୫୦ କେଜିଆ ବସ୍ତା ପିଛା ୧୦୫୦ ଟଙ୍କା ଥିଲା ତାହା ବୃଦ୍ଧି ପାଇ ୧୭୦୦ ଟଙ୍କ ଓ ଏନ୍.ପି.କେ. ସାର ୧୦୫୦ରୁ ବସ୍ତାପିଛା ୧୯୫୦ ଟଙ୍କା ଓ ଗ୍ରୋମର ୧୩୭୦ ଟଙ୍କାରୁ ୧୯୦୦ ଟଙ୍କାରେ ଆସି ପହଂଚିଛି । ସେହିଭଳି ଡି.ଏ.ପି. ମଧ ବସ୍ତା ପିଛା ୧୫୦ ଟଙ୍କା ବଢ଼ିଛି । ଧାନ, ବିହନ କ୍ୱିାଲ୍ ୩୫୦୭ ଟଙ୍କା ଧାର୍ଯ୍ୟ କରାଯାଇଛି । ବିହନ କିଣି ସାରିଲା ପରେ ଡିବିଟି ମାଧ୍ୟମରେ ଚାଷୀଙ୍କ ଆକାଉଂଟକୁ ସବ୍‌ସିଡ୍ ଟଙ୍କା ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିବା ଯୋଗୁଁ ବିହନ କିଣିବାକୁ ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ଏହିଭଳି ଏକ ଅବସ୍ଥାରେ ଥିବା ଚାଷୀକୂଳଙ୍କ ପାଇଁ ଧାନ କ୍ୱିଂଟାଲ୍ ପିଛା ୧୦୦ ଟଙ୍କା ବୃଦ୍ଧି ଧର୍ମକୁ ଆଖିଠାର ବୋଲି ସମାଜାବାଦୀ ପାର୍ଟି ରବି ବେହେରା ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି । ଓଡ଼ିଶା ସରକାର ଅନ୍ୟାନ୍ୟ ଧାନ ଉତ୍ପାଦନକାରୀ ରାଜ୍ୟ ଯଥା- ଆନ୍ଧ୍ର, ତେଲେଙ୍ଗାନା, ତାମିଲ୍‌ନାଡୁ, ପଶ୍ଚିମବଙ୍ଗଳା, ବିହାର ଓ ଉତରପ୍ରଦେଶ ସହିତ ସମନ୍ୱୟ ରକ୍ଷା କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ କେନ୍ଦ୍ର ଉପରେ ଚାପ ପକାଇବାକୁ ଶ୍ରୀ ବେହେରା ବିଜେଡ଼ି ଦଳ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । କେନ୍ଦ୍ରର ପ୍ରତିନିଧି ଭାବରେ ଓଡ଼ିଶାରେ ଅବସ୍ଥାପିତ ରାଜ୍ୟପାଳ ଏବେ ଅନୁପସ୍ଥିତ ଅଛନ୍ତି । ରାଜ୍ୟପାଳ ଫେରିଲା ପରେ ଧାନ ଏମ୍.ଏସ୍.ପି.କୁ ନେଇ ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

# ଆଜି ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟ ସ୍ତରୀୟ ସ୍ମରଣ ସଭା

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଓଡିଶାର ସାମ୍ୟବାଦୀ ଆନ୍ଦୋଳନର ବର୍ଷିୟାନ୍ ନେତା, ସି.ପି.ଆଇ.(ଏମ୍)ର ପୂର୍ବତନ ରାଜ୍ୟ ସମ୍ପାଦକ , ପୂର୍ବତନ ସାଂସଦ ତଥା ବିଶିଷ୍ଟ ଜନନେତା ପ୍ରୟାତ କମ୍ରେଡ୍ ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିରେ ଏକ ରାଜ୍ୟ ସ୍ତରୀୟ ସ୍ମରଣ ସଭା ଜୁନ୍ ୧୧ ତାରିଖ ଦିନ ୧୧ଘଣ୍ଟାରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ସଭାଗୃହରେ ଅନୁଷ୍ଠିତ ହେବ । ଏହି ସ୍ମରଣ ସଭାରେ ସି.ପି.ଆଇ.(ଏମ୍)ର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ପଲିଟ୍‌ବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ରଙ୍କ ସମେତ ରାଜ୍ୟର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜିବୀ ଏବଂ ସକଳ ସ୍ତରର ଜନପ୍ରତିନିଧି ଉପସ୍ଥିତ ରହି ଏହି ପ୍ରୟାତ ନେତାଙ୍କ ଅମ୍ଳାନ ସ୍ମୃତିରେ ଶ୍ରଦ୍ଧା ସୁମନ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ସଭାରେ ସମସ୍ତ ସାଥୀ , ବନ୍ଧୁ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଓଡିଶାର କମ୍ୟୁନିଷ୍ଟ ଆନ୍ଦୋଳନର ଏହି ସଂଗ୍ରାମୀ ନେତାଙ୍କ ପ୍ରତି ଯଥୋଚିତ ସମ୍ମାନର ସହିତ ସ୍ମୃତି ଚାରଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି ।

# ରାଜ୍ୟର ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୧୦/୦୬ (ନି.ପ୍ର): ପଛୁଆ ବର୍ଗ ବା ଓବିସି ମାନଙ୍କୁ ତାଙ୍କର ସାଂବିଧାନିକ ଅଧିକାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମୋଦି ସରକାର ସ୍ୱତନ୍ତ୍ର ଓବିସି କମିଶନ ଗଠନ କରି ତାଙ୍କ ଅଧିକାର ଓ କାର୍ଯ୍ୟକୁ ସ୍ୱୀକୃତି ଦେଇ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି ବୋଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ‘ଓବିସି ଜାତିବର୍ଗ ସମ୍ମିଳନୀ’ରେ ଯୋଗ ଦେଇ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

ବିଶେଷ ଭାବେ ପଛୁଆ ବର୍ଗ ଏବଂ ଆର୍ଥିକ ଅନଗ୍ରସରଙ୍କ ପାଇଁ ମୋଦି ସରକାର ବହୁ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରିଛନ୍ତି । ଓବିସି ବର୍ଗଙ୍କ ସ୍ୱାର୍ଥରକ୍ଷା ଓ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ମୋଦି ସରକାର ପ୍ରଥମ କରି ଜାତୀୟ ସ୍ତରରେ ଓବିସି କମିଶନ ଗଠନ କରି ପ୍ରତ୍ୟେକ ରାଜ୍ୟରେ ଓବିସି କମିଶନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଇଲେ । ୧୦୨ତମ ସଂବିଧାନ ସଂଶୋଧନ ଜରିଆରେ ରାଜ୍ୟରେ କେଉଁ କେଉଁ ଜାତି ଓବିସି ବା ଏସ୍‌ଇବିସି ତାଲିକା ଅର୍ନ୍ତଭୁକ୍ତ ହେବେ ତାହା ସ୍ଥିର କରିବାର ଦାୟିତ୍ୱ ଓ କ୍ଷମତା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ସର୍ଭେ କରି ଓବିସିଙ୍କ ସଂଖ୍ୟା ଅନୁପାତ ଓ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଭିତିରେ ଶିକ୍ଷା,ନିଯୁକ୍ତି ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ପ୍ରତିଶତ ସ୍ଥିର କରିବାର ଦାୟୀତ୍ୱ ମଧ୍ୟ ରାଜ୍ୟମାନଙ୍କୁ ଦିଆଯାଇଛି । ନିଜର ଓବିସି ତାଲିକା ପ୍ରସ୍ତୁତ କରିବାକୁ ରାଜ୍ୟମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ରାଜ୍ୟର ମୋଟ ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ଓବିସି ଓ ଏସଇବିସି ବର୍ଗ । ତେବେ ଏହି ବର୍ଗର ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ସୁଯୋଗରୁ ବଂଚିତ ହୋଇଛନ୍ତି । ଯେଉଁ କାରଣରୁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିନାହିଁ । ବିଜେପିର ବାରମ୍ବାର ଦାବୀ ହେବା ପରେ ରାଜ୍ୟ ସରକାର ବାଧ୍ୟ ବାଧକତାରେ କମିଶନର ଅଧ୍ୟକ୍ଷ ନିଯୁକ୍ତି କଲେ । ଗତ ୨ ବର୍ଷ ଭିତରେ ରାଜ୍ୟ ଓବିସି କମିଶନ କଣ କଣ କାର୍ଯ୍ୟ କରିଛନ୍ତି ଏବଂ କେଉଁ କେଉଁ ଜାତିବର୍ଗ ପଛୁଆ ବର୍ଗରେ ଅନ୍ତର୍ଭୁକ୍ତ ହେବେ, ତାହା ସ୍ଥିରକୃତ କାହିଁକି ହୋଇପାରିନାହିଁ ? ଫାଇନାନ୍ସ ଡେଭଲପମେଂଟ୍ କର୍ପୋରେସନରେ ୨୦୦୮ରୁ କାହିଁକି ଆଜି ପର୍ଯ୍ୟନ୍ତ ଗୋଟିଏ ଲୋକଙ୍କୁ ବି ରାଜ୍ୟ ସରକାର ଋଣ ଦେଇନାହାନ୍ତି । ସବୁ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଥିବାବେଳେ ଓଡିଶାରେ ତାହା ଦିଆନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟରେ ନାରୀ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସୁଲେଖିକା, ବିପ୍ଳବୀ ନାରୀ ନେତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ସୂର୍ଯ୍ୟନଗରସ୍ଥିତ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଶଶିଭୂଷଣ ବେହେରା, ସୁରେଶ କୁମାର ରାଉତରାୟ, ରମେଶ ଚନ୍ଦ୍ର ସାଏ, ଅନନ୍ତ ନାରାୟଣ ଜେନା, ମହାନଗରପାଳ ସୁଲୋଚନା ଦାସ, ଧରତ୍ରୀ ସମ୍ପାଦକ ତଥାଗତ ଶତପଥୀ, ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଡଃ ମିନତୀ ବେହେରା, ଶିଳ୍ପୀ ସୁଦର୍ଶନ ସାହୁ, ଧରିତ୍ରୀ ପରିବାରର ସମସ୍ତ ସଭ୍ୟବୃନ୍ଦ, ମହାନଗର ନିଗମର କର୍ପୋରେଟର ଓ ପୂର୍ବତନ କର୍ପୋରେଟର ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉପସ୍ଥିତ ରହି ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ନନ୍ଦିନୀଦେବୀ ଓଡ଼ିଶାର ବହ୍ନି କନ୍ୟା ଥିଲେ । ବିଦ୍ୟାଳୟରେ ଅଧ୍ୟୟନ କରିବାଠାରୁ ଆରମ୍ଭ କରି ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ତାଙ୍କର ବୈପ୍ଳବିକ ଚେତନା ଅବ୍ୟାହତ ରହିଥିଲା । ସାଧାରଣ ମଣିଷର ସମସ୍ୟା ପ୍ରତି ସେ ସଚେତନ ଥିଲେ । ଧରିତ୍ରୀ ଖବରକାଗଜ ପ୍ରକାଶନ କରି ରାଜ୍ୟରେ ସମ୍ବାଦପତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଧରିତ୍ରୀ ଏବେ ମଧ୍ୟ ସାଧାରଣ ଲୋକଙ୍କ ସ୍ୱରକୁ ନିର୍ଭିକ ଭାବରେ ଉପସ୍ଥାପନ କରିବାରେ ଅଗ୍ରଗଣ୍ୟ ହୋଇରହିଛି । ସେ ଜଣେ ଉଚ୍ଚକୋଟୀର ଲେଖିକା ଭାବରେ ବହୁ ପୁସ୍ତକ ରଚନା କରି ରାଜ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କର ଜୀବନ ଆଦର୍ଶ ଆଜି ମଧ୍ୟ ରାଜ୍ୟରେ ନାରୀମାନଙ୍କୁ ସାହସ ପ୍ରଦାନ କରୁଅଛି ବୋଲି ମତବ୍ୟକ୍ତ କରିଥିଲେ ।

ଏହାପରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାରପ୍ରାପ୍ତ ଅଧିକାରୀଙ୍କ ସଂଯୋଜନାରେ ନନ୍ଦିନୀ ଦେବୀଙ୍କ ଜନ୍ମ ଦିବସରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଡଃ ମିନତୀ ବେହେରା ଓଡ଼ିଶାରେ ନାରୀ ସଶକ୍ତିକରଣ କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ଅନନ୍ୟ ଭୂମିକା ଓ ଜଣେ ଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଚିରସ୍ମରଣୀୟ ହୋଇ ଜନମାନସରେ ଉଜ୍ଜିବୀତ ହୋଇରହିଛି । ଏକ ସାମ୍ୟବାଦୀ ପରିବାରରେ ଜନ୍ମ ହୋଇ ଆଦ୍ୟ ଜୀବନରେ ସାମ୍ୟବାଦୀ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବୈପ୍ଳବିକ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ବାସ୍ତବତା ଦୃଷ୍ଟିରୁ ସେ କଂଗ୍ରେସ, ଜନତାପାର୍ଟିରେ ଯୋଗଦାନ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ କଂଗ୍ରେସ ଅର୍ସରେ ଯୋଗଦାନ କରିବା ସହ ପୁନଶ୍ଚ ୧୯୮୫ ମସିହାରେ ‘ଜାଗ୍ରତ ଓଡ଼ିଶା’ ନାମରେ ଏକ ଆଂଚଳିକ ଦଳ ଗଠନ କରି ରାଜନୈତିକ ପରୀକ୍ଷା ନିରୀକ୍ଷା କରିଥିଲେ । ୧୯୭୨ ମସିହାରେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି କଟକ ସହରରୁ ଉପନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୪, ୧୯୭୭, ୧୯୮୦, ୧୯୮୫ ମସିହାରେ ଢେଙ୍କାନାଳ, ୧୯୯୦ ଓ ୧୯୯୫ରେ ଗଁଦିଆ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଜଣେ ଦକ୍ଷ ନେତ୍ରୀ ଭାବରେ ସେ ପ୍ରତ୍ୟେକ ଦଳର ରାଜନେତା ମାନଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିଲେ ଓ ପ୍ରତ୍ୟେକ ରାଜନୈତିକ ବ୍ୟକ୍ତି ତାଙ୍କ ପରାମର୍ଶ ଗ୍ରହଣ କରୁଥିଲେ । ତାଙ୍କ ନୀତି, ଆଦର୍ଶରେ ଯୁବ ଓ ଛାତ୍ର ସମାଜ ବିଶେଷକରି ମହିଳାମାନେ ଉଦ୍‌ବୁଦ୍ଧ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଲକେଏମ ସେଂଟର ଓ ଲାଇବ୍ରେରୀର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଭୁବନେଶ୍ୱର ୧୬ ସତ୍ୟନଗର ଠାରେ ଓଡ଼ିଶାର ସୁପ୍ରସିଦ୍ଧ ନୃତତ୍ତ୍ୱବିତ୍ ସ୍ୱର୍ଗତ ପ୍ରଫେସର ଲକ୍ଷ୍ମଣ ମହାପାତ୍ରଙ୍କ ସ୍ମୃତିରେ ପ୍ରତିଷ୍ଠିତ ଏଲ.କେ.ଏମ ସେଂଟର ଏବଂ ଲାଇବ୍ରେରୀ ପ୍ରଫେସର ମହାପାତ୍ରଙ୍କ ବ୍ୟକ୍ତିତ୍ୱ, ଉଚ୍ଚ ଶିକ୍ଷା, ଗବେଷଣା ଏବଂ ବିଚାରକୁ ପୁର୍ନଜୀବିତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଫେସର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ଜଣେ ସୁପ୍ରସିଦ୍ଧ ଓ ଲବ୍ଧ ପ୍ରତିଷ୍ଠିତ ନୃତତ୍ତ୍ୱବିତ ହେଉଛନ୍ତି ପ୍ରଫେସର ଲକ୍ଷ୍ମଣ ମହାପାତ୍ର । ତାଙ୍କର କାର୍ଯ୍ୟକାଳରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନନ୍ଥ୍ରୋପୋଲୋଜି ବିଭାଗରେ ସର୍ବାଙ୍ଗୀନ ଉନ୍ନତି ହୋଇପାରିଥିଲା । ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏମକେଏମ ପାଠାଗାର ଲୋକାର୍ପଣ କରିବା ମୋ ପାଇଁ ସୌଭାଗ୍ୟର ଦିନ । ଓଡ଼ିଶାରେ ସମାଜ ବିଜ୍ଞାନର ଛାତ୍ରଛାତ୍ରୀ ଓ ନୃତତ୍ତ୍ୱ ବିଜ୍ଞାନ ବିଭାଗର ଗବେଷକମାନେ ଏହି ପାଠାଗାରର ସୁବିଧା ନେଇପାରିବେ । ପ୍ରଫେସର ମହାପାତ୍ରଙ୍କ ଭଳି ଜଣେ ସୁନାମ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ଏଲ.କେ.ଏମ ସେଂଟର ଓ ଲାଇବ୍ରେରୀ ପ୍ରତିଷ୍ଠା କରିଥିବାରୁ ଟ୍ରଷ୍ଟ ଏବଂ ସ୍ୱର୍ଗତ ମହାପାତ୍ରଙ୍କ ପରିବାର ବର୍ଗକୁ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଗୋଟିଏ ବିଷୟର ଅନ୍ତିମ ଭାଗକୁ ଯିବା ହି ଆନନ୍ଥ୍ରୋପୋଲୋଜିର ବିଚାର । ଏହି ଦୃଷ୍ଟିରୁ ଉଚ୍ଚ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ପ୍ରଫେସର ମହାପାତ୍ରଙ୍କ କୃତିତ୍ୱ ଥିଲା ଅସାଧାରଣ । ପ୍ରଫେସର ମହାପାତ୍ର ଜଣେ ବୈଶ୍ୱିକ ବ୍ୟକ୍ତିତ୍ୱ ଥିଲେ । ଜାତୀୟ ଶିକ୍ଷା ନୀତିରେ ଇଂଟର ଡ଼ିସିପ୍ଲିନାରୀ ୟୁନିଭରସିଟିର ଯେଉଁ କଳ୍ପନା ରହିଛି, ତାହାକୁ ସ୍ୱର୍ଗତ ମହାପାତ୍ର ୪୦ ବର୍ଷ ତଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ସମୟରେ କ୍ରିୟାନ୍ୱୟନ କରିଥିଲେ । ଓଡ଼ିଆ, ଭୂଗୋଳ, ଇତିହାସ, ନୃତତ୍ତ୍ୱ ବିଜ୍ଞାନ ବିଭାଗକୁ ଏକାଠି କରି ଗବେଷଣା ନିମନ୍ତେ ସାଉଥ୍ ଇଷ୍ଟ ଏସିଆନ ଷ୍ଟଡ଼ିଜ୍ ଆରମ୍ଭ କରିଥିଲେ । ତାଙ୍କର ବ୍ୟକ୍ତିତ୍ୱ, ଗବେଷଣା ଏବଂ ବିଚାରକୁ ଏକବିଂଶ ଶତାବ୍ଦୀରେ ପୁଣି ଥରେ ପୁର୍ନଜୀବିତ କରିବାର ସମୟ ଆସିଛି । ଏହି ଏଲ.କେ.ଏମ ସେଂଟରକୁ ଇଣ୍ଡିଆନ କାଉନସିଲ ଅଫ୍ ସୋସିଆଲ ସାଇନ୍ସ ରିସର୍ଚ୍ଚ ସହ ଯୋଡ଼ିବା ପାଇଁ ଯୋଜନା କରାଯିବ । ସର୍ବଭାରତୀୟ ଢ଼ାଞ୍ଚାରେ ଏହାକୁ ଉପରକୁ ନେବାକୁ ହେବ । ଆଗାମୀ ଦିନରେ ଏଲ.କେ.ଏମ ଲାଇବ୍ରେରୀ ଭାରତବର୍ଷର ଅଗ୍ରଣୀ ସମାଜ ବିଜ୍ଞାନ ଭିତ୍ତିକ ଲାଇବ୍ରେରୀ ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆମ ଓଡ଼ିଶାରେ ଗୋଟିଏ ପରମ୍ପରା ଅଛି । ତାହା ହେଉଛି ନିଜ ପାଇଁ ନୁହେଁ ବରଂ ଜାତି ପାଇଁ କିଛି କରିବା ଦରକାର । ଉତ୍କଳମଣ ପଣ୍ଡିତ ଗୋପବନ୍ଧୁ ଦାସ ବନ୍ୟା ସମୟରେ ଅସହାୟଙ୍କୁ ରିଲିଫ ଦେବା ପାଇଁ ଆଗେଇ ଆସିଥିଲେ । କଟକର ବାଇମୁଣ୍ଡି ମଧ୍ୟ ଏଭଳି ଜଣେ ବ୍ୟକ୍ତିବିଶେଷ ଥିଲେ । ଓଡ଼ିଶାରେ ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥୀ ପଟ୍ଟନାୟକ ବା ଦାସିଆ ଅଜା ରାଜ୍ୟ ଓ ଦେଶବାସୀଙ୍କ ପାଇଁ ସମର୍ପିତ ଥିଲେ । ଏହା ହିଁ ଓଡ଼ିଆ ସମାଜର ମୂଳ ଚରିତ୍ର ।

## ହାତୀ ଆକ୍ରମଣରେ ଗଲା ମହିଳାଙ୍କ ଜୀବନ

ବାରିପଦା, ୧୦/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅଂଚଳରେ ଥମୁନି ହାତୀ ଉପଦ୍ରବ। ହାତୀ ଆକ୍ରମଣରେ ଆଉଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାର ଖବର ମିଳିଛି। ସୂଚନାଯୋଗ୍ୟ ଯେ, ରାସଗୋବିନ୍ଦପୁର ବ୍ଲକ ଛାତନା ପଂଚାୟତ ଅନ୍ତର୍ଗତ ରାୟପାଳ ଗ୍ରାମର ଶଚୀନ୍ଦ୍ରରୁ ମୁର୍ମୁଙ୍କ ସ୍ତ୍ରୀ ମାୟା ମୁର୍ମୁ ଗୁରୁବାର ସକାଳ ୭ଟାରେ ନଳକୂପକୁ ପାଣି ନେବାକୁ ଆସିଥିଲେ । ପାଣି ନେବା ସମୟରେ ତାଙ୍କୁ ପଛ ପଟୁ ହାତୀ ଆକ୍ରମଣ କରିଥିଲା। ପାଟି ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ହାତୀଟି ଲୋକଙ୍କୁ ଦେଖି ଘଟଣାସ୍ଥଳରୁ ପଳାଇଥିଲା। କିନ୍ତୁ ସେତେବେଳକୁ ମାୟା ମୁର୍ମୁଙ୍କୁ ଗୁରୁତର କରିସାରିଥିଲା ହାତୀ। ସଙ୍ଗେ ସଙ୍ଗେ ବେତନଟୀ ରେଂଜର ଘନଶ୍ୟାମ ସିଂଙ୍କୁ ଏ ନେଇ ଖବର ଦେବା ପରେ ବନ ବିଭାଗ ଘଟଣାସ୍ଥଳରେ ପହଂଚି ଗୁରୁତର ମହିଳାଙ୍କୁ ବାରିପଦା ମେଡିକାଲକୁ ପଠାଇଥିଲେ। ମାତ୍ର ଡାକ୍ତରଖାନାରେ ଗୁରୁତର ମାୟା ମୁର୍ମୁଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ତେବେ ସଂପୃକ୍ତ ଅଂଚଳକୁ ହାତୀପଲ ପ୍ରବେଶ କରି ଉପଦ୍ରବ ଜାରି ରଖିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଲଦାଖକୁ ନେଇ ମୁହାଁମୁହିଁ ....

ଅସ୍ତ୍ରଶସ୍ତ୍ର ରଖିବା ଭଳି ବଡ ବଡ ଗୃହ ନିର୍ମାଣ କରୁଛି । କିନ୍ତୁ କେହି ବି ଏସମ୍ପର୍କରେ ପ୍ରଶ୍ନ ଉଠାନାହାଁନ୍ତି, କାହିଁକି ଚୀନ ଏଭଳି ଗୃହ ନିର୍ମାଣ କରୁଛି । ଲଦାଖକୁ ନେଇ ଆମେରିକା-ଚୀନ ମୁହାଁମୁହିଁ ହୋଇଥିବା ବେଳେ ଭାରତ କହିଛି, ଲଦାଖରେ ଚୀନର ଗତିବିଧି ଉପରେ ନଜର ରଖାଯାଇଛି । ଚୀନ ନିର୍ମାଣ କରୁଥିବା ଭିତିଭୂମି ସମେତ ଅନ୍ୟାନ୍ୟ କାର୍ଯ୍ୟକୁ ଭାରତ ସତର୍କତାର ପରିଚାଳନା କରୁଥିବା କହିଛନ୍ତି ଭାରତର ବୈଦେଶିକ ମୁଖପାତ୍ର ଅରିନ୍ଦମ ବାଗଚୀ । ନିଜର ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ପନ୍ଥା ଗ୍ରହଣ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଗତ କିଛି ବର୍ଷ ହେବ ଭାରତ ମଧ ଚୀନ ସୀମାନ୍ତ ଅଞ୍ଚଳରେ ଭିତିଭୂମି ଉପରେ ଗୁରୁତ୍ୱ ଦେଇଛି । କେବଳ ସୁରକ୍ଷା ନୁହେଁ ସେ ଅଞ୍ଚଳର ଆର୍ଥିକ ବିକାଶ କିପରି ହୋଇପାରିବ ସେନେଇ ବିଭିନ୍ନ ପଦକ୍ଷେପ ମଧ ଗ୍ରହଣ କରିଛି । ଗଲୱାନା ସଂଘର୍ଷ ପରେ ଗତବର୍ଷ ଦୁଇ ଦେଶ ମଧରେ ସୀମା ବିବାଦର ସମାଧାନ ପାଇଁ ଉଭୟ ସେନା ଏବଂ କୂଟନୈତିକସ୍ତରରେ ବହୁବାର ଆଲୋଚନା ହୋଇଛି । ଗତ ମେ ମାସରେ ମଧ ବରିଷ୍ଠ କମାଣ୍ଡରସ୍ତରରେ ସମାଧାନ ପାଇଁ କଥାବର୍ତ୍ତା ହୋଇଥିଲା । କିଛି ସ୍ଥାନରେ ଉଭୟ ଦେଶର ସେନା ପଛକୁ ହଟିଥିଲେ ବି ଏବେ କିଛି ସ୍ଥାନରେ ସେନା ପ୍ରତ୍ୟାହାର ହୋଇନାହିଁ ।

## ଲଗାତାର ବୃଦ୍ଧି ପାଉଛି କରୋନା....

ସଂକ୍ରମିତ ଚିହ୍ନଟ ହେଉଛନ୍ତି । ତେଣୁ ଏହି ୫ ରାଜ୍ୟକୁ ସଜାଗ ରହିବାକୁ ଚିଠି ଲେଖି କହିଛି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ । ଆଜି ସୁଦ୍ଧା ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪କୋଟି ୩୨ଲକ୍ଷ ୫ହଜାର ୧୦୬ ରହିଛି । ସେହିପରି ମୋଟ ମୃତ୍ୟୁ ସଂଖ୍ୟା ୫ଲକ୍ଷ ୨୪ ହଜାର ୭୪୭ରେ ପହଁଚିଛି । କରୋନାରୁ ସୁସ୍ଥ ହେଲେଣି ୪କୋଟି ୨୬ ଲକ୍ଷ ୪୪ ହଜାର ୯୨ଜଣ । ଦେଶରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ହେଉଛି ୩ଲକ୍ଷ ୬୨ ହଜାର ୬୭ । ଗୋଟେ ପଟେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ କରୋନା ଯୋଗୁଁ ମୃତ୍ୟୁ ମାମଲା ମଧ ବଢ଼ିବାରେ ଲାଗିଛି । ଦିନକରେ ୨୪ ଜଣଙ୍କ ଜୀବନ ନେଇଛି ମହାମାରୀ ମହାରାଷ୍ଟ୍ର, ଦିଲ୍ଲୀ, କେରଳ, କର୍ଣ୍ଣାଟକ ଓ ଉତରପ୍ରଦେଶରେ ଲଗାତାର ସଂକ୍ରମଣ ବୃଦ୍ଧି ପାଉଛି ।

## ଓଡ଼ିଶା-ଛତିଶଗଡ ସୀମାରେ....

ଟୋଲା ଗାଁର ଖକନ ଡାଲି ଓ ତାଙ୍କ ପୁଅ ବିପ୍ଲବ ଡାଲି ଏକ ସ୍କୁଟି ହୀରା ନେଇ ରାୟପୁର ଅଭିମୁଖେ ଯାଉଥିଲେ । ଛତିଶଗଡ଼ ଶୋଭା ପୋଲିସ ପକ୍ଷରୁ ଯାନବାହାନ ଯାଞ୍ଚ ଚାଲିଥିବା ବେଳେ ପୋଲିସକୁ ଦେଖି ଭୟରେ ବାପା ପୁଅ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପୋଲିସର ସ୍ୱତନ୍ତ୍ର ସ୍କାଡ଼ ସେମାନଙ୍କୁ ଧରିବା ସହ ହୀରା ଜବତ କରିଛି ।

## ସ୍ୱାମୀ ଉପରେ ଗରମ ତେଲ ଢାଳିବା ଘଟଣା, ପତ୍ନୀ ଗିରଫ

ଗଞ୍ଜାମ, ୧୦/୦୬ (ନି.ପ୍ର): ବ୍ରହ୍ମପୁର - ଦିଗପହଣ୍ଡି ଥାନା ଅନ୍ତର୍ଗତ ଗଣିଆନାଳ ଗ୍ରାମରେ ଏକ ସ୍ପର୍ଶକାତର ଘଟଣା ଘଟିଛି । ସ୍ତ୍ରୀର ଗରମ ତେଲରେ ସ୍ୱାମୀ ଜଳିପୋଡି ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଘଟଣାରେ ପତ୍ନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ । ପ୍ରାପ୍ତ ସୂଚନା ଅନୁଯାୟୀ, ସ୍ତ୍ରୀ ଲକ୍ଷ୍ମୀ ସାହୁଙ୍କ ଚରିତ୍ର ଉପରେ ସ୍ୱାମୀ ସଞ୍ଜୟ ସାହୁ(୪୦) ସନ୍ଦେହ କରୁଥିଲେ । ଯାହାକୁ ନେଇ ଘରେ ଅଶାନ୍ତି ଲାଗି ରହୁଥିବା ବେଳେ ଗତ ମଙ୍ଗଳବାର ରାତିରେ ଘର ଭିତରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ପତ୍ନୀ ଲକ୍ଷ୍ମୀ ସାହୁ(୩୭) ଚୁଲି ଉପରେ କଡ଼େଇରେ ବସିଥିବା ଗରମ ତେଲକୁ ସ୍ୱାମୀ ସଞ୍ଜୟ ଉପରେ ଢାଳିଦେବାରୁ ସଞ୍ଜୟ ଜୀବନ ବିକଳରେ ଚିତ୍କାର କରିଥିଲେ । ତାଙ୍କ ପାଟି ଶୁଣି ପରିବାର ଓ ପଡ଼ୋଶି ଆସି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତି କରିଥିଲେ । ପରେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ପରେ ସଞ୍ଜୟଙ୍କ ଚେତା ଫେରିଥିବା ଜଣାପଡିଛି । ତାଙ୍କର ୩ ଝିଅ ରହିଛନ୍ତି । ସଞ୍ଜୟଙ୍କ ମା ଗୁରୁବାର ଥାନାରେ ଏନେଇ ଅଭିଯୋଗ କରିବା ପରେ ଦିଗପହଣ୍ଡି ଥାନା ପୋଲିସ ଏ ସଂକ୍ରାନ୍ତରେ ୨୦୨/୨୨ ରେ ଏକ ମାମଲା ରୁଜୁ କରି ଲକ୍ଷ୍ମୀଙ୍କୁ ଗିରଫ କରି ଗତକାଲି କୋର୍ଟଚାଲାଣ କରିଥିବା ଥାନା ଏସଆଇ ବଳଭଦ୍ର ଗଣ୍ଡ ସୂଚନା ଦେଇଛନ୍ତି ।

## ବିଧାୟକଙ୍କ ଦ୍ୱାରା କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



ବସ୍ତା, ୧୦/୦୬ (ନି.ପ୍ର): ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ ଦରଡ଼ା ମୁଖ୍ୟ ରାସ୍ତା ପାଖ ରେ ବହୁ ଦିନରୁ ଅପେକ୍ଷା ପରେ ଆଜି ଏକ କଲ୍ୟାଣ ମଣ୍ଡପ ପୂର୍ଣ୍ଣାଙ୍ଗ ହୋଇ ଉଦ୍ଘାଟନ ହୋଇ ଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗ ଦେଇଶୁଭାରମ୍ଭ କରିଥିବାବେଳେ ପୂର୍ବତନ ଜିଲ୍ଲାପରିଷଦ ପ୍ରାର୍ଥୀ ପ୍ରଦୀପକୁମାର ବିଶ୍ୱାଳ, ଅବସର ପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ସାସମଲ ସମିତିସଭ୍ୟ ସୁବ୍ରତ ପଣ୍ଡା ସମେତ, ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରକାଶ ଥାଉକି ଦିର୍ଘଦିନଧରି ଏ ଅଞ୍ଚଳ ରେ କଲ୍ୟାଣ ମଣ୍ଡପ ଟିଏ ନଥିବାରୁ ଲୋକ ମାନେ ବିବାହ ବ୍ରତ ପାଇଁ ବହୁ ଅସୁବିଧା ସମ୍ମୁଖିନ ହେଉଥିଲେ । ତେବେ ଜନସାଧାରଣଙ୍କ ସମସ୍ୟା କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ କଲ୍ୟାଣ ମଣ୍ଡପ ପୂର୍ଣ୍ଣାଙ୍ଗିକରଣ ହୋଇଛି ବୋଲି ଜନସାଧାରଙ୍କ ମଧ୍ୟରେ ଆନନ୍ଦର ଲହରୀ ଦେଖାଦେଇଛି ।

## 'ମନା'ର ଷଷ୍ଠ ବାର୍ଷିକ ସମ୍ମିଳନୀର ସମୀକ୍ଷା ବୈଠକ




ବାଲେଶ୍ୱର,୧୦/୦୬ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ (ମନା)ର ଷଷ୍ଠ ବାର୍ଷିକ ସମ୍ମିଳନୀର ସମୀକ୍ଷା ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ନବନିଯୁକ୍ତ ବାଲେଶ୍ୱର ଜିଲାର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସହିତ ଅବକାରୀ ବିଭାଗ ସ୍ୱାଧୀନ ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ରଙ୍କୁ ସ୍ୱାଗତ କରାଯିବା ସଂଗେ ସଂଗେ ତାଙ୍କ ସହଯୋଗରେ ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ହୋଇପାରିବ ଓ ବାଲେଶ୍ୱର ଜିଲ୍ଲା ତାର ସୁନାମ ଫେରିପାଇବ ବୋଲି ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ଦୃଢ଼ ଆଶା ପ୍ରକଟ କରିଥିଲେ। ସାଧାରଣ ସଂପାଦିକା ମମତା ମହାପାତ୍ର ଗତ ବାର୍ଷିକ ସମ୍ମିଳନୀର ବିବରଣୀ ପାଠ କରିଥିଲେ। ପୂର୍ବବର୍ଷ ଭଳି ସ୍କୁଲ-କଲେଜରେ ନିଶା ବିରୋଧି ସଚେତନତା ଶିବର ଆରମ୍ଭ ପାଇଁ ସ୍ଥିର କରାଯାଇଛି। ଉପ-ସଭାପତି କୁମୁନ୍ଦ ରଞ୍ଜନ ଗିରି ଓ ଡ. କ୍ଷିତୀଶ୍ୱର ଦାଶ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ରମେଶଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଶାଙ୍କ ଶେଖର ଦତ୍ତ, ସରସ୍ୱତୀ ପଣ୍ଡା, କୃଷ୍ଣା ପ୍ରଧାନ, କମଳାକାନ୍ତ ଦାଶ ପ୍ରମୁଖ ଏହି ବୈଠକରେ ବକ୍ତବ୍ୟ ରଖିଥିଲେ। ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜାମ ଜିଲ୍ଲାରେ ରାଜନୈତିକ ହିଂସା ବଢୁଛି : ୬ ମାସ ମଧ୍ୟରେ ୧୨ ଜଣଙ୍କୁ ହତ୍ୟା

ଗଞ୍ଜାମ,୧୦/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ରାଜନୈତିକ ହିଂସା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗତ ୬ ମାସ ମଧ୍ୟରେ ଅର୍ଥାତ୍ ଜାନୁଆରୀ ମାସ ଠାରୁ ଏପର୍ଯ୍ୟନ୍ତ ରାଜନୈତିକ ତଥା ପୂର୍ବ ଶତ୍ରୁତା କାରଣରୁ ୧୨ ଜଣଙ୍କୁ ହତ୍ୟା କରାଯିବା ସହ ଶତାଧିକ ଆକ୍ରମଣର ଶିକାର ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ଅସାମାଜିକ ତତ୍ତ୍ୱ ଦମନ ପାଇଁ ଓ ଅଭିଯୁକ୍ତ ମାନଙ୍କୁ ଖୋଜି ଧରିବାକୁ ଜିଲାର ବିଭିନ୍ନ ଅଂଚଳରେ ପୋଲିସ ପକ୍ଷରୁ ଟିମ୍ ଗଠନ କରାଯାଇଛି ବୋଲି ଗଞ୍ଜାମ ଏସପି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି।

## ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପରିଦର୍ଶନ କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ମନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ସାହୁ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଖାରବେଳ ଭବନସ୍ଥିତ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପରିଦର୍ଶନ କରିଛନ୍ତି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ଶ୍ରମ କମିଶନର ତଥା ନିର୍ଦ୍ଦେଶକ, କଳକାରଖାନା ତଥା ବାଷ୍ପିତ ଡ. ଏନ୍. ତିରୁମାଲା ନାୟକ, କର୍ମଚାରୀ ରାଜ୍ୟବୀମା ନିର୍ଦ୍ଦେଶକ ଶ୍ରୀ ଜ୍ୟୋତିରଞ୍ଜନ ପ୍ରଧାନ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅରୁମୁଗମ୍ ମନ୍ତ୍ରୀ ଶ୍ରୀ ସାହୁଙ୍କୁ ବିଭାଗର କାର୍ଯ୍ୟକ୍ରମଗୁଡ଼ିକ ବାବଦରେ ଅବଗତ କରାଇଥିଲେ ଏବଂ ଅନ୍ୟାନ୍ୟ ପଦାଧିକାରୀମାନଙ୍କୁ ମନ୍ତ୍ରୀଙ୍କ ସହିତ ପରିଚିତ କରାଇଥିଲେ । ମନ୍ତ୍ରୀ ଶ୍ରୀ ସାହୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ବିଶଦ ଭାବରେ ଅବଗତ ହୋଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରବର୍ତ୍ତିତ ୫-'ଟି' ନୀତି ଅନୁସାରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଅଧିକାରୀ ତଥା କର୍ମଚାରୀବୃନ୍ଦ ନିଷ୍ଠା ତଥା ଆନ୍ତରିକତା ପ୍ରଦର୍ଶନ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଭାଗ ଅଧିକ କ୍ରିୟାଶୀଳ ଏବଂ ଶ୍ରମିକ କଲ୍ୟାଣକୈନ୍ଦ୍ରିକ ହେବ ବୋଲି ମନ୍ତ୍ରୀ ଶ୍ରୀ ସାହୁ ଆଶା ପ୍ରକଟ କରିଥିଲେ ।

## କେନ୍ଦୁଝର ରେ ପତ୍ନୀହନ୍ତା ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଚିତ ରଞ୍ଜନ ମହାପାତ୍ର ଶୁକ୍ରବାର ଦିନ ଏକ ହତ୍ୟା ମାମଲାର ଶୁଣାଣୀ କରି ଜଣେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଏବଂ ଜରିମାନା ଅନାଦେୟ ଆଉ ୧ ବର୍ଷ ଦଣ୍ଡାଦେଶ ଦେଇଛନ୍ତି । ଅଭିଯୁକ୍ତ ଜଣକ ହେଉଛନ୍ତି କାହ୍ନୁ ମାରାଣ୍ଡି ଏବଂ ତାଙ୍କର ଘର କେନ୍ଦୁଝର ଜିଲ୍ଲା ର ପଣ୍ଡାପଡା ଥାନା ଅନ୍ତର୍ଗତ ଜୁଙ୍ଗା ମାଝୀ ସାହି ବୋଲି ଜଣାପଡିଛି । ଘଟଣାଟି ୨୦୧୯ ମସିହା ଜାନୁୟାରୀ ୨୨ ତାରିଖ ର । ସହିଦିନ ସଂନ୍ଧ୍ୟା ପ୍ରାୟ ୭ ଟା ସମୟରେ ଘଟିଥିଲା । ସେଦିନ ଦ୍ୱିତୀୟ ବିବାହ କୁ କେନ୍ଦ୍ର କରି କାହ୍ନୁ ମାରାଣ୍ଡିଙ୍କର ତାଙ୍କ ସ୍ତ୍ରୀ ମଧରେ ବଚସା ଓ ପରେ ପରେ ଗଣ୍ଡଗୋଳ ହୋଇଥିଲା । ଏଥିରେ କାହ୍ନୁ ହଠାତ ଉତ୍ୟକ୍ତ ହୋଇପଡିଥିଲା ଏବଂ ତାଙ୍କ ସ୍ତ୍ରୀ ୩୯ ବର୍ଷିୟା ମଞ୍ଜୁରୀ ମାରାଣ୍ଡି ଙ୍କର ଗଳା ଚିପି ହତ୍ୟା କରିଥିଲା । ଏହି ଘଟଣାକୁ ନେଇ ପରଦିନ ପଣ୍ଡାପଡା ଥାନାରେ ମୃତକ ର ମା' ଶ୍ରୀମତୀ ମହାରଣା ପଣ୍ଡାପଡା ଥାନାରେ ଏତଲା ଦେବା ପରେ ପୋଲିସ କେସ ନଂ ୭/୨୦୧୯ ରେ ୪୯୮ (କ), ୪୯୪,୩୦୨ ଆଇପିସିରେ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରେ ପହଂଚି ଘର ଭିତରୁ ମଞ୍ଜୁରୀ ମାରାଣ୍ଡିଙ୍କ ମୃତ ଦେହ ଉଦ୍ଧାର କରିଥିଲା । ପୋଲିସ ଅଭିଯୁକ୍ତ କାହ୍ନୁ ମାରାଣ୍ଡି ( ୫୦) ଙ୍କୁ ୨୩/୦୧/୨୦୧୯ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୭ ଜଣ ସାକ୍ଷୀ ଓ ବୟାନ କୁ ଭିତି କରି ଓ ପୋଲିସ ରିପୋର୍ଟ କୁ ଆଧାର କରି ଆଜି କୋର୍ଟ କାହ୍ନୁ ଙ୍କୁ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି । ଏବଂ ଜୋରିମାନା ଅନାଦେୟ ଆଉ ୧ ବର୍ଷ ଅଧିକ ଜେଲ ଦଣ୍ଡ ଶୁଣାଇଛନ୍ତି । ଏହି ମାମଲା କୁ ପବ୍ଲିକ ପ୍ରୋସିକ୍ୟୁଟର ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

## ମାରୱାଡ଼ି ମହିଳା ସମିତି ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା

ବାଲେଶ୍ୱର,୧୦/୦୬ (ନି.ପ୍ର): ପରିବେଶ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଅନୁବନ୍ଧିତ ବାଲେଶ୍ୱର ମାରୱାଡି ମହିଳା ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଲକି ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପରିବେଶ ସୁରକ୍ଷା ସମ୍ପର୍କିତ ପ୍ରଦର୍ଶନୀକୁ ମାରୱାଡ଼ି ମହିଳା ସମ୍ମେଳନର ଉତ୍କଳ ପ୍ରାଦେଶିକ ସଭାନେତ୍ରୀ ଚନ୍ଦା ସନ୍ତୁକା ଓ ପ୍ରାଦେଶିକ ସଚିବ ପ୍ରତିଭା ଜୈନ ବରେଣ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ । ପରିବେଶ ସୁରକ୍ଷା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ହୋଇଥିବା ବେଳେ ଏଥି ନିମନ୍ତେ ମାରୱାଡ଼ି ମହିଳା ସମିତି ଭଳି ସବୁ ମହଲରୁ ଉଦ୍ୟମ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ମାରୱାଡ଼ି ମହିଳା ସମ୍ମେଳନର ନିର୍ବାଚିତ ରାଷ୍ଟ୍ରୀୟ ସଭାନେତ୍ରୀ ଅଞ୍ଜୁ ସରାୱଗୀ ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ଉଦ୍ୟମ ପ୍ରଥମେ ନିଜ ଘର ପରିବାରରୁ ଆରମ୍ଭ ପାଇଁ ଆହ୍ୱାନ ଦେଇଥିଲେ। ପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମାରୱାଡି ମହିଳା ସମିତି ସଭାନେତ୍ରୀ ପ୍ରିୟା ଅଗ୍ରୱାଲ ପୌରୋହିତ୍ୟ କରିଥିଲେ। ସମ୍ପାଦିକା ସୋନାଲ ମୋଦୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଓ ଦର୍ଶନା ସରାଓଗୀ ବିବରଣୀ ଉପସ୍ଥାପନ କରିଥିଲେ । ମହିଳା ସମିତିର କ୍ଷେତ୍ରୀୟ ମୁଖ୍ୟ ନିଶା ମୋଦୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୁସୁମ ଦେବୀ ଏବଂ ଚାମେଲି ଦେବୀଙ୍କ ଚକ୍ଷୁଦାନ ପାଇଁ ସେମାନଙ୍କ ପରିବାରକୁ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା। ଗଙ୍ଗା ଦଶହରା ଉତ୍ସବ ଅବସରରେ ମହିଳା ସମିତିର ସଦସ୍ୟାଙ୍କ ଦ୍ୱାରା ପାଣି ବଞ୍ଚାଓ ନୃତ୍ୟ ପରିବେଷଣ ସହ ଅତିଥିମାନଙ୍କୁ ପରିବେଶ କିଟ୍ ପ୍ରଦାନ କରଯାଇଥିଲା ।

## ଫିଟ ଇଣ୍ଡିଆ ଫ୍ରିଡମ ସାଇକେଲ ରାଲି




ଭଦ୍ରକ,୧୦/୦୬ (ନି.ପ୍ର): ଭଦ୍ରକ ଇଛାପୁରସ୍ଥିତ ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲ ପରିସରରେ ଫିଟ ଇଣ୍ଡିଆ ସଫ୍ରିଡମ ।ଇକେଲ ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଋତୁପର୍ଣ୍ଣା ସାହୁ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନିଜେ ସାଇକେଲ ଶୋଭାଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ଶାରିରୀକ ପ୍ରମୁଖ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱବଧାନରେ ପାଳିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ପୁଲିସ ସହାୟତାରେ ୭ କିଲୋମିଟର ପରିକ୍ରମା କରି କରି ବିଦ୍ୟାଳୟ ଫେରିଥିଲେ। ନିଜେ ସୁସ୍ଥ ରହିବା ସହ ସମାଜ ଓ ପରିବେଶ ସୁସ୍ଥ ରଖିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଚିତ୍ରାନନ୍ଦ ନାଥ, ଭାଗବତ ପାଢ଼ୀ, ନରୋତ୍ତମ ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟର ଛାତ୍ର ଅଂଶୁମାନ ଖୁଣ୍ଟିଆ, ଅଂଶୁମାନ ସେନାପତି, ଅଭିଷେକ ସ୍ୱାଇଁ, ବନଜ ତ୍ରିପାଠୀ ପ୍ରମୁଖ ଫିଟ ଇଣ୍ଡିଆ ଫ୍ରିଡମ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, ସମସ୍ତ ବିଦ୍ୟାର୍ଥୀ ଓ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବାରବାଟୀ ମ୍ୟାଚ୍ ପାଇଁ ଓଡ଼ିଶା ଆସିବେ ସୌରଭ ଗାଙ୍ଗୁଲି

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡର ସଭାପତି ତଥା ପୂର୍ବତନ କ୍ରିକେଟର ସୌରଭ ଗାଙ୍ଗୁଲୀ ଆସନ୍ତା ୧୨ ତାରିଖ ଦିନ କଟକ ଆସିବେ । ସେ ବାରବାଟୀ ଷ୍ଟାଡିୟମ ଆସିବେ ବୋଲି ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ସୂଚନା ଦିଆ ଯାଇଛି । ୧୨ରେ ବାରବାଟୀରେ ଭାରତ-ଦ.ଆଫ୍ରିକା ୨ୟ ଟି-ଟ୍ୱେଂଟି ମ୍ୟାଚ୍ ଖେଳାଯିବ । ଏଥିପାଇଁ ଦୁଇ ଦଳର ଖେଳାଳିମାନେ ଭୁବନେଶ୍ୱରରେ ପହଂଚି ସାରିଛନ୍ତି।

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୀଳଗିରି, ୧୦/୦୬ (ନି.ପ୍ର): ଶୁକ୍ରବାର ପୂର୍ବାହ୍ନ ୯ଘଟିକା ସମୟରେ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀଙ୍କ ଅଧ୍ୟକ୍ଷତାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ ନାୟକ, ଏନ.ଏ.ସି. ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ, ପଂଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ତହସିଲଦାର ଅଶେଷ କୁମାର ନାୟକ, ଏସ.ଡି.ପି.ଓ. ରୀତେଶ ମହାପାତ୍ର, ଏ.ଆର.ଟି.ଓ. ବାଲେଶ୍ୱର ପି.କେ. ଭଟ, ଏସ.ଡି.ଏମ.ଓ. ସରୋଜିନୀ ପ୍ରଧାନ, ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗୀୟ ପଦାଧିକାରୀ , ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଗତ ୨ବର୍ଷ କରୋନା ପ୍ରଭାବରେ ରଥଯାତ୍ରା ହୋଇ ପାରି ନ ଥିବାରୁ ଚଳିତବର୍ଷ ରଥଯାତ୍ରାକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ତୁଲାଇବା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ପ୍ରଥମ ଜଗନ୍ନାଥ ମହାପ୍ରଭୁ ଓ ସେବକ ହରିବନ୍ଧୁ କର ଙ୍କ ଶ୍ଳୋକ ଗାନ ପରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଉପସ୍ଥିତ ସମସ୍ତ ସଦସ୍ୟ / ସଦସ୍ୟାଙ୍କୁ ସ୍ୱାଗତ କରାଯିବା ପରେ ଅଧକ୍ଷ ଶ୍ରୀ ସେଠୀ ବିବରଣୀକୁ ବିଷୟରେ ଆଲୋଚନା କରିଥିଲେ । ବିଶେଷତଃ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ, ରଥ ଉପରେ ଉପସ୍ଥିତ ବ୍ୟକ୍ତିବିଶେଷ, ପ୍ରବଚକ, ଆଇନଶୃଙ୍ଖଳା, ପାନୀୟ ଜଳ, ପରିମଳ, ଡ୍ରେନେଜ୍, ବିଦ୍ୟୁତ୍, ଅବକାରୀ, ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର, ଯାନବାହନ ନିୟନ୍ତ୍ରଣ, ମନୋରଂଜନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା । ସର୍ବଶେଷରେ ତହସିଲଦାର ଶ୍ରୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK.**

ee_rwbdk2@yahoo.co.in

**"e" Procurement Notice for Road Works**

**1st Corrigendum to Identification Online Tender 01/RWD-II / 2022-23, Dt.18.05.2022**

Due to some unavoidable circumanstance the availability of Tender on-line for bidding from 08.06.2022 at 3.00 PM to 17.06.2022 up to 4.00PM is hereby canceled & following changes has been made.

| Procurement Officer | Bid Identificati on No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid (Single cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer,R.W Division-II, Bhadrak | 01 | 22.06.2022 at 3.00 P.M. | 29.06.2022 up to 4.00 P.M | 28.06.2022 up to 3.00 P.M | 30.06.2022 at 11.00 A.M |

**1. Other conditions are remain same**

OIPR : 25090/11/0002/2223

**Superintending Engineer**
**R.W. Division-II, Bhadrak**

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଇ-ପଂଜୀକରଣ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ତଥା ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାରଙ୍କ ତରଫରୁ ହସ୍ପିଟାଲ ମ୍ୟାନେଜ୍‌ମେଂଟ ଇନ୍‌ଫରମେସନ୍ ସିଷ୍ଟମ୍ ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ସ୍ୱୀକୃତିପ୍ରାପ୍ତ ସଂସ୍ଥା ସେଂଟର ଫର ଡେଭଲପ୍‌ମେଂଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ ସି-ଡାକ୍ ସହ ଏକ ଚୁକ୍ତି ହୋଇଥିଲା । ଏହାର ଫଳ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ କଟକ, କ୍ୟାପିଟାଲ୍ ହସ୍ପିଟାଲ୍ ଭୁବନେଶ୍ୱର, ଆଚାର୍ଯ୍ୟ ହରିହର ଉପାଧ୍ୟୁତ୍ତର କର୍କଟ ପ୍ରତିଷ୍ଠାନ ଓ ସର୍ଦ୍ଦାର ବଲ୍ଲଭଭାଇ ଶିଶୁ ଚିକିତ୍ସା ଉପାଧ୍ୟୁତ୍ତର ପ୍ରତିଷ୍ଠାନ (ଶିଶୁ ଭବନ), କଟକଠାରେ ପାଇଲଟ୍ ପ୍ରୋଜେକ୍‌ଟ ଭାବେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ଏହାର ସଫଳ ରୂପାୟନ ପରେ ରାଜ୍ୟର ୩୧ ଡିଏଚ୍‌ଏଚ୍‌ଏସ୍, ୧୧ ଏମ୍‌ସିଏଚ୍‌ଏସ୍ ଓ ୧୦୬ ୟୁପିଏଚ୍‌ସିଏସ୍‌ଠାରେ ଏହି କଷ୍ଟୋମାଇଜଡ୍ ହସ୍ପିଟାଲ ମ୍ୟାନେଜ୍‌ମେଂଟ ଇନ୍‌ଫରମେସନ୍ ସିଷ୍ଟମ୍ ଲାଗୁ କରାଯିବ । ଆଜି ଏଥି ପାଇଁ ରାଜ୍ୟ ସରକାର ଓ ସି-ଡାକ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ଓ ସି-ଡାକ୍ ପକ୍ଷରୁ ଶ୍ରୀ ରାଜୀବ ଯାଦବ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଏହା ଦ୍ୱାରା ରାଜ୍ୟର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବା କ୍ଷେତ୍ରରେ ଉପକୃତ ହୋଇପାରିବେ । ଏହା ମାଧ୍ୟମରେ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ସହ ଓପିଡ଼ି ପାଇଁ ରେଜିଷ୍ଟ୍ରେସନ୍ କରାଯାଇପାରିବ । ସାଧାରଣ ଲୋକଟିଏ ଆଉ ଧାଡ଼ିରେ ଠିଆ ନହୋଇ ଘରେ ବସି ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଡାକ୍ତରଙ୍କଠାରୁ ଆପଏଂଟମେଂଟ ନେଇପାରିବ । ଏହା ମାଧ୍ୟମରେ ଇଲେକ୍‌ଟ୍ରୋନିକ୍ ହେଲ୍‌ଥ ରେକର୍ଡ ସାଇଟି ରଖାଯାଇପାରିବା ସହ ବିଭିନ୍ନ ନିଦାନର ରିପୋର୍ଟ ମଧ୍ୟ ମିଳିପାରିବ । ସି-ଡାକ୍ ପକ୍ଷରୁ ସଫ୍‌ଟୱେୟାର ଯୋଗାଇ ଦିଆଯିବାବେଳେ ଓକାକ୍ ପକ୍ଷରୁ ହାଡ୍‌ୱେୟାର ବ୍ୟବସ୍ଥା କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ।

## ଅଲ ଓଡ଼ିଶା ଓପନ ଚେସ ପ୍ରତିଯୋଗିତା ଉଦଘାଟିତ



ବାଲେଶ୍ୱର,୧୦/୦୬ (ନି.ପ୍ର): 'ବାଲେଶ୍ୱର ଷ୍ଟେସନ କ୍ଲବ' ଓ 'ଜିଲା ଚେସ ଆସୋସିଏସନ'ର ମିଳିତ ସହଯୋଗରେ ଅଲ ଓଡ଼ିଶା ଓପନ ଚେସ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ। ଆୟୋଜକଙ୍କୁ ସାଧୁବାଦ ଜଣାଇବା ସହ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତେବେ ଏହିଭଳି ପ୍ରତିଯୋଗିତାରେ ଅଧିକରୁ ଅଧିକ ଚେସ ଖେଳାଳିଙ୍କ ଅଂଶଗ୍ରହଣ ପାଇଁ ଜିଲାରେ ନିୟମିତ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ଜିଲାପାଳ ଆୟୋଜକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଷ୍ଟେସନ କ୍ଲବ ସଭାପତି ଗିରିଜା ଶଙ୍କର ଦାସ, ଉପ-ସଭାପତି ଯୋଗେଶ ମହାନ୍ତି, ସମ୍ପାଦକ ରଞ୍ଜିତ ବିହାରୀ ଦାଶ, ସହ-ସମ୍ପାଦକ ବିଷ୍ଣୁ ମୋହନ ଧଳଙ୍କ ସମେତ ଜିଲ୍ଲା ଚେସ ଆସୋସିଏସନର ସମ୍ପାଦକ ମନୋରଞ୍ଜନ ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା, ଜାତୀୟସ୍ତରୀୟ ଚେସ ଖେଳାଳି ଦେବାଶିଷ ଚକ୍ରବର୍ତ୍ତୀ ପ୍ରମୁଖ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଐଶର୍ଯ୍ୟ ସେନାପତି ଉଦଘାଟନୀ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବାଲେଶ୍ୱର ସମେତ କଟକ, ଭୁବନେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ପ୍ରଭୃତି ଜିଲାରୁ ମୋଟ ୬୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଖେଳାଳିଙ୍କୁ ୭ ରାଉଣ୍ଡ ଲେଖାଏଁ ଖେଳିବା ପାଇଁ ସୁଯୋଗ ପ୍ରଦାନ କରାଯିବ। ଉଦଯାପନ ଦିବସରେ ମୋଟ ୨୮ ଜଣ ଖେଳାଳିଙ୍କୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ପୁରସ୍କାର ଦିଆଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ବୈଠକ




ଭଦ୍ରକ, ୧୦/୦୬ (ନି.ପ୍ର): ୨୦୨୪ ମସିହା ସୁଦ୍ଧା ଓଡ଼ିଶାକୁ ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ଭାବେ ଘୋଷଣା କରାଯିବା ନେଇ ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ତରଫରୁ ସେ ଦିଗରେ ତତ୍ପରତା ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁଦର୍ଶନ ବାରିକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଚାଇଲଡ୍ ଲାଇନ୍ ନିର୍ଦ୍ଦେଶିକା ସୋଫିଆ ସେକ୍, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଏ.ଡ଼ି.ଏମ୍.ଓ. ଡା.ଏସ୍.କେ ପୃଷ୍ଟି ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଶିଶୁ ଶ୍ରମିକ ନିଷେଧ ଆଇନ୍ ଅନୁଯାୟୀ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁକୁ କୌଣସି ମାଲିକ କି ନିଜ ପରିବାର କୌଣସି ପ୍ରକାର ଶ୍ରମରେ ନିଯୁକ୍ତ କରିପାରିବେ ନାହିଁ । ୧୪ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୮ ବର୍ଷରୁ କମ୍ ବୟସର କିଶୋର ମାନେ ଜୀବନ ପ୍ରତି ବିପଦ ସଙ୍କୁଳ ନ ଥିବା ଶ୍ରମରେ ନିୟୋଜିତ ହୋଇପାରିବେ। ମାତ୍ର ଏବେ ବି ଇଟାଭାଟି, ନିର୍ମାଣ କାର୍ଯ୍ୟ, ଢ଼ାବା, ଦୋକାନ, ହୋଟେଲ, ଗ୍ୟାରେଜ୍ ଆଦି ଜାଗାରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଘଟଣାକୁ ଟାସ୍କଫୋର୍ସ ଦ୍ୱାରା ଚଢ଼ଉରେ ଉଦ୍ଧାରକାର୍ଯ୍ୟ ପ୍ରମାଣିତ କରୁଛି। କେବଳ ଧରପଗଡ଼ ଦ୍ୱାରା ଯେ ଶିଶୁ ଶ୍ରମିକ ପ୍ରଥାର ବିଲୋପ ହୋଇପାରିବ ତାହା ନୁହେଁ ବରଂ ଶିଶୁ ଶ୍ରମିକ ହେବାର ମୂଳକାରଣର ପ୍ରତିକାର ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଦାରିଦ୍ର୍ୟତା ହିଁ ଶିଶୁ ଶ୍ରମିକର ମୂଳକାରଣ ବୋଲି ବୈଠକର ମତ ପ୍ରକାଶ ପାଇଥିଲା। ଅଧାରୁ ପାଠ ଛାଡୁଥିବା ପିଲାମାନେ ହିଁ ଶିଶୁ ଶ୍ରମିକ ହେଉଛନ୍ତି। ପିତାମାତା, ଅଭିଭାବକ ମାନଙ୍କ ଠାରେ ଶିକ୍ଷା ସଚେତନତାର ଅଭାବ ଯୋଗୁଁ ମଧ ଅନେକ ପିଲା ଶ୍ରମିକ ହେଉଛନ୍ତି। ନିଶାସକ୍ତ କାରଣ ଯୋଗୁଁ ମଧ କେତେକ ପିଲା ଶିଶୁ ଶ୍ରମିକ ହେଉଛନ୍ତି। ଶିଶୁମାନେ ହିଁ ସମାଜର ଭବିଷ୍ୟତ, ସେମାନଙ୍କୁ ଏପରି ଅବାଟରେ ଯିବାକୁ ଛାଡ଼ି ଦିଆଗଲେ ସମାଜର ପ୍ରଭୁତ କ୍ଷତି ସାଧନ ହେବ। ଶିଶୁ ଶ୍ରମିକ ମୁକ୍ତ ଭଦ୍ରକ ପାଇଁ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ମଙ୍ଗଳ କମିଟି, ଚାଇଲଡ୍ ଲାଇନ୍ ଆଦିଙ୍କ ସାମୂହିକ ଉଦ୍ୟମ ଓ ସମନ୍ୱୟର ଆବଶ୍ୟକ ଅଛି। ଅତଏବ ଧରପଗଡ଼, ସଚେତନତା, ଶିଶୁ ଶ୍ରମିକ ହେଉଥିବା ଆର୍ଥିକ ଅନଗ୍ରସର ପରିବାର ଗୁଡ଼ିକୁ ଚିହ୍ନଟ କରାଯିବା, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି ଶିକ୍ଷାକ୍ଷେତ୍ରକୁ ଫେରାଇ ଆଣିବା ଦିଗରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ଶିଶୁ ଶ୍ରମିକ ମାନଙ୍କୁ ନିଯୁକ୍ତି ଦେଉଥିବା ମାଲିକ ମାନଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ରହୁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ କାର୍ଟୁନଚିତ୍ର, ପୋଷ୍ଟର, ପଥପ୍ରାନ୍ତ ନାଟକ ଆଦି ପାଇଁ ଶ୍ରୀଯୁକ୍ତ ବାରିକ ମତ ଦେଇଥିଲେ। ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କୁ ଶ୍ରେଣୀ ଗୃହରେ ଏ ବାବଦ ୧୦ରୁ ୧୫ ମିନିଟ୍ ନୈତିକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନେବାପାଇଁ ଅତିରିକ୍ତ ଜିଲ୍ଲାପାଳ ବି.ଇ.ଓ. ଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ସ୍କୁଲରେ ମାଗଣାରେ ନାମଲେଖା, ବହିପତ୍ର ସୁବିଧା ଉପଲବଧ୍ ହେବା, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କପାଇଁ ମାଗଣାରେ ଥିବା ହଷ୍ଟେଲ ବ୍ୟବସ୍ଥା ଆଦି ସମ୍ବନ୍ଧରେ ମଧ ବୈଠକରେ ସୂଚନା ଦିଆଯାଇଥିଲା। ଶିଶୁ ଶ୍ରମିକ ନିଷେଧ ସଚେତନତା ଉଦ୍ଦେଶ୍ୟରେ ଗତ ମଇ ୩୧ ତାରିଖ ଦିନ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯିବା ସହିତ ତା.୪.୬.୨୦୨୨ ରିଖରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାର ଆୟୋଜନ କରାଯାଇଥିଲା।

## ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ




ବାରିପଦା, ୧୦/୦୬ (ନି.ପ୍ର): ଶିଶୁ ଶ୍ରମୀକ ମୁକ୍ତ ସମାଜ ଗଠନ ପାଇଁ ସରକାର ବିଭିନ୍ନ ଯୋଜନା ଓ ଆଇନ ପ୍ରଣୟନ କରୁଥିଲେ ମଧ ଜନସଚେତନତା ଅଭାବରୁ ଏବେବି ଅନେକ ଶିଶୁ ଶ୍ରମୀକ କାର୍ଯ୍ୟ କରୁଥିବାର ଦେଖା ଯାଉଛି । ତେବେ ଆଜି ସକାଳ ୮ ଘଟିକା ସମୟରେ ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶିଶୁଶ୍ରମୀକ ନିରୋଧ ଆଇନ ବାବଦରେ ଜନସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାକୁ ମୟୂରଭଞ୍ଜ ଜିଲ୍ଲାର ଅତିତିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଚାରୁ ବଳ ସବୁଜ ପାତାକା ଦେଖାଇ ଉଦଘାଟନ କରିଥିବା ବେଳେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଜିଲ୍ଲା ଶ୍ରମ ଅଧିକାରିଣୀ ମୋନାଲିସା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ଶିକ୍ଷାଧିକାରୀ ପ୍ରୋଦୋଶ କୁମାର ନାୟକ, ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଶିଶୁ ଶ୍ରମୀକ ଏକ ସାମାଜିକ ବ୍ୟାଧୀ ଏହାର ଦୂରୀକରଣ ପାଇଁ ସମସ୍ତେ ସଚେତନ ହେବା ଦରକାର ବୋଲି କହିଥିଲେ । ବିଭିନ୍ନ ସାମାଜିକ ସଂଗଠନର ସ୍ୱେଚ୍ଛାସେବୀ, ବିଭିନ୍ନ ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ଜନସଚେତନତା ସୃଷ୍ଟି କରିଥିଲେ ।

## ଗୋଟିଏ ଦିନରେ ୨୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୫୯୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୨୮୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୨ ଜଣ ସଂଗରୋଧରୁ ଓ ୮ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୨, କଳାହାଣ୍ଡି ଜିଲ୍ଲାରୁ ୧. ଖୋର୍ଦ୍ଧା ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରୁ ୧ ସୁନ୍ଦରଗଡ ଜିଲ୍ଲା ୨ ତଥା ଷ୍ଟେଟ ପୁଲରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୫ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବାରବାଟୀ ମ୍ୟାଚ୍ ପାଇଁ ସ୍ୱତନ୍ତ୍ର ମୋ ବସ୍ ବ୍ୟବସ୍ଥା

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଆଗାମୀ ୧୨ ତାରିଖ ଦିନ କଟକର ବାରବାଟୀ- ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ ମ୍ୟାଚ ପାଇଁ ଦର୍ଶକଙ୍କ ଯିବା ଆସିବା ନିମନ୍ତେ ସ୍ୱତନ୍ତ୍ର ମୋ ବସ୍ ସେବାର ବ୍ୟବସ୍ଥା କରାଯାଇଛି । ଏହି ସ୍ୱତନ୍ତ୍ର ବସର ଭଡା ୪୦ ଟଙ୍କା ରଖା ଯାଇଛି। ଦୁଇଟି ରୁଟରେ ଏହି ବସ ଚାଲିବ ବୋଲି କ୍ୟାପିଟାଲ ରିଜୟନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଥମ ରୁଟରେ ବସ ମାଷ୍ଟରକ୍ୟାଂଟିନରୁ ଭାୟା ରସୁଲଗଡ ଦେଇ ବାରବାଟୀ ଷ୍ଟାଡିୟମ ଯିବ । ଦ୍ୱିତୀୟ ରୁଟରେ ବରମୁଣ୍ଡା ବସଷ୍ଟାଣ୍ଡରୁ ଭାୟା ପଟିଆ ଦେଇ ବାରବାଟୀ ଷ୍ଟାଡିୟମ ଯିବ ମୋ ବସ୍ । ଏହି ସ୍ୱତନ୍ତ୍ର ବସର ଭଡା ୪୦ ଟଙ୍କା ରଖାଯାଇଛି । ମ୍ୟାଚ୍ ସନ୍ଧ୍ୟା ୭ଟାରୁ ୧୧ଟା ମଧ୍ୟରେ ଖେଳାଯିବାକୁ ଥିବା ବେଳେ ବରମୁଣ୍ଡା ବସଷ୍ଟାଣ୍ଡ ଏବଂ ମାଷ୍ଟର କ୍ୟାଂଟିନରୁ ମଧ୍ୟାହ୍ନ ୧୨ଟା୩୦ ରୁ ଷ୍ଟାଡିୟମ ପର୍ଯ୍ୟନ୍ତ ସ୍ୱତନ୍ତ୍ର ମୋ ବସ୍ ଉପରୋକ୍ତ ଦୁଇଟି ରୁଟ୍‌ରେ ଚଳାଚଳ କରିବ। ସେହିପରି ମ୍ୟାଚ୍ ସରିବା ପରେ ରାତି ୧୧ଟା ୩୦ରୁ ଦର୍ଶକଙ୍କୁ ନେଇ ମୋ ବସ୍ ଷ୍ଟାଡିୟମରୁ ବରମୁଣ୍ଡା ବସଷ୍ଟାଣ୍ଡ ଏବଂ ମାଷ୍ଟର କ୍ୟାଂଟିନ ଅଭିମୁଖେ ଯାତ୍ରା କରିବ।

## ଭଦ୍ରକ ବିଜେପି ଯୁବମୋର୍ଚ୍ଚା ଜିଲ୍ଲା କମିଟି ଘୋଷିତ



ଭଦ୍ରକ,୧୦/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ଜିଲ୍ଲା କମିଟି ଘୋଷିତ ହୋଇଛି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲ୍ଲା ସଭାପତି ହେମନ୍ତ କୁମାର ପାଢ଼ୀଙ୍କ ଅନୁମୋଦନକ୍ରମେ ଏହି କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷିତ ହୋଇଛି । ଏଥିରେ ଜିଲ୍ଲା ପଦାଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ସଂଯୋଜକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଓ ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ପଦପଦବୀ ଯୁବମୋର୍ଚ୍ଚାର ସଂଗଠନକୁ ସୁଦୃଢ଼ କରିବା ସହ ଦଳକୁ ତୃଣମୂଳସ୍ତରରୁ ମଜବୁତ୍ କରିବ ବୋଲି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ୍ ମତବ୍ୟକ୍ତ କରିଛନ୍ତି। ନବ ଗଠିତ କମିଟିରେ ୪ଜଣ ଉପସଭାପତି, ୨ଜଣ ସାଧାରଣ ସଂପାଦକ ଓ ୬ଜଣ ସଂପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଜଣେ କୋଷାଧକ୍ଷ ଭାବେ ମନୋନୀତ ହୋଇଥିବାବେଳେ, ୨୦ଜଣଙ୍କୁ ଜିଲ୍ଲା କାର୍ଯ୍ୟକାରିଣୀ କମିଟି, ବିଭିନ୍ନ ବିଭାଗ ସଂଯୋଜକ ଭାବେ ୧୮ଜଣ ଓ ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟ ଭାବେ ୧୧ଜଣଙ୍କୁ କମିଟିରେ ସ୍ଥାନ ଦିଆଯାଇଛି। ଗିତୀକା ମହାପାତ୍ର, ସଚିନ ଆଚାର୍ଯ୍ୟ, କାହ୍ନୁ ଶତପଥୀ, ଜିତେନ୍ଦ୍ର ନାୟକ ଉପସଭାପତି ଭାବେ ମୋନୋନୀତ ହୋଇଛନ୍ତି। ସେହିପରି ସନ୍ଦିପ କୁମାର ନାୟକ ଓ ସୁଶାନ୍ତ ସେଠୀ ସାଧାରଣ ସଂପାଦକ ଭାବେ ମନୋନୀତ ହୋଇଛନ୍ତି। ସଂପାଦକ ଭାବେ ତପନ କୁମାର ପାତ୍ର, ଅନିଲ ଘଢ଼େଇ, ଲରେନ୍ସ ବେହେରା, କିଶୋର ସ୍ୱାଇଁ, ସ୍ମୃତିରଂଜନ ନାୟକ, ସତ୍ୟରଂଜନ ମିଶ୍ର ମନୋନୀତ ହୋଇଥିବାବେଳେ, ସୌମ୍ୟ ରଂଜନ ସାହୁ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ଭାରତ-ଦ.ଆଫ୍ରିକା ବାରବାଟୀ ମ୍ୟାଚ୍‌ରେ ମୁତୟନ ହେବେ ୬୨ ପ୍ଲାଟୁନ୍ ପୁଲିସ : କମିସନରେଟ ପୁଲିସ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ବାରବାଟୀ ଟି-୨୦ ମ୍ୟାଚ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମ୍ୟାଚ ପାଇଁ ୬୨ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ବାରବାଟୀ ଷ୍ଟାଡିୟମରେ ସୁରକ୍ଷା ଯାଂଚ ପରେ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ସୂଚନା ଦେଇଛନ୍ତି । ସେ ସୂଚନା ଦେଇ କହିଛନ୍ତି ଯେ ମ୍ୟାଚର ସୁରକ୍ଷା ପାଇଁ ୪ ଡିସିପି, ୭ ଅତିରିକ୍ତ ଡିସିପି, ୨ ଶହ ଅଫିସର ଦାୟିତ୍ୱରେ ରହିବେ। ସ୍ପେଶାଲ ଟାକ୍ଟିକାଲ ଟିମ୍ ସହ ୪ କୁଇକ୍ ଆକ୍ସନ ଟିମ୍ ମଧ ମୁତୟନ ହେବେ। ଦର୍ଶକମାନଙ୍କ ପାଇଁ ୫ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯିବ ବୋଲି କମିସନରଟେ ପୁଲିସ ପକ୍ଷରୁ କୁହାଯାଇଛି। କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ବିନା ମାସ୍କରେ ମ୍ୟାଚ୍ ଦେଖିବା ପାଇଁ ବାରବାଟୀ ଷ୍ଟାଡିୟମକୁ ପ୍ରବେଶ ଅନୁମତି ମିଳିବ ନାହିଁ । ଏହା ପୂର୍ବରୁ ନୋ ମାସ୍କ ନୋ ଏଂଟ୍ରି ନେଇ ସ୍ପଷ୍ଟ କରାଯାଇଛି । ଉତ୍ସାହ ଏବଂ ଉଦ୍ଦିପନା ନାମରେ ଗଣ୍ଡଗୋଳ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## କ୍ରାନ୍ତିବୀର ବିର୍ସାମୁଣ୍ଡାଙ୍କ ସହିଦ ଦିବସ ପାଳିତ



ବାରିପଦା, ୧୦/୦୬ (ନି.ପ୍ର): ଆସ୍କାଲ ଭୀର ବିର୍ସା ମୁଣ୍ଡା ଜାମ୍ପା ସଂଗଠନ ଏବଂ ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ସଂଘ ପକ୍ଷରୁ ମିଳିତ ଭାବେ କ୍ରାନ୍ତିବୀର ବିର୍ସାମୁଣ୍ଡାଙ୍କ ୧୨୨ ତମ ଶହୀଦ ଦିବସ କେନ୍ଦୁଆ ଛକ ଠାରେ ପାଳିତ ହୋଇ ଯାଇଛି । ପ୍ରାରମ୍ଭରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯିବା ସହିତ ପୁଷ୍ପମାଲ୍ୟଆର୍ପଣ କରାଯାଇଥିଲା । ବିର୍ସାମୁଣ୍ଡା ମୂଳନିବାସୀ ଆଦିବାସୀ ମାନଙ୍କର ଜଳ ଜଙ୍ଗଲ ଓ ଜମୀର ଅଧିକାର ପାଇଁ ଲଢ଼ିବା ସହ ମହାଜନ, ଜମିଦାରମାନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଜମିଦାର ପ୍ରଥା ଓ ରାଜସ୍ୱ ବ୍ୟବସ୍ଥା ବିରୋଧରେ ସ୍ୱରଉତୋଳନ କରିଥିଲେ । ଏହା କେବଳ ବିଦ୍ରୋହ ନଥିଲା ବରଂ ଏହା ମୂଳନିବାସୀ ଆଦିବାସୀ ସମାଜର ଅସ୍ତିତ୍ୱ, ଓ ସଂସ୍କୃତି ପରଂପରା ରକ୍ଷା ପାଇଁ ସଂଗ୍ରାମ ଥିଲା । ମୂଳନିବାସୀ ଆଦିବାସୀ ଯୁବ ସମାଜ ଶିକ୍ଷିତ ହୋଇ ସଙ୍ଗଠିତ ହେବା ସହ ନିଜ ଅଧିକାର ପାଇଁ ସଂଘର୍ଷ କରିବା ନେଇ ବକ୍ତା ମାନେ କହିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ସଂଘର ଜିଲ୍ଲା ପ୍ରଭାରୀ କରମଜୀତ ସିଂ, ପୁର୍ଣ୍ଣମା ସିଂ, ଶିକ୍ଷକ କାଂଚନ ସିଂ ପୁରୋହିତ ଭାବରେ ହାଇଡ୍ରାଲ ସିଂ ଓ ଲକ୍ଷ୍ମଣ ସିଂ ହେମନ୍ତ ସିଂ, ବୁଧୁରାମ ସିଂ, ଦୁଃଖିନ ସିଂ ପ୍ରମୁଖ ଅନେକ ମୁଣ୍ଡା ସମାଜର ଲୋକେ ଯୋଗ ଦେଇଥିଲେ ।

## ଜମିବାଡି ବିବାଦରୁ ଆକ୍ରମଣ, ୧୧ ଆହତ

ଭଦ୍ରକ, ୧୦/୦୬ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ପ ।ୟତର କୋରକୋରା ଗ୍ରାମରେ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ଜମିବାଡି ବିବାଦରୁ ଆକ୍ରମଣ ହୋଇ ୧୧ ଜଣ ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି। ଗୟାଧର ସାହୁ ଓ ମହେଶ୍ୱର ସାହୁଙ୍କ ମଧ୍ୟରେ ପୈତୃକ ଘରଡିହ ସୀମାକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ବହୁବାର ମାପଚୁପ ହୋଇ ମଧ ବିବାଦ ଥମିନଥିଲା। ମହେଶ୍ୱର ବିବାଦୀୟ ଘରଡିହରେ ପୂର୍ବରୁ ଥିବା ନିଜ ଆବାସ ଯୋଜନା ଗୃହ ପଛପଟ ଗୁହାଳକୁ ଭାଙ୍ଗି ନୂତନ ଘର ନିର୍ମାଣ ପାଇଁ ପିଲର ଗାତ ଖୋଳିବାରୁ ସାନି ବିବାଦ ସୃଷ୍ଟି ହୋଇଥିଲା। ଏଥିନେଇ ସରପ ଙ୍କ ଇଜିଲାସରେ ବିବାଦ ସମାଧାନ ପାଇଁ ଗତ ସୋମବାର ବୈଠକ ବସିଥିଲା। ପ ।ୟତ ନିର୍ଷି କୁ ମହେଶ୍ୱର ଗ୍ରହଣ କରିଥିବା ବେଳେ ଗୟାଧର ଏଡାଇ ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲା। ସେହିଦିନ ଥାନାରେ ଉଭୟପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇ ୨ ଦିନ ମଧ୍ୟରେ ଗୟାଧର ଅମିନ ଆଣି ସୀମା ନିର୍ଦ୍ଧାରଣ କରିବାକୁ ସମୟ ଦିଆଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ୨ ଦିନ ପରେ ମହେଶ୍ୱର ଗ୍ରାମବାସୀଙ୍କୁ ଡକାଇ ସୀମା ଚିହ୍ନଟ କରିବାକୁ ସୁଯୋଗ ଦିଆଯାଇଥିଲା। ଗୟାଧର ଅମିନ ନଆଣିବାରୁ ମହେଶ୍ୱର ଗୁରୁବାର ଦିନ ଗ୍ରାମବାସୀଙ୍କୁ ଡକାଇ ସୀମା ଚିହ୍ନଟ ନେଇଥିଲା। ଆଜି ସକାଳେ ଗ୍ରାମବାସୀଙ୍କ ଉପସ୍ଥିତିରେ ମହେଶ୍ୱର ପୁଅ ରବିନ୍ଦ୍ର ପିଲର ଗାତ ଖୋଳୁଥିବା ବେଳେ ପୂର୍ବ ପ୍ରସ୍ତୁତି କ୍ରମେ ଗୟାଧର, ୨ ପୁତ୍ର ଶରତ, ମନୋଜ ଓ ସ୍ୱାମୀ ପରିତ୍ୟକ୍ତା କନ୍ୟା ମମିତା ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ମହେଶ୍ୱର ଓ ୨ ପୁତ୍ରଙ୍କ ସମେତ ମୋଟ ୧୧ ଜଣ ଗ୍ରାମବାସୀ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ମହେଶ୍ୱରଙ୍କ ଅଭିଯୋଗ କ୍ରମେ ପୁଲିସ ଗୟାଧର ଓ ୨ ପୁତ୍ରଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ଏଥିନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

## ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ସଦର ବିଜେପିର ବାଲେଶ୍ୱର ବନ୍ଦ ୧୬ରେ




ବାଲେଶ୍ୱର,୧୦/୦୬ (ନି.ପ୍ର): ବାଲେଶ୍ୱରର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ବିଜେପି ସଦର ମଣ୍ଡଳ ୧୬ ତାରିଖରେ ବାଲେଶ୍ୱର ବନ୍ଦ ପାଇଁ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ମଣ୍ଡଳୀ ପକ୍ଷରୁ ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ କାଉନସିଲର ଓ କର୍ମକର୍ତ୍ତା, ବୁଦ୍ଧିଜୀବୀ ତଥା ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ପୁଲିସ ପ୍ରଶାସନର ନିଷ୍କ୍ରିୟତାକୁ ତୀବ୍ର ସମାଲୋଚନା କରିଥିଲେ। ବଢ଼ି ଚାଲିଥିବା ଅପରାଧିକ କାର୍ଯ୍ୟକଳାପରେ ସାଧାରଣ ଲୋକେ ନିଜକୁ ଅସୁରକ୍ଷିତ ମଣୁଥିବା ବେଳେ ଏନେଇ ପୂର୍ବରୁ ବିଜେପି ପକ୍ଷରୁ ପୁଲିସ ଆଇଜି ଏବଂ ଏସପିଙ୍କୁ ଦାବିପତ୍ର ପ୍ରଦାନ ମଧ୍ୟ କରାଯାଇଥିଲା। ଶେଷରେ ପୁଲି ପ୍ରଶାସନ ଓ ସରକାରଙ୍କୁ କଡ଼ା ଜବାବ ଦେବା ପାଇଁ ଆସନ୍ତା ୧୬ ତାରିଖରେ ୧୨ ଘଣ୍ଟିଆ ବାଲେଶ୍ୱର ବନ୍ଦ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ସମୂହ ସ୍ୱାର୍ଥରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ବନ୍ଦକୁ ସଫଳ କରିବା ପାଇଁ ବାଲେଶ୍ୱର ସଦର ବିଜେପି ନେତା ତଥା ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ସମସ୍ତଙ୍କୁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ନେତା ସୁଜିତ ଦେବ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଆଇନଜୀବୀ ବିଜୟ ପାଣିଗ୍ରାହୀ, ତ୍ରୈଲୋଚନ ଦାଶ, ଲକ୍ଷ୍ମୀଧର ବେହେରା, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ପୂର୍ବତନ ଅର୍ବାନ ବ୍ୟାଙ୍କ ସଭାପତି ଦୁକୁଲ ଘୋଡେଇ, କାଉନସିଲର ନିତ୍ୟଗୋପାଲ ସିଂ, କାଉନସିଲର ସସ୍ମିତା ନାଥ, କାଉନସିଲର ରୋଜାଲିନ ପାଣି, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, କାଉନସିଲର ନିରୂପମା ଦାଶ, କାଉନସିଲର ଭାରତୀ ପାତ୍ର, ପୂର୍ବତନ କାଉନସିଲର ଉପେନ୍ଦ୍ର ନାଥ ଶତପଥୀ, ସରୋଜ ହାଜରା, ଦୁର୍ଗା ବେହେରା, ମନ୍ମଥ ପାତ୍ର, ଦିଲ୍ଲୀପ ମାଝୀ, ସୌଭାଗ୍ୟ ମାନସ ନାୟକ, ପବନ କମିଳା, ମନ୍ମୟ ଦାସ, ରାଜ୍ୟ ଯୁବମୋର୍ଚ୍ଚା ସହ ସଂଯୋଜକ ବିକାଶ ପାଢୀ, ସସ୍ମିତା ଶୁକ୍ଳା, ସ୍ୱର୍ଣ୍ଣପ୍ରିୟା ନାଥ, ଝରଣା ଦାସ, ନସିମା ବିବି, ଆଶାଲତା ବାଡି, ସୁଶାନ୍ତ ବର୍ଦ୍ଧନ, ବିବେକାନନ୍ଦ ରାଉତ, ବଳରାମ ପାତ୍ର, ପିଣ୍ଟୁ ପୋଦ୍ଦାର, ଜିତେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo